ଦ୍ୱିତୀୟ ବର୍ଷ • ପ୍ରଥମ ସଂଖ୍ୟା
ନଭେମ୍ବର - ଡିସେମ୍ବର, ୨୦୧୬



ଶ୍ରୁତିନ୍ୟାସର ମୁଖପତ୍ର

# ଶ୍ରୁତିସୌରଭ

ଆଧ୍ୟାତ୍ମିକ ସାମାଜିକ ବୈଦିକ ପତ୍ରିକା (ଦ୍ୱିମାସିକ)





ଜୀବନ ନିର୍ମାଣ ଶିବିରରେ 'ଶ୍ରୁତିସୌରଭ'ର ବାର୍ଷିକ ବିଶେଷାଙ୍କ ଓ 'ଭାରତ ଅବନତିର ସାତୋଟି କାରଣ' ପୁସ୍ତକ ଉନ୍ମୋଚନ ଅବସରରେ ପୂଜ୍ୟ ସ୍ୱାମୀ ଅମୃତାନନ୍ଦ ସରସ୍ୱତୀ, ମାନ୍ୟବର ଉଚ୍ଚଶିକ୍ଷା ମନ୍ତ୍ରୀ ଡଃ. ପ୍ରଦୀପ କୁମାର ପାଣିଗ୍ରାହୀ, ମାନ୍ୟବର ବିଧାୟକ ରମେଶ ଚନ୍ଦ୍ର ଚ୍ୟାଉପଟ୍ଟନାୟକ, ବି.ଡି.ଏ. ଅଧ୍ୟକ୍ଷ ସୁବାସ ଚନ୍ଦ୍ର ମହାରଣା, ପୂଜ୍ୟ ସ୍ୱାମୀ ମୁକ୍ତାନନ୍ଦଜୀ, ପୂଜ୍ୟ ସ୍ୱାମୀ ସୁଧାନନ୍ଦ ସରସ୍ୱତୀ, ବିଦ୍ୟାମନ୍ଦିରର ପ୍ରଧାନଶିକ୍ଷକ ନାରାୟଣ ପଣ୍ଡାଙ୍କ ସହ ସମ୍ପାଦକ ପଦ୍ମନାଭ ସ୍ୱାଇଁ







ବ୍ରହ୍ମପୁରର ପୁରୁଷ ଓ ମହିଳା ଶିବିରାର୍ଥୀଗଣ




ଭଞ୍ଜନଗର ଅଞ୍ଚଳରୁ ଆଗତ ଶିବିରାର୍ଥୀଗଣ




ଚିକିଟି ଅଞ୍ଚଳରୁ ଆଗତ ଶିବିରାର୍ଥୀଗଣ




ଖୋର୍ଦ୍ଧା ଜିଲ୍ଲାର ଶିବିରାର୍ଥୀଗଣ




ରାଉରକେଲାରୁ ଆଗତ ଶିବିରାର୍ଥୀଗଣ




ବଲାଙ୍ଗିର ଜିଲ୍ଲାର ଶିବିରାର୍ଥୀଗଣ




ସୁବର୍ଣ୍ଣପୁର ଜିଲ୍ଲାର ଶିବିରାର୍ଥୀଗଣ




ବରଗଡ଼ରୁ ଆଗତ ଶିବିରାର୍ଥୀଗଣ




କୋରାପୁଟ ଓ ମାଲକାନଗିରି ଜିଲ୍ଲାର ଶିବିରାର୍ଥୀଗଣ

ସଂ ଶ୍ରୁତେନ ଗମେମହି ମା ଶ୍ରୁତେନ ବି ରାଧିଷି । (ଅଥର୍ବ.୧:୧:୪)
**ଆମେ ସର୍ବଦା ବେଦପଥର ପଥିକ ହେଉ, ବେଦପଥରୁ କଦାପି ବିଚ୍ୟୁତ ନ ହେଉ ।**


ଶ୍ରୁତିନ୍ୟାସର ମୁଖପତ୍ର

# ଶ୍ରୁତିସୌରଭ

ଆଧ୍ୟାତ୍ମିକ ସାମାଜିକ ବୈଦିକ ପତ୍ରିକା
(ଦ୍ୱିମାସିକ)

❁

ପ୍ରତିଷ୍ଠାତା
**ସ୍ୱାମୀ ସୁଧାନନ୍ଦ ସରସ୍ୱତୀ**

❁

ସମ୍ପାଦକ
**ପଦ୍ମନାଭ ସ୍ୱାଇଁ**

❁

ସହ ସମ୍ପାଦକ
**ଆନନ୍ଦ ସାମନ୍ତରାୟ**
**ଦୁଷ୍ମନ୍ତ କିଶୋର ସ୍ୱାଇଁ**

❁

ପରିଚାଳନା ମଣ୍ଡଳୀ
**ଇ. କୁମାର ସ୍ୱାମୀ**
**ଦଣ୍ଡପାଣି ମିଶ୍ର**
**ନିମାଇଁ ଚରଣ ସ୍ୱାଇଁ**
**ଗୌରଚନ୍ଦ୍ର ଦାସ**
**ଲଳିତମଞ୍ଜରୀ ଦାସ**

❁

କାର୍ଯ୍ୟାଳୟ
**ଶ୍ରୁତିନ୍ୟାସ**
**ଏଚ୍.ଆଇ.ଜି-୧୫୨, ଫେଜ୍-୭**
**ପୋ- ଶୈଳଶ୍ରୀ ବିହାର, ଭୁବନେଶ୍ୱର-୨୧**
ଚ.ଭା.: ୯୩୩୭୧୦୩୭୮୨, ୯୮୬୧୩୫୮୯୭୭
E-mail : shrutisourabha@gmail.com
Website : www.shrutinyasa.org



**Shruti Sourabha**
Spiritual Social Vedic Magazine
Bimonthly
Vol-2, Issue-1, Nov-Dec 2016


## ସୂଚୀପତ୍ର


| | | |
|---|---|---|
| ୦୧. | ଈଶ୍ୱର ସ୍ତୁତି-ପ୍ରାର୍ଥନା-ଉପାସନା | ୦୨ |
| ୦୨. | ଅବିଦ୍ୟା ବିନାଶର ଉପାୟ | ୦୫ |
| ୦୩. | ସମୟର ସଦୁପଯୋଗ କର | ୧୬ |
| ୦୪. | ଯୋଗଦର୍ଶନ ଅନୁସାରେ ଦୁଃଖ ଚାରି ପ୍ରକାର | ୧୮ |
| ୦୫. | ସ୍ୱରାଜ ଓ ଆର୍ଯ୍ୟସମାଜ | ୨୫ |
| ୦୬. | ତୁଳସୀ | ୩୦ |


## ଏକାତ୍ମତା ସୂତ୍ର

| | | |
|---|---|---|
| ଆମର ଏକ ଧର୍ମ | - | ବୈଦିକ ଧର୍ମ |
| ଆମର ଏକ ମୂଳ ଧର୍ମଗ୍ରନ୍ଥ | - | ବେଦ |
| ଆମର ଏକ ଉପାସ୍ୟ ଦେବ | - | ଓ୩ମ୍ |
| ଆମର ଏକ ଅଭିବାଦନ | - | ନମସ୍ତେ |
| ଆମର ଏକ ସାଂସ୍କୃତିକ ପରିଚୟ | - | ଆର୍ଯ୍ୟ |
| ଆମର ଏକ ଜାତି | - | ମନୁଷ୍ୟ |
| ଆମର ଏକ ଲକ୍ଷ୍ୟ | - | କୃଣ୍ୱନ୍ତୋ ବିଶ୍ୱମାର୍ଯ୍ୟମ୍ |


**ସଦସ୍ୟତା ଶୁଳ୍କ**
ପ୍ରତି ଖଣ୍ଡ : ₹୨୦/-, ବାର୍ଷିକ : ₹୧୦୦/-
ଆଜୀବନ(ଏଗାର ବାର୍ଷିକ): ₹୧୦୦୦/-



ଲେଖାରେ ପ୍ରକଟିତ ବିଚାର ଲେଖକଙ୍କର ନିଜସ୍ୱ । ଏଥି ନିମନ୍ତେ ସମ୍ପାଦକ ଦାୟୀ ନୁହଁନ୍ତି ।

ଶ୍ରୁତିସୁମନ:

# ଈଶ୍ୱର ସ୍ତୁତି-ପ୍ରାର୍ଥନା-ଉପାସନା

**ସ୍ୱାମୀ ସୁଧାନନ୍ଦ ସରସ୍ୱତୀ**

**ଓ୩ମ୍ ବିଶ୍ୱାନି ଦେବ ସବିତର୍ଦ୍ଦୁରିତାନି ପରା ସୁବ। ଯଦ୍ ଭଦ୍ରନ୍ତନ୍ନ ଆ ସୁବ ॥୧॥**

(ଯଜୁଃ. ୩୦:୩)

**ପଦାର୍ଥ —** **(ଦେବ)** ହେ ଦିବ୍ୟ ଗୁଣ-କର୍ମ-ସ୍ୱଭାବଯୁକ୍ତ, ସର୍ବସୁଖଦାତା, **(ସବିତଃ)** ସକଳ ଜଗତର ଉତ୍ପତ୍ତିକର୍ତ୍ତା, ସମସ୍ତ ଐଶ୍ୱର୍ଯ୍ୟଯୁକ୍ତ, ଉତ୍ତମ-ଗୁଣ-କର୍ମ-ସ୍ୱଭାବରେ ପ୍ରେରକ ପରମେଶ୍ୱର! ଆପଣ କୃପା କରି ଆମର **(ବିଶ୍ୱାନି)** ସମ୍ପୂର୍ଣ୍ଣ **(ଦୁରିତାନି)** ଦୁର୍ଗୁଣ, ଦୁର୍ବ୍ୟସନ ଓ ଦୁଃଖ **(ପରା ସୁବ)** ଦୂର କରିଦିଅନ୍ତୁ ଏବଂ **(ଯତ୍)** ଯାହା **(ଭଦ୍ରମ୍)** କଲ୍ୟାଣକାରକ ଗୁଣ, କର୍ମ, ସ୍ୱଭାବ ଓ ପଦାର୍ଥ **(ତତ୍)** ତାହା **(ନଃ)** ଆମକୁ **(ଆ ସୁବ)** ପ୍ରାପ୍ତ କରାନ୍ତୁ।

ସକଳ ଜଗତ ଉତ୍ପତ୍ତିକରତା, ସମସ୍ତ ଐଶ୍ୱର୍ଯ୍ୟବନ୍ତ,
ହେ ଶୁଦ୍ଧସ୍ୱରୂପ, ଦିବ୍ୟଗୁଣାଧିପ, ସର୍ବସୁଖ ପ୍ରଦାୟକ!
ସମ୍ପୂର୍ଣ୍ଣ ଦୁର୍ଗୁଣ, ଦୁଃଖ, ଦୁର୍ବ୍ୟସନ ଦୂର କରିଣ ବହନ।
ଭଦ୍ର ଗୁଣ, କର୍ମ, ଶୀଳ, ଦ୍ରବ୍ୟ ଦାନେ ସରସ କର ଜୀବନ ॥

**ଓ୩ମ୍ ହିରଣ୍ୟଗର୍ଭଃ ସମବର୍ତ୍ତତାଗ୍ରେ ଭୂତସ୍ୟ ଜାତଃ ପତିରେକ ଆସୀତ୍। ସ ଦାଧାର ପୃଥିବୀଂ ଦ୍ୟାମୁତେମାଂ କସ୍ମୈ ଦେବାୟ ହବିଷା ବିଧେମ ॥୨॥**

(ଯଜୁଃ. ୧୩:୪)

**ପଦାର୍ଥ —** **(ଭୂତସ୍ୟ)** ଉତ୍ପନ୍ନ ହୋଇଥିବା ସମଗ୍ର ସଂସାରର **(ଜାତଃ)** ରଚୟିତା ଓ **(ପତିଃ)** ପାଳନକର୍ତ୍ତା, ସ୍ୱାମୀ **(ଏକଃ)** ଏକ-ଅଦ୍ୱିତୀୟ **(ହିରଣ୍ୟଗର୍ଭଃ)** ସ୍ୱପ୍ରକାଶସ୍ୱରୂପ ଏବଂ ସୂର୍ଯ୍ୟ-ତାରା, ଗ୍ରହ-ଉପଗ୍ରହ ପ୍ରଭୃତି ସମସ୍ତ ପ୍ରକାଶ-ପିଣ୍ଡଙ୍କ ଉତ୍ପାଦକ ଓ ଧାରକ ପରମେଶ୍ୱର **(ଅଗ୍ରେ)** ସୃଷ୍ଟି ଉତ୍ପତ୍ତି ପୂର୍ବରୁ **(ସମବର୍ତ୍ତତ)** ବିଦ୍ୟମାନ **(ଆସୀତ୍)** ଥିଲେ। **(ସଃ)** ସେହି ପରମାତ୍ମା **(ଇମାମ୍)** ଏହି **(ପୃଥିବୀମ୍)** ଭୂଲୋକ (ପ୍ରକାଶ ରହିତ ପୃଥିବୀ) **(ଉତ)** ଓ **(ଦ୍ୟାମ୍)** ଦ୍ୟୁଲୋକ (ପ୍ରକାଶମାନ୍ ସୂର୍ଯ୍ୟାଦି ଲୋକ)କୁ **(ଦାଧାର)** ଧାରଣ କରିଛନ୍ତି। ଆମେ ସେହି **(କସ୍ମୈ)** ସୁଖସ୍ୱରୂପ, ପ୍ରଜାପାଳକ **(ଦେବାୟ)** ଶୁଦ୍ଧ ସ୍ୱରୂପ, ପ୍ରକାଶମାନ୍ ପରମାତ୍ମାଙ୍କୁ **(ହବିଷା)** ପ୍ରାପ୍ତିଯୋଗ୍ୟ ଯୋଗାଭ୍ୟାସ ଓ ଅତିପ୍ରେମରେ **(ବିଧେମ)** ବିଶେଷ ଭକ୍ତି କରୁଁ।

ସରବ ପ୍ରକାଶ-ପିଣ୍ଡଙ୍କ ନିବାସ ଅଟଇ ଗରଭେ ତବ।
ସୃଷ୍ଟି ପୂରୁବରୁ ରହିଥିଲ ତୁମେ, ରହିଅଛ, ରହିଥିବ ॥
ଭୂଲୋକ-ଦ୍ୟୁଲୋକ ଧାରକ-ରକ୍ଷକ ଏକ-ଅଦ୍ୱିତୀୟ ସ୍ୱାମୀ।
ଜ୍ଞାନ-କର୍ମ-ଭକ୍ତି-ଯୋଗ ସାଧି ଆମେ ପ୍ରାପ୍ତକରୁଁ ଅନ୍ତର୍ଯ୍ୟାମୀ ॥

**ଓ୩ମ୍ ଯ ଆତ୍ମଦା ବଲଦା ଯସ୍ୟ ବିଶ୍ୱ ଉପାସତେ ପ୍ରଶିଷଂ ଯସ୍ୟ ଦେବାଃ। ଯସ୍ୟ ଛାୟାଽମୃତଂ ଯସ୍ୟ ମୃତ୍ୟୁଃ କସ୍ମୈ ଦେବାୟ ହବିଷା ବିଧେମ ॥୩॥**

(ଯଜୁଃ. ୨୫:୧୩)

**ପଦାର୍ଥ —** **(ଯଃ)** ଯେଉଁ ପରମାତ୍ମା **(ଆତ୍ମଦାଃ)** ଆତ୍ମଜ୍ଞାନଦାତା, **(ବଲଦାଃ)** ଶାରୀରିକ, ଆତ୍ମିକ ଓ ସାମାଜିକ ବଳ ପ୍ରଦାତା, **(ବିଶ୍ୱେ)** ସମସ୍ତ **(ଦେବାଃ)** ବିଦ୍ୱାନ୍‌ମାନେ **(ଯସ୍ୟ)** ଯାହାଙ୍କର **(ଉପାସତେ)** ଉପାସନା କରନ୍ତି, **(ଯସ୍ୟ)** ଯାହାଙ୍କର **(ପ୍ରଶିଷମ୍)** ସତ୍ୟସ୍ୱରୂପ ଶାସନ, ନ୍ୟାୟ, ଶିକ୍ଷାକୁ ମାନନ୍ତି, **(ଯସ୍ୟ)** ଯାହାଙ୍କର **(ଛାୟା)** ଆଶ୍ରୟ ହିଁ **(ଅମୃତମ୍)** ମୋକ୍ଷସୁଖଦାୟକ, **(ଯସ୍ୟ)** ଯାହାଙ୍କର ଭକ୍ତି ନ କରିବା, ଯାହାଙ୍କୁ ନମାନିବା, ଯାହାଙ୍କ ଆଜ୍ଞାର ବିରୁଦ୍ଧାଚରଣ କରିବା ହିଁ **(ମୃତ୍ୟୁଃ)** ମୃତ୍ୟୁ ଆଦି ଦୁଃଖର କାରଣ, ଆମେମାନେ ସେହି **(କସ୍ମୈ)** ସୁଖସ୍ୱରୂପ **(ଦେବାୟ)** ସକଳ ଜ୍ଞାନ ପ୍ରଦାୟକ ପରମାତ୍ମାଙ୍କ ପ୍ରାପ୍ତି ନିମିତ୍ତ **(ହବିଷା)** ଆତ୍ମା ଓ ଅନ୍ତଃକରଣ ଦ୍ୱାରା **(ବିଧେମ)** ଭକ୍ତି କରୁ ଅର୍ଥାତ୍ ତାଙ୍କରି ଆଜ୍ଞା ପାଳନରେ ସଦା ତତ୍‌ପର ରହୁ।

ଆତ୍ମଜ୍ଞାନଦାତା, ସର୍ବବଳଦାତା, ବିଶ୍ୱବନ୍ଦ୍ୟ ଭଗବାନ।
କରି ଉପାସନା ବିଶ୍ୱ-ବିଜ୍ଞଜନ ମାନନ୍ତି ନ୍ୟାୟ, ଶାସନ ॥
ତବାଶ୍ରୟ ମୋକ୍ଷ, ଅନାଶ୍ରୟ ମୃତ୍ୟୁ ଆଦି ଦୁଃଖର କାରଣ।
ଆନନ୍ଦସ୍ୱରୂପ, ଜ୍ଞାନପ୍ରଦାୟକ! ତବାଜ୍ଞା କରୁଁ ପାଳନ ॥

**ଓ୩ମ୍ ଯଃ ପ୍ରାଣତୋ ନିମିଷତୋ ମହିତ୍ୱୈକଃ ଇଦ୍ରାଜା ଜଗତୋ ବଭୂବ। ଯଃ ଈଶେଽଅସ୍ୟ ଦ୍ୱିପଦଶ୍ଚତୁଷ୍ପଦଃ କସ୍ମୈ ଦେବାୟ ହବିଷା ବିଧେମ ॥୪॥**

(ଯଜୁଃ. ୨୩:୩)

**ପଦାର୍ଥ —(ଯଃ)** ଯିଏ **(ପ୍ରାଣତଃ)** ପ୍ରାଣଧାରୀ ଓ **(ନିମିଷତଃ)** ଅପ୍ରାଣୀ **(ଜଗତଃ)** ଜଗତର **(ମହିତ୍ୱା)** ସ୍ୱ ଅନନ୍ତ ମହିମା ଯୋଗୁଁ **(ଏକଃ ଇତ୍)** ଏକମାତ୍ର **(ରାଜା)** ସର୍ବୋପରି ବିରାଜମାନ ରାଜା **(ବଭୂବ)** ଅଟନ୍ତି, **(ଯଃ)** ଯିଏ **(ଅସ୍ୟ)** ଏହି **(ଦ୍ୱିପଦଃ)** ଦ୍ୱିପାଦବିଶିଷ୍ଟ ମନୁଷ୍ୟାଦି ଏବଂ **(ଚତୁଷ୍ପଦଃ)** ଚତୁଷ୍ପଦବିଶିଷ୍ଟ ଗବାଦି ପ୍ରାଣୀଙ୍କ **(ଈଶେ)** ରଚୟିତା, ଆମେ ସେହି **(କସ୍ମୈ)** ସୁଖସ୍ୱରୂପ, ସୃଷ୍ଟିପାଳକ **(ଦେବାୟ)** ସର୍ବୈଶ୍ୱର୍ଯ୍ୟଷ୍ୟଦାତା ପରମାତ୍ମାଙ୍କ ପ୍ରାପ୍ତି ନିମନ୍ତେ **(ହବିଷା)** ସ୍ୱ ସକଳ ଉତ୍ତମ ସାମଗ୍ରୀରେ **(ବିଧେୟ)** ବିଶେଷ ଭକ୍ତି କରୁଁ।

ଅନନ୍ତ ମହିମା-ମଣ୍ଡିତ ହେ ଭୂମା! ଜଗତର ସଞ୍ଚାଳକ।
ସ୍ଥାବର-ଜଙ୍ଗମ ସକଳ ପ୍ରାଣୀଙ୍କ ତୁମେ ହିଁ ଏକ ପାଳକ॥
ନର, ପଶୁ, ପକ୍ଷୀ, କୀଟ, ପତାଙ୍ଗାଦି ସରଜିଅଛ ସୃଷ୍ଟିରେ।
ଆରାଧନା ତବ କରୁଁ ଆହେ ଦେବ! ଶ୍ରଦ୍ଧା ଓ ଭକତି ଭରେ ॥

**ଓ୩ମ୍ ଯେନ ଦ୍ୟୌରୁଗ୍ରା ପୃଥିବୀ ଚ ଦୃଢ଼ା ଯେନ ସ୍ୱ ସ୍ତଭିତଂ ଯେନ ନାକଃ। ଯୋଽଅନ୍ତରିକ୍ଷେ ରଜସୋ ବିମାନଃ କସ୍ମୈ ଦେବାୟ ହବିଷା ବିଧେମ ॥୫॥**

(ଯଜୁଃ. ୩୨:୬)

**ପଦାର୍ଥ — (ଯେନ)** ଯେଉଁ ପରମାତ୍ମା **(ଉଗ୍ରା)** ତୀବ୍ର ତେଜୋମୟ **(ଦ୍ୟୌଃ)** ଦ୍ୟୁଲୋକସ୍ଥ ସୂର୍ଯ୍ୟାଦିକୁ **(ଚ)** ଓ **(ପୃଥିବୀ)** ପୃଥିବୀକୁ **(ଦୃଢ଼ା)** ଧାରଣ କରିଛନ୍ତି, **(ଯେନ)** ଯେଉଁ ଜଗଦୀଶ୍ୱର **(ସ୍ୱଃ)** ସୁଖକୁ **(ସ୍ତଭିତମ୍)** ଧାରଣ କରିଛନ୍ତି, **(ଯେନ)** ଯେଉଁ ଈଶ୍ୱର **(ନାକଃ)** ଦୁଃଖରହିତ ମୋକ୍ଷକୁ ଧାରଣ କରିଛନ୍ତି, **(ଯଃ)** ଯିଏ **(ଅନ୍ତରିକ୍ଷେ)** ଆକାଶରେ ସ୍ଥିତ **(ରଜସଃ)** ସମସ୍ତ ଲୋକ-ଲୋକାନ୍ତରକୁ **(ବିମାନଃ)** ବିବିଧ ନିୟମରେ ନିର୍ମାତା, ସଞ୍ଚାଳକ, ଆମେ ସେହି **(କସ୍ମୈ)** ସୁଖଦାୟକ **(ଦେବାୟ)** ସର୍ବକାମ୍ୟ ପରଂବ୍ରହ୍ମଙ୍କ ପ୍ରାପ୍ତି ସକାଶେ **(ହବିଷା)** ସର୍ବ ସାମର୍ଥ୍ୟରେ **(ବିଧେମ)** ବିଶେଷ ଭକ୍ତି କରୁଁ।

ଯେ ପରମ ଈଶ ଦ୍ୟୁଲୋକ-ଭୂଲୋକ-ସୁଖ-ମୋକ୍ଷର ଧାରକ,
ଲୋକ-ଲୋକାନ୍ତର ନିର୍ମାଣ କରିଣ ଅନ୍ତରିକ୍ଷେ ସଞ୍ଚାଳକ ॥
ଆନନ୍ଦସ୍ୱରୂପ, ଆନନ୍ଦଦାୟକ, ସର୍ବକାମ୍ୟ ପରାତ୍ପର।
ତୁମେ ସେହି ପ୍ରଭୁ, ତବ ଉପାସନା କରୁଁ ହେ ଜଗଦୀଶ୍ୱର!

**ଓ୩ମ୍ ପ୍ରଜାପତେ ନ ତ୍ୱଦେତାନ୍ୟନ୍ୟୋ ବିଶ୍ୱା ଜାତାନି ପରି ତା ବଭୂବ। ଯତ୍କାମାସ୍ତେ ଜୁହୁମସ୍ତନ୍ନୋଽ- ଅସ୍ତୁବୟଂ ସ୍ୟାମ ପତୟୋ ରୟୀଣାମ୍ ॥୬॥**

(ଋକ୍. ୧୦:୧୨୧:୧୦)

**ପଦାର୍ଥ —(ପ୍ରଜାପତେ)** ହେ ସମସ୍ତ ପ୍ରଜାଙ୍କ ପାଳକ, ସ୍ୱାମୀ ପରମାତ୍ମନ୍! **(ତ୍ୱତ୍)** ଆପଣଙ୍କ **(ଅନ୍ୟଃ)** ବ୍ୟତୀତ ଅନ୍ୟ କେହି **(ତା)** ସେହି ଓ **(ଏତାନି)** ଏହି **(ବିଶ୍ୱା)** ସବୁ **(ଜାତାନି)** ଉତ୍ପନ୍ନ ହୋଇଥିବା ଜଡ଼-ଚେତନ ପଦାର୍ଥକୁ **(ପରି ବଭୂବ)** ବଶୀଭୂତ କରିପାରେ ନାହିଁ। ଆପଣ ହିଁ ସର୍ବୋପରି, ଏ ସମସ୍ତ ଜଗତକୁ ବଶୀଭୂତ କରି ରଖିବାକୁ ସମର୍ଥ। **(ଯତ୍କାମାଃ)** ଯେଉଁ-ଯେଉଁ ପଦାର୍ଥର କାମନା କରୁଥିବା ଆମେ **(ତେ)** ଆପଣଙ୍କ **(ଜୁହୁମଃ)** ଆଶ୍ରୟ ନେଉ, ଯୋଗାଭ୍ୟାସ, ଭକ୍ତି ଓ ହବ୍ୟପଦାର୍ଥ ଦ୍ୱାରା ସ୍ତୁତି-ପ୍ରାର୍ଥନା-ଉପାସନା କରୁ **(ତତ୍)** ସେହି-ସେହି କାମନା **(ନଃ)** ଆମର ସିଦ୍ଧ **(ଅସ୍ତୁ)** ହେଉ। ଯଦ୍ଦ୍ୱାରାକି **(ବୟମ୍)** ଆମେ **(ରୟୀଣାମ୍)** ଧନୈଶ୍ୱର୍ଯ୍ୟର **(ପତୟଃ)** ସ୍ୱାମୀ **(ସ୍ୟାମ)** ହେଉଁ।

ହେ ପ୍ରଜାପାଳକ! ତବ ବିନୁ ଆନ ନୁହେଁ ସର୍ବଶକ୍ତିମାନ।
ତୁମେ ସର୍ବୋପରି, ଆଶ୍ରୟ ତୁମରି ଲୋଡୁଁ, ହେ କୃପାନିଧାନ!
ଚତୁର୍ବର୍ଗ-ଇଚ୍ଛା ଶୁଭ ମନୋବାଞ୍ଛା କର ହେ ପିତା ପୂରଣ।
ସଦାଚାରେ ରତ ରହି ଅବିରତ ହେଉଁ ଅଇଶ୍ୱର୍ଯ୍ୟବାନ ॥

**ଓ୩ମ୍ ସ ନୋ ବନ୍ଧୁର୍ଜନିତା ସ ବିଧାତା ଧାମାନି ବେଦ ଭୁବନାନି ବିଶ୍ୱା। ଯତ୍ର ଦେବାଃ ଅମୃତମାନଶାନାସ୍ତୃତୀୟେ ଧାମନ୍ନଧ୍ୟୈରୟନ୍ତ ॥୭॥**

(ଯଜୁଃ. ୩୨:୧୦)

**ପଦାର୍ଥ — (ସଃ)** ସେହି ପରମାତ୍ମା **(ନଃ)** ଆମ **(ବନ୍ଧୁଃ)** ଭାଇ-ବନ୍ଧୁ ସମ ସହାୟକ, **(ଜନିତା)** ସକଳ ଜଗତର ଉତ୍ପାଦକ, **(ସଃ)** ସେ **(ବିଧାତା)** ସମସ୍ତ କାମ ପୂର୍ଣ୍ଣକାରୀ। **(ବିଶ୍ୱା)** ସକଳ **(ଭୁବନାନି)** ଲୋକ-ଲୋକାନ୍ତର **(ଧାମାନି)** ନାମ, ସ୍ଥାନ ଓ ଜନ୍ମକୁ **(ବେଦ)** ଜାଣନ୍ତି। ଇଏ ସେହି ପରମାତ୍ମା **(ୟତ୍ର)** ଯାହାଙ୍କର ଆଶ୍ରୟରେ **(ତୃତୀୟେ)** ସାଂସାରିକ ସୁଖ-ଦୁଃଖରୁ ରହିତ, ନିତ୍ୟାନନ୍ଦ ଯୁକ୍ତ **(ଧାମନ୍)** ମୋକ୍ଷସ୍ୱରୂପ, ପରମାନନ୍ଦ ଧାମରେ **(ଦେବାଃ)** ବିଦ୍ୱାନ୍, ଯୋଗୀମାନେ **(ଅମୃତମ୍)** ମୋକ୍ଷକୁ **(ଆନଶାନାଃ)** ପ୍ରାପ୍ତ କରି, ମୋକ୍ଷାନନ୍ଦ ସେବନ କରି **(ଅଧ୍ୟ-ଐରୟନ୍ତ)** ସ୍ୱେଚ୍ଛାପୂର୍ବକ ବିଚରଣ କରନ୍ତି। ସେହି ପରମାତ୍ମା ଆମ ଗୁରୁ, ଆଚାର୍ଯ୍ୟ, ରାଜା ଓ ନ୍ୟାୟାଧୀଶ ଅଟନ୍ତି। ଆମେ ସମସ୍ତେ ମିଳି ସର୍ବଦା ତାଙ୍କରି ଭକ୍ତି କରିବା।

ସେହି ପରମାତ୍ମା ଆମ ବନ୍ଧୁ, ଭ୍ରାତା, ମାତା, ପିତା ଓ ବିଧାତା।
ସକଳ ଭୁବନ ଜନ୍ମ-ନାମ-ସ୍ଥାନ ଜାଣନ୍ତି ସରବଜ୍ଞାତା ॥
ତ୍ରିତାପରହିତ ନିତ୍ୟାନନ୍ଦଯୁକ୍ତ ସେ ପରମାନନ୍ଦଧାମେ।
ଅମୃତ-ଆନନ୍ଦ ଲଭି ଜ୍ଞାନୀବୃନ୍ଦ ଭ୍ରମନ୍ତି ହରଷ ମନେ ॥

**ଓ୩ମ୍ ଅଗ୍ନେ ନୟ ସୁପଥା ରାୟେଽସ୍ମାନ୍ ବିଶ୍ୱାନି ଦେବ ବୟୁନାନି ବିଦ୍ୱାନ୍। ଯୁୟୋଧ୍ୟସ୍ମଜ୍ଜୁହୁରାଣମେନୋ ଭୂୟିଷ୍ଠାନ୍ତେ ନମଃ ଉକ୍ତିଂ ବିଧେମ ॥ ୮॥**

(ୟଜୁଃ. ୪୦:୧୬)

**ପଦାର୍ଥ — (ଅଗ୍ନ)** ହେ ସ୍ୱପ୍ରକାଶ, ଜ୍ଞାନସ୍ୱରୂପ, ସନ୍ମାର୍ଗଦର୍ଶକ, ସର୍ବନାୟକ ପରମେଶ୍ୱର ! ଆପଣ କୃପାକରି **(ରାୟେ)** ସାଂସାରିକ ଐଶ୍ୱର୍ଯ୍ୟ ଓ ମୋକ୍ଷ ପ୍ରାପ୍ତି ପାଇଁ **(ଅସ୍ମାନ୍)** ଆମକୁ **(ସୁପଥା)** ଉତ୍ତମ, ଧର୍ମାତ୍ମା ଆପ୍ତ ବିଦ୍ୱାନଙ୍କ ମାର୍ଗରେ **(ନୟ)** ନିଅନ୍ତୁ। **(ଦେବ)** ହେ ସକଳ ସୁଖଦାତା ପରମାତ୍ମନ୍! ଆପଣ ଆମର **(ବିଶ୍ୱାନି)** ସମସ୍ତ **(ବୟୁନାନି)** ଜ୍ଞାନ ଓ କର୍ମ, ବିଚାର ଓ ଆଚାର **(ବିଦ୍ୱାନ୍)** ଜାଣନ୍ତି। ଅତଃ **(ଅସ୍ମତ୍)** ଆମଠାରୁ **(ଜୁହୁରାଣମ୍)** କୁଟିଳତାଯୁକ୍ତ **(ଏନଃ)** ପାପାଚରଣ **(ଯୁୟୋଧି)** ଦୂର କରନ୍ତୁ। ଆପଣଙ୍କ ଅପାର କୃପା ଓ ମହାନ୍ ଦୟା ପାଇଁ ଆମେ **(ତେ)** ଆପଣଙ୍କର **(ଭୂୟିଷ୍ଠାମ୍)** ଭୂୟୋ-ଭୂୟଃ, ଅଧିକାଧିକ **(ନମ ଉକ୍ତିମ୍)** ନମନ, ନମ୍ରତାପୂର୍ବକ ସ୍ତୁତି **(ବିଧେମ)** କରୁଛୁ।

ପଥ ପ୍ରଦର୍ଶକ, ସୁଖ ପ୍ରଦାୟକ, ସକଳ-ବିଦ୍ୟା-ନିଧାନ।
ନିଅ ସୁପଥରେ, ଦିଅ ଅନ୍ତରରେ ସର୍ବଦା ସୁଦିବ୍ୟଜ୍ଞାନ ॥
କୁଟିଳତା, କ୍ରୋଧ, ଲୋଭ, ମୋହ,ମଦ ଦୂର କର ଆମ ହୃଦୁଁ।
ତୁମରି ପ୍ରାର୍ଥନା, ସ୍ତୁତି, ଉପାସନା କରି ତରୁଁ ଭବ ସିନ୍ଧୁ ॥

❖❖❖

# SHRUTI SOURABHA

**SHRUTINYASA, HIG-152, Phase-VII, PO- Sailashree Vihar, BBSR-21**

## MEMBERSHIP FORM

**(ALL SHOULD BE FILLED IN CAPITAL LETTER)**

NAME -
ADDRESS-
PO-
VIA- Dist - PIN-
Mob. No- Email -
Annual(₹100) ☐ Life (₹1000) ☐ Amount ________
Date of Birth :
Received by :
Starting Issue :

*Signature*

**ସର୍ବେ ଭବନ୍ତୁ ସୁଖିନଃ :**

# ଅବିଦ୍ୟା ବିନାଶର ଉପାୟ

**ସ୍ୱାମୀ ସୁଧାନନ୍ଦ ସରସ୍ୱତୀ**

**ପ୍ର.କ.—** ସ୍ୱାମୀଜୀ ! ସମସ୍ତେ କହନ୍ତି ଯେ ଅବିଦ୍ୟା ଯୋଗୁଁ ହିଁ ମନୁଷ୍ୟ ସବୁ ଦୁଃଖ ଭୋଗ କରିଥାଏ । ଏହା କ'ଣ ସତ୍ୟ ? ସେ ଅବିଦ୍ୟା ଏମିତି କ'ଣ ଯେ ଏତେ ଭଲ ସ୍କୁଲ, କଲେଜ ସଂସାରରେ ହେଲାଣି, ତଥାପି ଅବିଦ୍ୟା କ'ଣ ଆହୁରି ଦୂର ହୋଇପାରୁନି ?

**ସ୍ୱାମୀଜୀ—** ଶାସ୍ତ୍ରରେ କୁହାଯାଇଛି — **ଅବିଦ୍ୟା ନେତ୍ରୀ ସର୍ବଦୁଃଖାଣାମ୍ —** ସଂସାରରେ ଯେତେ ଦୁଃଖ ଅଛି ସେସବୁ ଦୁଃଖର କାରଣ ହେଉଛି ଅବିଦ୍ୟା । ତେବେ ଅବିଦ୍ୟା କେମିତି ସବୁ ଦୁଃଖର ଜନନୀ, ଏହାକୁ ବୁଝିବାକୁ ହେଲେ ପ୍ରଥମେ ଜାଣିବାକୁ ପଡ଼ିବ ଯେ ବିଦ୍ୟା କ'ଣ ଓ ଅବିଦ୍ୟା କ'ଣ ? 'ସତ୍ୟାର୍ଥ ପ୍ରକାଶ'ର ନବମ ସମୁଲ୍ଲାସରେ ମହର୍ଷି ଦୟାନନ୍ଦ ବିଦ୍ୟା-ଅବିଦ୍ୟା ବିଷୟରେ ବିସ୍ତୃତ ଓ ସୁନ୍ଦର ଆଲୋଚନା କରିଛନ୍ତି । ଋଷିମାନଙ୍କ ବୈଶିଷ୍ଟ୍ୟ ହେଲା ଯେ ସେମାନେ ଛୋଟିଆ-ଛୋଟିଆ ପରିଭାଷା ମାଧ୍ୟମରେ ବଡ଼-ବଡ଼ ବିଷୟ ସରଳ ରୂପେ ବୁଝାଇ ଦିଅନ୍ତି । ମହର୍ଷି ଦୟାନନ୍ଦ ଲେଖିଛନ୍ତି ଯେ ବିଦ୍ୟା କାହାକୁ କୁହାଯାଏ ?— **'ବେତ୍ତି ଯଥାବତ୍ ତତ୍ତ୍ୱଂ ପଦାର୍ଥସ୍ୱରୂପଂ ଯୟା ସା ବିଦ୍ୟା'** (ସ.ପ୍ର. ନବମ)— ଯାହା ଦ୍ୱାରା ଗୋଟିଏ ପଦାର୍ଥର ସ୍ୱରୂପକୁ ଯଥାର୍ଥ ଭାବରେ ଜଣାଯାଏ, ତାହା ବିଦ୍ୟା । ଅର୍ଥାତ୍ ଯେଉଁ ପଦାର୍ଥ ଯେମିତି ଅଛି ତାକୁ ସେମିତି ଜାଣିବା, ସେମିତି ମାନିବା, ସେମିତି କହିବା ଏବଂ ସେମିତି ହିଁ ବ୍ୟବହାର କରିବାର ନାମ 'ବିଦ୍ୟା' । ଫେରେ ଅବିଦ୍ୟା କ'ଣ ? ଋଷି ଲେଖନ୍ତି — **'ଯୟା ତତ୍ତ୍ୱସ୍ୱରୂପଂ ନ ଜାନାତି, ଭ୍ରମାଦନ୍ୟସ୍ମିନ୍ନନ୍ୟନିଶ୍ଚିନୋତି ସାଽବିଦ୍ୟା'** (ସ.ପ୍ର.ନବମ.)— ଯାହାଦ୍ୱାରା ଜଣେ ବ୍ୟକ୍ତି ଯେଉଁ ପଦାର୍ଥ ଯେମିତି ଅଛି, ତାକୁ ସେମିତି ଜାଣେନି, ଅଲଗା ଭାବରେ ଜାଣେ ତାହା ଅବିଦ୍ୟା । ଅର୍ଥାତ୍ ଯେଉଁ ପଦାର୍ଥ ଯେମିତି ଅଛି ତାକୁ ସେମିତି ନ ଜାଣି ଅଲଗା ଭାବେ ଜାଣିବା, ତାକୁ ଭୁଲ୍ ଭାବରେ ମାନିବା ଭୁଲ୍ ଭାବରେ କହିବା ଏବଂ ଭୁଲ୍ ଭାବରେ ବ୍ୟବହାର କରିବାର ନାମ ହେଲା 'ଅବିଦ୍ୟା' ।

**ପ୍ର.କ.—** ସାଧାରଣତଃ ଆମେ ବୁଝିଥାଉ ଯେ ପଢ଼ା-ଲେଖା କରି ଅନେକ ବିଷୟରେ ତଥ୍ୟ ଜାଣିବା ହେଉଛି ଜ୍ଞାନ ବା ବିଦ୍ୟା ଏବଂ ପଢ଼ା-ଲେଖା ନ କରିବା, ନ ଜାଣିବା ହେଲା ଅଜ୍ଞାନ । ଯିଏ ଯେତେ ପଢ଼ାଲେଖା ବ୍ୟକ୍ତି ସିଏ ସେତେ ଜ୍ଞାନୀ, ବିଦ୍ୱାନ୍ ଓ ଯିଏ ପଢ଼ା-ଲେଖା ଲୋକ ନୁହେଁ ସେ ଅଜ୍ଞାନୀ । ଏ ସଂପର୍କରେ ଆପଣଙ୍କ ବିଚାର କ'ଣ ?

**ସ୍ୱାମୀଜୀ —** ଯେହେତୁ ସାଧାରଣରେ ଏ ଧାରଣା ଅଛି ଯେ ଯିଏ ବହୁତ ପାଠ ପଢ଼ିଛି, ଜାଣିଛି ସିଏ ଜ୍ଞାନୀ, ବିଦ୍ୱାନ୍; ତେଣୁ ହିଁ ଆଜି ଏ ପ୍ରଶ୍ନ ଉଠିଛି ଯେ ଏତେ ଭଲ ସ୍କୁଲ, କଲେଜ ଖୋଲିବା ସତ୍ତ୍ୱେ, ଶିକ୍ଷାର ଏତେ ପ୍ରସାର ହେବା ସତ୍ତ୍ୱେ, ଏତେ ଲୋକ ଏତେ ଉଚ୍ଚଶିକ୍ଷିତ ହେବା ପରେ ମଧ୍ୟ କ'ଣ ଅବିଦ୍ୟା ଆହୁରି ଅଛି ଯେ ଲୋକେ ଏତେ ଦୁଃଖ ଭୋଗ କରୁଛନ୍ତି ?

ବାସ୍ତବରେ ଜ୍ଞାନ ବା ବିଦ୍ୟାର ବିଷୟ କେତୋଟି ଅର୍ଥାତ୍ କେତୋଟି ବିଷୟରେ ମଣିଷର ଯଥାର୍ଥ ଜ୍ଞାନ ରହିବା ଆବଶ୍ୟକ, ସେକଥା ଶାସ୍ତ୍ରରେ କୁହାଯାଇଛି । ଶାସ୍ତ୍ରକାର କହୁଛନ୍ତି ଯେ, ତିନୋଟି ବିଷୟରେ ଆମର ଯଥାର୍ଥ ଜ୍ଞାନ ବା ବିଦ୍ୟା ହେବା ଦରକାର— ୧. ମୁଁ କିଏ ?, ୨. ମୋର ଲକ୍ଷ୍ୟ କ'ଣ ? ଏବଂ ୩. ସେ ଲକ୍ଷ୍ୟ ପ୍ରାପ୍ତିର ସାଧନ କ'ଣ ? ଆଜି ବିଦ୍ୟାଳୟ, ମହାବିଦ୍ୟାଳୟ ଆଦିରେ ଯେଉଁ ପାଠ ପଢ଼ାହେଉଛି ସେଥିରେ 'ମୁଁ' ମାନେ ପୁରୁଷ-ସ୍ତ୍ରୀ, କଳା-ଗୋରା, ଲମ୍ବା-ଗେଡ଼ା, ମୋଟା-ପତଳା ଶରୀର ବିଶିଷ୍ଟ ବ୍ୟକ୍ତି ବୋଲି ପଢ଼ାଯାଉଛି । ଦ୍ୱିତୀୟରେ ମୋର

ଲକ୍ଷ୍ୟ କ'ଣ ? - ଏ ସଂସାରରେ ଧନ, ଯଶ, ପ୍ରତିପତ୍ତି, ଯାନ-ବାହନ, ଘର-ଦ୍ୱାର ଆଦି ଭୌତିକ ସାଧନ ପ୍ରାପ୍ତି ଲକ୍ଷ୍ୟ ବୋଲି ଶିକ୍ଷା ଦିଆଯାଉଛି। ଏସବୁ ପ୍ରାପ୍ତିର ମାଧ୍ୟମ ରୂପେ ପୁସ୍ତକାଦି ଘୋଷିବା ଏବଂ ପରୀକ୍ଷାରେ ତାକୁ ଲେଖିବା, ଆଉ ତା' ଦ୍ୱାରା ପ୍ରମାଣ-ପତ୍ରଟିଏ ହାସଲ କରି ଚାକିରୀ ଆଦି କରିବା ବୋଲି କୁହାଯାଉଛି। ଏଣୁ ହିଁ ତ ଆଜି ଏ ପ୍ରଶ୍ନ ଉଠିଛି ଯେ ସମାଜରେ ଧନ, ଯାନ, କୋଠା-ବାଡ଼ି, କଳ-କାରଖାନା ଆଦି ତ ଏତେ ବଢ଼ିଲାଣି, ଏସବୁ ସତ୍ତ୍ୱେ ମଣିଷ ଦୁଃଖୀ କାହିଁକି ?

ଶାସ୍ତ୍ରରେ କୁହାଯାଇଛି ଯେ ଅବିଦ୍ୟା ହେଉଛି ଦୁଃଖର କାରଣ। ଆଜି ଯଦି ସମାଜରେ, ପରିବାରରେ, ବିଶ୍ୱରେ ଦୁଃଖ-କ୍ଳେଶ ବଢ଼ିଚାଲିଛି, ତେବେ ନିଃସନ୍ଦେହ ଅବିଦ୍ୟା ବଢ଼ିଚାଲିଛି। ଏଣେ ବିଦ୍ୟାଳୟ ଓ ମହାବିଦ୍ୟାଳୟଗୁଡ଼ିକର ସଂଖ୍ୟା ବି ହୁ-ହୁ ହୋଇ ବଢ଼ିଚାଲିଛି। ତେଣୁ ଏକଥା ନିଶ୍ଚିତ ଯେ, ଏ ବିଦ୍ୟାଳୟ-ମହାବିଦ୍ୟାଳୟଗୁଡ଼ିକ ଅବିଦ୍ୟା ବିନାଶର କାର୍ଯ୍ୟରେ ପୂର୍ଣ୍ଣତଃ ସଫଳ ହେଉନାହାନ୍ତି।

ଶାସ୍ତ୍ରକାର କହିଲେ ଯେ କେବଳ ଶରୀର ଓ ସଂସାର ଏ ୨ଟି ବିଷୟରେ ଶିକ୍ଷା ଦେଲେ ଯଥାର୍ଥତଃ ବିଦ୍ୟାଲାଭ ହୋଇଯାଏ ନାହିଁ। 'ମୁଁ' ହେଉଛି ଚେତନ ଆତ୍ମା, ମୋର ଲକ୍ଷ୍ୟ ଜଡ଼ ସଂସାର ନୁହେଁ, ଲକ୍ଷ୍ୟ ହେଉଛନ୍ତି ଆନନ୍ଦସ୍ୱରୂପ ପରମାତ୍ମା ଏବଂ ସେ ଲକ୍ଷ୍ୟକୁ ପ୍ରାପ୍ତ କରିବାର ସାଧନ ହେଉଛି ଏ ସଂସାର। ପରମାତ୍ମାଙ୍କ ପ୍ରାପ୍ତି ପାଇଁ ସଂସାରର ସୁବିନିଯୋଗ, ସାଂସାରିକ ପଦାର୍ଥର ଉଚିତ ଉପଯୋଗ ମୋର କର୍ତ୍ତବ୍ୟ। ଏ କଥାକୁ ଠିକ୍-ଠିକ୍ ଜାଣିବା ହେଉଛି ଯଥାର୍ଥତଃ ବିଦ୍ୟା।

ଆଜି ଉଚ୍ଚଶିକ୍ଷିତ ବ୍ୟକ୍ତି, ମହାବିଦ୍ୟାଳୟ-ବିଶ୍ୱବିଦ୍ୟାଳୟର ଡିଗ୍ରୀଧାରୀ ଲୋକଙ୍କ ଭିତରେ ବି କେମିତି ଅବିଦ୍ୟା ବସାବାନ୍ଧି ରହିଛି, ସେ ବିଷୟରେ ଗୋଟିଏ ଦୃଷ୍ଟାନ୍ତ ମୁଁ ତୁମକୁ ଦେଉଛି।

ଥରେ ମୁଁ ଜଣେ ପରିଚିତ ବ୍ୟକ୍ତିଙ୍କ ଘରକୁ ଯାଇଥିଲି। ସେ ସ୍ୱାସ୍ଥ୍ୟ ବିଭାଗର ଉଚ୍ଚ ପଦରୁ ଅବସର ନେଇଥାନ୍ତି। ସେ ଗୋଟିଏ ସହରରେ ରହୁଥାନ୍ତି। ତାଙ୍କ ପୈତୃକ ଗ୍ରାମ ସେ ସହରଠାରୁ ଦୂରରେ। ମୋତେ ସୂଚନା ମିଳିଥିଲା ଯେ ଅଳ୍ପ ଦିନ ପୂର୍ବରୁ ହିଁ ତାଙ୍କର ପିତୃବିୟୋଗ ଘଟିଛି। ମୁଁ ତାଙ୍କ ଘରକୁ ଗଲି। ସ୍ୱାଭାବିକ ରୂପେ ପିତୃବିୟୋଗ ସମ୍ବନ୍ଧୀୟ ଆଲୋଚନା ପ୍ରସଙ୍ଗ ପଡ଼ିଲା। ସେ ବ୍ୟକ୍ତି ବାରମ୍ବାର ଛିଙ୍କୁଥାଆନ୍ତି, ମଝିରେ-ମଝିରେ କାଶୁଥାଆନ୍ତି ବି। ମୁଁ ଲଘୁ ପରିହାସରେ କହିଲି, ' କ'ଣ ସ୍ୱାସ୍ଥ୍ୟ ବିଭାଗର ଅଧିକାରୀଙ୍କ ସ୍ୱାସ୍ଥ୍ୟ ବି ଖରାପ ହୋଇଗଲା !' ସେ କହିଲେ— 'ଗାଆଁରେ ବାପାଙ୍କ କ୍ରିୟାକର୍ମର ଅବ୍ୟବସ୍ଥାରେ ସ୍ୱାସ୍ଥ୍ୟ ବିଗିଡ଼ି ଯାଇଛି। ବାପା ଶେଷ ବେଳକୁ ସିନା ୫/୬ ବର୍ଷ ମୋ ପାଖରେ ଏଇଠି ରହିଲେ; କିନ୍ତୁ ତା' ପୂର୍ବରୁ ଗାଆଁରେ ରହୁଥିଲେ। ତାଙ୍କ ଦେହାନ୍ତ ପରେ ଗାଁକୁ ଶବ ନେବା ସୁବିଧାଜନକ ନ ହେବାରୁ ଏଇଠି ଅନ୍ତ୍ୟେଷ୍ଟି କାର୍ଯ୍ୟ ତ କରିଦେଲୁ। କିନ୍ତୁ ବାକି ପ୍ରେତକର୍ମ ଗାଁ'ରେ କରିବାକୁ ପଡ଼ିଲା। ସେ କ୍ରିୟା-କର୍ମରେ ଦେହ ଖରାପ ହୋଇଯାଇଛି, ଥଣ୍ଡା ଧରିନେଇଛି। ମୁଁ ପଚାରିଲି — 'ବାପାଙ୍କ ଶବ ତ ଗାଆଁକୁ ନେବା ସୁବିଧାଜନକ ହେଲା ନାହିଁ, କିନ୍ତୁ ବାପାଙ୍କ ପ୍ରେତକୁ ଗାଆଁକୁ ନେବା ସୁବିଧାଜନକ ହୋଇପାରିଲା ବୋଧହୁଏ ?' ସେ କହିଲେ — 'ଶବ ଦାହ ପରେ ଅସ୍ଥି ନେଇ ଗାଆଁକୁ ଚାଲିଗଲୁ ତ ତେଣୁ ସେଇଠି ପ୍ରେତକର୍ମ ହୋଇପାରିଲା।' ମୁଁ ପଚାରିଲି— 'ବାପାଙ୍କ ଶବ ଶ୍ମଶାନକୁ ନେଲା ବେଳକୁ ତା' ଭିତରେ ଆତ୍ମା ଥିଲା ନା ବାହାରି ଯାଇଥିଲା ?' ସେ କହିଲେ— 'ଆତ୍ମା ଶରୀରରୁ ବାହାରିଗଲେ ହିଁ ତ ଆମେ ଜଣକୁ ମୃତ ବୋଲି କହୁ। ଶରୀରରେ ଆତ୍ମା ଥିଲେ ତାକୁ ଶବ କେମିତି କୁହାଯିବ, ତାକୁ କେମିତି ଦାହ କରିବାକୁ ନିଆଯିବ ?' ମୁଁ କହିଲି — 'ତା' ମାନେ ବାପାଙ୍କ ଶରୀରରେ ପୂରା ୨୦୬ ଖଣ୍ଡ ହାଡ଼ ଥିବା ବେଳେ ଘରେ ହିଁ ଶରୀରୁ ଆତ୍ମା ବାହାରି ଯାଇଥିଲା। ତା' ପରେ ଶ୍ମଶାନକୁ ନେଇ ଶରୀରକୁ ଦାହ କରିବା ପରେ ଜଳି ଯାଇଥିବା ଗୋଟିଏ ଖଣ୍ଡିଆ ହାଡ଼ରେ ଆଉ ଥରେ ଆପଣଙ୍କ ବାପାଙ୍କ ଆତ୍ମା ଆସି ପ୍ରବେଶ କରିଗଲା ବୋଧହୁଏ। ତେଣୁ ଆପଣ ସେ ହାଡ଼ଖଣ୍ଡକୁ ଆପଣଙ୍କ ସାଙ୍ଗରେ ନେଇଯିବା ଦ୍ୱାରା ଆପଣଙ୍କ ବାପାଙ୍କ ଆତ୍ମା ଆପଣଙ୍କ ସାଥିରେ ଗାଁଆକୁ ଚାଲିଗଲା।' ସେ କହିଲେ— 'ସ୍ୱାମୀଜୀ ! ଆପଣ ତ ଏଇଭଳି କଥା

କହିବେ।’

ମୁଁ କହିଲି— ‘ ମୁଁ ଏମିତି ପ୍ରସଙ୍ଗବଶତଃ କହିଦେଲି। ଛାଡ଼ନ୍ତୁ ମୋ କଥା। କୁହନ୍ତୁ, ଆପଣ କ’ଣ କହୁଥିଲେ।’ ସେ କହିଲେ— ‘ପ୍ରେତକର୍ମ କରିବା ପାଇଁ ମୋତେ ଗାଆଁ ପୋଖରୀରେ ଅନେକ ଥର ଗାଧୋଇବାକୁ ପଡ଼ିଲା, ସେ ପୁରୋହିତ ଅନେକ ଥର ମୋତେ ସେ ଅପରିଷ୍କାର ପାଣିରେ ବୁଡ଼ାଇଲେ। ତେଣୁ ଥଣ୍ଡା ଧରିଛି ଯେ ଆଜି ଯାଏ ଛାଡୁନି।’ ମୁଁ ପଚାରିଲି— ‘ଆପଣ ସାଧାରଣତଃ ପୋଖରୀରେ ଗାଧାନ୍ତି କି ?’ ସେ କହିଲେ— ‘ଆମ ଦେହରେ ପୋଖରୀର ପାଣି କ’ଣ ଯିବ ? ତାହା ତ ଅପରିଷ୍କାର ପାଣି। ଘରେ ଆମେ ଯୋଗାଣ ହେଉଥିବା ସଫା ପାଣିରେ ଗାଧୋଉଛୁ।’ ତା’ ପରେ ପଚାରିଲି — ‘ଆପଣଙ୍କ ବାପା ଶେଷ ବେଳକୁ ପୋଖରୀରେ ଗାଧୋଉଥିଲେ କି ?’ ସେ କହିଲେ— ‘ବାପା ତ ଶେଷ ବେଳକୁ ରୁଗ୍ଣ ହୋଇପଡ଼ିଥିଲେ। ଗତ ୫/୬ ବର୍ଷ ଧରି ସେ ଗରମ ପାଣିରେ ହିଁ ଗାଧୋଉଥିଲେ। ପୂର୍ବରୁ ଆମ ଗାଆଁ ଘରେ ମୁଁ କରିଦେଇଥିବା ନଳକୂଅ ପାଣିରେ ଗାଧୁଆପାଧୁଆ କରୁଥିଲେ।’ ମୁଁ କହିଲି— ‘ଆପଣଙ୍କ ଦେହରେ ପୋଖରୀର ପାଣି ଯାଏ ନାହିଁ। ତେଣୁ ଘରେ ଗାଧାନ୍ତି। ଆପଣ କହୁଛନ୍ତି ଯେ, ଆପଣଙ୍କ ବାପାଙ୍କ ଦେହରେ ବି ପୋଖରୀର ପାଣି ଯାଉନଥିଲା। ପୂର୍ବରୁ ଘର ନଳକୂଅ ପାଣିରେ ଗାଧୋଉଥିଲେ ଏବଂ ଶେଷ ବେଳକୁ ଗରମ ପାଣିରେ। ତେବେ ପ୍ରେତକର୍ମ ନାମରେ ପୋଖରୀର ପାଣିରେ ଗାଧୋଇବାର ଏ ମୂର୍ଖତାପୂର୍ଣ୍ଣ କର୍ମ କଲେ କାହିଁକି ? ଘରେ ଗାଧୋଇବାକୁ ପ୍ରେତ କ’ଣ ମନାକଲେ ? ପୋଖରୀରେ ଗାଧୋଇ ଆପଣଙ୍କର ଏ ଅବସ୍ଥା। ଆପଣ ତ ଔଷଧ ଖାଉଛନ୍ତି। ଆପଣ ପୋଖରୀରେ ପ୍ରେତ ପାଇଁ ଗାଧୋଇଥିଲେ। ତେବେ ବାପାଙ୍କ ପ୍ରେତକୁ ବି ଯଦି ଥଣ୍ଡା ଧରିଥିବ, ସେ ବଡ଼ ଦହଗଞ୍ଜ ହେଉଥିବେ। ଔଷଧ କିଛି ପଠାଇଛନ୍ତି କି ?’ ସେ ହସିଲେ। କହିଲେ — ‘ସ୍ୱାମୀଜୀ ! ଆଉ କ’ଣ କରିବା ? ପୁରୋହିତଙ୍କ କଥା ତ ମାନିବାକୁ ପଡୁଛି।’ ମୁଁ ପଚାରିଲି — ‘ସେ ପୁରୋହିତ ବେଶି ପାଠ ପଢ଼ିଛନ୍ତି ନା ଆପଣ ? ଆପଣ ତ ସ୍ୱାସ୍ଥ୍ୟ ବିଭାଗର ଉଚ୍ଚପଦସ୍ଥ ଅଧିକାରୀ ଥିଲେ। ସ୍ୱାସ୍ଥ୍ୟ ବିଷୟରେ ଆପଣ ବେଶୀ ଜାଣିଛନ୍ତି ନା ସେ ପୁରୋହିତ ବେଶୀ ଜାଣିଛନ୍ତି ? ସେ ପାଣି ସ୍ୱାସ୍ଥ୍ୟ ପାଇଁ ହାନିକାରକ ଜାଣି ମଧ୍ୟ ଯେତେବେଳେ ଆପଣ ସେଥିରେ ବୁଡ଼ିଲେ, ତେବେ ଅଜ୍ଞାନ ଜ୍ଞାନ ଉପରେ ଅଧିକାର ସାବ୍ୟସ୍ତ କଲା ନା ଜ୍ଞାନ ଅଜ୍ଞାନକୁ ଦବାଇଲା ?’ ସେ ଚୁପ୍ ରହିଲେ।

**ପ୍ର.କ.—** ଏଇଠି ତ ଅଜ୍ଞାନ ଜ୍ଞାନକୁ ଦବାଇଦେଲା, ଅଜ୍ଞାନୀ କଥାରେ ଜ୍ଞାନୀ ପରିଚାଳିତ ହେଲେ।

**ସ୍ୱାମୀଜୀ—** ଏମିତି କାହିଁକି ହେଲା ? ବାସ୍ତବିକତା ହେଲା ଯେ ଜ୍ଞାନ କହିଲେ ଆମେ ବୁଝୁଛୁ କିଛି ବହି ପଢ଼ିବା, ପ୍ରଶ୍ନ ପଚାରିଲେ ସେ ବିଷୟରେ ତା’ର ଉତ୍ତର ଦେବା ଏବଂ ଆବଶ୍ୟକ ପଡ଼ିଲେ ଉତ୍ତର ଖାତାରେ ଲେଖିଦେବା। ଉଚ୍ଚ ଡିଗ୍ରୀଧାରୀ ଲୋକ ଏପରିକି ଚିକିତ୍ସା ପେଷାରେ ଥିବା, ଲୋକମାନଙ୍କୁ ସ୍ୱାସ୍ଥ୍ୟ ବିଷୟରେ ନିରନ୍ତର ସଚେତନ କରାଉଥିବା ଲୋକମାନେ ବି ଯେତେବେଳେ ରାସ୍ତାକଡ଼ର ଠେଲାରୁ ରାସ୍ତାରୁ ଧୂଳି-ମଇଳା ଉଡି ପଡୁଥିବା ଚାଟ୍, ପକୋଡ଼ି ଆଦି ଖାଉଥିବା ଏବଂ ଗୁପ୍‌ଚୁପ୍ ସହ କି ପ୍ରକାର ଅଶୁଦ୍ଧ ପାଣିରେ ପ୍ରସ୍ତୁତ ତେନ୍ତୁଳି ପାଣି ଅମୃତ ଭଳି ସେବନ କରୁଥିବା ଦେଖିବେ ସେତେବେଳେ କେବଳ କିଛି ପଢ଼ିଦେବା ଯେ ବିଦ୍ୟା ନୁହେଁ ଆପଣ ଏ ବିଷୟରେ ସ୍ଥିରନିଶ୍ଚିତ ହୋଇଯିବେ। ଘରେ ଗାଧୋଇବା ବେଳକୁ ସଫା କଳ ପାଣିକୁ ବି ଗରମ କରି ଗାଧାଉଥିବା ଅଥଚ ପ୍ରେତକର୍ମ, ତୀର୍ଥସ୍ନାନ, କାର୍ତ୍ତିକ ଗାଧୁଆ ନାମରେ ପଚା ପାଣିରେ ବୁଡୁଥିବା - ଏହା କେଉଁ ପ୍ରକାର ବିଦ୍ୟା ?

**ପ୍ର.କ.—** ଆପଣଙ୍କ କହିବା ତ ଯଥାର୍ଥ। କିନ୍ତୁ ଏ ସବୁର କାରଣ ହେଉଛି ଆମ ସଂସ୍କୃତି, ଆମ ପରମ୍ପରାରେ ସେଇଟା ରହିଛି ଯେ ପିତୃବିୟୋଗ ହେଉ କି ମାତୃବିୟୋଗ ହେଉ ସନ୍ତାନ ସେମାନଙ୍କ ଶୁଦ୍ଧକ୍ରିୟା କରିବ। ଏ ପ୍ରକାର କ୍ରିୟା-କର୍ମ ଦ୍ୱାରା ସେମାନଙ୍କ ଆତ୍ମା ତୃପ୍ତ ହେବାର ଯେଉଁ ଧାରଣା ଆମ ମନରେ ବସାବାନ୍ଧି ରହିଛି, ତାକୁ ତ ଆମେ କାଢ଼ିପାରିବା ନାହିଁ ନା ? ସେଇଥିପାଇଁ ହିଁ ଆମକୁ ଏସବୁ କରିବାକୁ ପଡୁଛି। ତା’ ଛଡ଼ା ଯାହା ଆମର ପରମ୍ପରା ରହିଛି ପିତୃକର୍ମ କି ମାତୃକର୍ମ ବିଷୟରେ, ଏହାକୁ ସେମିତି

ନ କଲେ ହୁଏତ ସମାଜରେ ଲୋକେ ଆମକୁ ଖରାପ ଦୃଷ୍ଟିରେ ଦେଖିବେ - କହିବେ, 'ଇଏ ଦି' ଅକ୍ଷର ପାଠ ପଢ଼ିଦେଲା ବୋଲି ତା' ବାପା-ମାଆର କ୍ରିୟା-କର୍ମ ବି ଠିକ୍ ଭାବରେ କଲାନି।' ତେବେ ଏ ପ୍ରକାର ଚିନ୍ତାଧାରାକୁ କେମିତି ବଦଳାଇବା ?

**ସ୍ୱାମୀଜୀ —** ଚିନ୍ତାଧାରାକୁ ବଦଳାଇବାର ଉପାୟ ତ ଜ୍ଞାନ, ବିଦ୍ୟା। ଲୋକେ ଯଦି କହିବେ ଯେ ପାଠ ଦି' ଅକ୍ଷର ପଢ଼ିଲା ବୋଲି ପିତା-ମାତାଙ୍କ କ୍ରିୟା-କର୍ମ ଯେମିତି କରାଯାଏ ସେମିତି କଲାନି, ତେବେ ସେମାନଙ୍କୁ ପଚାରନ୍ତୁ କ୍ରିୟା-କର୍ମର ଯଥାର୍ଥତା କ'ଣ ଓ କିପରି କରିବା ଯଥାର୍ଥ ଅଟେ ? ଅପାଠୁଆ ଲୋକେ ଯାହା କଲେ ବିଚାରଶକ୍ତିର ପ୍ରୟୋଗ ନ କରି, ପାଠପଢ଼ା ଲୋକେ ବି ଯଦି ତା'ର ମେଷାନୁସରଣ କଲେ ତେବେ ସେ ପାଠପଢ଼ାର ମୂଲ୍ୟ କ'ଣ ?

ଆମେ ପରମ୍ପରାନୁସାରେ ଯାହା ଦେଖିଆସୁଛେ, ତଦନୁସାରେ ଯାହା ଆମକୁ ଜଣାଯାଇଛି ବିଶେଷ ବିଚାରଶକ୍ତି ପ୍ରୟୋଗ ନ କରି ଗଡ୍ଡାଳିକା ପ୍ରବାହରେ ଧର୍ମ ନାମରେ ସେପରି କରିଚାଲିଛେ। ଅନ୍ୟଭାଷାରେ କହିଲେ ଏସବୁ ରୀତି-ନୀତି ବିଷୟରେ ଆମ ଭିତରେ ଯେମିତି ଜ୍ଞାନ ରହିଛି ତଦନୁସାରେ ଆମେ କର୍ମ କରିଚାଲିଛେ। କିନ୍ତୁ ଜ୍ଞାନ ବା ବିଦ୍ୟା ମାନେ ଯଥାର୍ଥରେ କ'ଣ ? ମୁଁ ପୂର୍ବରୁ କହିଛି ଯେ ଯେଉଁ ପଦାର୍ଥ ଯେମିତି ଅଟେ ତାକୁ ସେପରି ଜାଣିବା, ସେହିଭଳି ଭାବେ ମାନିବା, ସେହିଭଳି ବୋଲି କହିବା ଏବଂ ତଦନୁସାରେ ବ୍ୟବହାର କରିବାର ନାମ ଜ୍ଞାନ ବା ବିଦ୍ୟା। **ସାବୁନ୍‌ର କାମ ଯେମିତି ଲୁଗାରୁ ମଇଳା ସଫା କରିବା, ବିଦ୍ୟା ବା ଜ୍ଞାନର କାମ ସେମିତି ଅନ୍ତରର ଅଜ୍ଞାନ-ଅବିଦ୍ୟା ଦୂର କରିବା। କିନ୍ତୁ ଘରେ ସାବୁନ୍ ରଖିଦେଲେ ତ ବସ୍ତ୍ରର ମଇଳା ଆପେ ସଫା ହେବନି। ସାବୁନ୍‌ରେ ବସ୍ତ୍ର ସଫା କରିବାକୁ ପଡ଼ିବ। ସେହିଭଳି ଯଥାର୍ଥ ଜ୍ଞାନ ପ୍ରୟୋଗ କରି ଅନ୍ତରର ଅଜ୍ଞାନ ସଫା କରିବାକୁ ହେବ।**

ଆଜି ସମାଜରେ ବହୁତ ଲୋକ ଖୋଲାଖୋଲି ଭାବେ ସ୍ୱୀକାର କରୁଛନ୍ତି, ଆମ ସହ ଚର୍ଚ୍ଚା-ଆଲୋଚନା କଲେ କହୁଛନ୍ତି— ପ୍ରେତକର୍ମ ନାମରେ ଯାହା କରାଯାଉଛି, ପୂଜା-ପାଠ ନାମରେ ଯେଉଁ କର୍ମକାଣ୍ଡ ଆଦି କରାଯାଉଛି ଏସବୁରୁ ୯୯%ର ଯଥାର୍ଥତା ନାହିଁ, ଅଧିକାଂଶ ପୂଜା-ପାଠ ନିରର୍ଥକ କ୍ରିୟା ମାତ୍ର। ଏସବୁ ପଛରେ ବୁଦ୍ଧି ନାହିଁ କି ତର୍କ ନାହିଁ।' ଏପରି କହୁଥିବା ଲୋକଙ୍କ ଭିତରୁ ଅଧିକାଂଶ ପୁଣି ସେଇ ଅଯଥା କାମ କରୁଛନ୍ତି। ତା'ର ଅର୍ଥ ଏମାନଙ୍କ ଯଥାର୍ଥ ଜ୍ଞାନର ସ୍ତର କ'ଣ ? ଏମାନେ ଯାହା ଜାଣିଲେ, ମାନିଲେ, ମୁହଁରେ କହିଲେ ତାକୁ ତ କାର୍ଯ୍ୟରେ ପ୍ରୟୋଗ କଲେନି। କହୁଛନ୍ତି ଅଲଗା ଏବଂ କରୁଛନ୍ତି ଅଲଗା। ଏଣୁ ଏଭଳି ଲୋକମାନେ ଯଥାର୍ଥତଃ ଜ୍ଞାନୀ, ବିଦ୍ୱାନ୍ ନୁହନ୍ତି, ଅଜ୍ଞାନ, ଅବିଦ୍ୱାନ୍, ଅବିଦ୍ୟାଗ୍ରସ୍ତ ହିଁ ଅଟନ୍ତି। ଯେଉଁମାନେ ଧାର୍ମିକ, ଆଧ୍ୟାତ୍ମିକ କ୍ଷେତ୍ରରେ ଯେଉଁ-ଯେଉଁ ବିଷୟକୁ ବୁଦ୍ଧିହୀନ, ତର୍କବିରୁଦ୍ଧ କ୍ରିୟା ବୋଲି ନିଶ୍ଚିତ, ସେମାନେ କାହା କଥାକୁ ଭ୍ରୂକ୍ଷେପ ନ କରି ସେସବୁକୁ ଜଳାଞ୍ଜଳି ଦେବା ଉଚିତ। ଏମିତି ହେଲେ ସେମାନଙ୍କୁ ଜ୍ଞାନୀ, ବିଦ୍ୱାନ୍ କୁହାଯାଇପାରିବ।

ତେବେ ଏ ଯେଉଁ ପ୍ରଶ୍ନ ପ୍ରଥମରୁ ପଚରାଯାଇଛି— 'ଏତେ ବିଦ୍ୟାଳୟ-ମହାବିଦ୍ୟାଳୟ ଥାଇ ମଧ୍ୟ ଅବିଦ୍ୟା ଦୂର ହୋଇପାରୁନାହିଁ କି ? କାହିଁକି ? ତା'ର ଉତ୍ତର ହେଲା ଯେ ବିଦ୍ୟାଳୟ-ମହାବିଦ୍ୟାଳୟଗୁଡ଼ିକରେ— 'ମୁଁ କିଏ ? ମୋର ଲକ୍ଷ୍ୟ କ'ଣ ? ଏ ସଂସାରର ଉଦ୍ଦେଶ୍ୟ କ'ଣ ? ମୋର ଏ ସଂସାର ସହ ସଂପର୍କ କ'ଣ ଓ କାହିଁକି ? ଆମ ସଂସ୍କୃତି କ'ଣ ? ଆଧ୍ୟାତ୍ମିକତା କ'ଣ ? ଆତ୍ମା-ପରମାତ୍ମା କ'ଣ ? ଧର୍ମ କ'ଣ ? କର୍ମ-କର୍ମଫଳର ସିଦ୍ଧାନ୍ତ କ'ଣ ?' ଇତ୍ୟାଦି ବିଷୟରେ କୌଣସି ଯଥାର୍ଥ ଶିକ୍ଷା ଦିଆଯାଉନାହିଁ। ଯା' ତ ଆଦୌ ଶିକ୍ଷା ଦିଆଯାଉନାହିଁ ଅଥବା ନାମକୁ ମାତ୍ର ଉପରଠାଉରିଆ ଭାବରେ, ଯଥାତଥା। ତେଣୁ ଯେଉଁ ଅର୍ଥକରୀ ବିଦ୍ୟା ବିଦ୍ୟାଳୟରେ ପଢ଼ାଯାଉଛି ସେଥିରେ ତ ଆମେ ପ୍ରବୀଣ ହୋଇଗଲୁ, ତାକୁ ଠିକ୍ ଭାବେ ବୁଝିଗଲୁ। ପଇସା ରୋଜଗାରର ବହୁତ କଳା-କୌଶଳ ଶିଖିଗଲୁ; କିନ୍ତୁ ବ୍ୟାବହାରିକ ଜୀବନରେ ଆମ ଭିତରେ ଧର୍ମ ନାମରେ ଯେଉଁ ଅନେକ କୁସଂସ୍କାର, ଅନ୍ଧବିଶ୍ୱାସ, ଭ୍ରମଧାରଣା ରହିଯାଇଛି ତା'ର ଦୂରୀକରଣ ପାଇଁ ବିଦ୍ୟାଳୟ-

ମହାବିଦ୍ୟାଳୟରେ ସେମିତି କିଛି ଆଖିଦୃଶିଆ ବ୍ୟବସ୍ଥା ନ ଥିବାରୁ ଏ ବିଦ୍ୟାଳୟ-ମହାବିଦ୍ୟାଳୟ ଦ୍ୱାରା ସେସବୁର ମୂଳୋତ୍ପାଟନ ହୋଇପାରୁନାହିଁ।

**ପ୍ର.କ.—** ସ୍କୁଲ-କଲେଜରେ ଯେଉଁ ପାଠ୍ୟକ୍ରମ ରହିଛି, ଆମକୁ ତ ସେଇଆ ହିଁ ପଢ଼ିବାକୁ ପଡ଼ିବ, ଆଉ ଆଜିର ଦୁନିଆରେ ନିଜର ଭବିଷ୍ୟତ ଗଢ଼ିବା ପାଇଁ ଆମକୁ ସେଇ ସ୍କୁଲ-କଲେଜର ଭର୍ତ୍ତି ହେବାକୁ ପଡ଼ିବ। ତା'ହେଲେ ଆପଣ କୁହନ୍ତୁ ତ ଯେଉଁ ଅଜ୍ଞାନ ବା ଅବିଦ୍ୟା ଆମକୁ ଦୁଃଖ ଦେଉଛି ତାକୁ ଦୂର କରିବା ପାଇଁ, ମଣିଷ ମନରେ ଜ୍ଞାନର ଆଲୋକ ଜାଳିବା ପାଇଁ ଆମକୁ ଆଉ କ'ଣ ସବୁ ପଦକ୍ଷେପ ନେବାକୁ ପଡ଼ିବ ?

**ସ୍ୱାମୀଜୀ —** ପ୍ରଥମ କଥା ତ ହେଲା ଯେ, କୌଣସି ରୋଗକୁ ଦୂର କରିବାକୁ ହେଲେ ପ୍ରଥମେ ସେ ରୋଗର ସ୍ୱରୂପକୁ, ତା'ର ଗଭୀରତାକୁ ଠିକ୍ ରୂପେ ଜାଣିବାକୁ ପଡ଼ିବ। ତା' ପରେ ଦ୍ୱିତୀୟ କଥା ହେଲା ସେ ରୋଗର ଉପଶମ କାହା ଦ୍ୱାରା ଯଥାର୍ଥରେ ହୋଇପାରିବ ସେ ଠିକ୍ ଔଷଧ ଦେବାକୁ ପଡ଼ିବ। ଏସବୁ ପାଇଁ ଜଣେ ଯୋଗ୍ୟତାସମ୍ପନ୍ନ ଚିକିତ୍ସକଙ୍କ ସହ ପରାମର୍ଶ କରିବାକୁ ପଡ଼ିବ। ପୂର୍ବରୁ ଯେଉଁ ଗୁରୁକୁଳ ବ୍ୟବସ୍ଥା ଥିଲା ସେଥିରେ ଲୌକିକ ଓ ଆଧ୍ୟାତ୍ମିକ ଉଭୟ ପ୍ରକାର ବିଦ୍ୟାରେ ପାରଙ୍ଗତ ଗୁରୁ, ଆଚାର୍ଯ୍ୟ ରହୁଥିଲେ ଏବଂ ଉଭୟ ବିଷୟରେ ଶିକ୍ଷା ଦିଆଯାଉଥିଲା। ଆଜିର ବିଦ୍ୟାଳୟ-ମହାବିଦ୍ୟାଳୟରେ ଲୌକିକ ଜ୍ଞାନ ବିଷୟରେ ତ ଶିକ୍ଷା ଦିଆଯାଉଛି। ପେଟ ପୋଷିବା ପାଇଁ, ଜୀବିକା ଅର୍ଜନ ସକାଶେ ଆମକୁ ତ ତାହା ପଢ଼ିବାକୁ ପଡ଼ିବ। କିନ୍ତୁ ବିଦ୍ୟାଳୟ-ମହାବିଦ୍ୟାଳୟରେ ଧର୍ମ ବିଷୟରେ ଠିକ୍-ଭୁଲ୍‌ର ପ୍ରାୟ ଆଲୋଚନା ନାହିଁ, ଆଧ୍ୟାତ୍ମିକ ଜ୍ଞାନର ଶିକ୍ଷା ନାହିଁ, ଆଧ୍ୟାତ୍ମିକ ଦିଗ୍‌ଦର୍ଶକ ନାହାନ୍ତି। ଏଣୁ ଅଳ୍ପ କିଛି ଅବିଦ୍ୟା ତ ବିଦ୍ୟାଳୟ-ମହାବିଦ୍ୟାଳୟ ମାଧ୍ୟମରେ ଦୂର ହୋଇପାରୁଛି; ଯା' ବିଷୟରେ କି ଶ୍ରେଣୀଗୃହରେ କି ବିଜ୍ଞାନାଗାରରେ ପରୀକ୍ଷା-ନିରୀକ୍ଷା ଦ୍ୱାରା ଜଣାଯାଇପାରୁଛି। କିନ୍ତୁ ଧର୍ମ, ଆଧ୍ୟାତ୍ମ, ଆମର ବ୍ୟବହାର, ସାମାଜିକ ପ୍ରଥା-ପଦ୍ଧତି, ରୀତି-ନୀତି ସମ୍ବନ୍ଧୀୟ ଆଉ କିଛି ଅବିଦ୍ୟା ବିଷୟରେ ବିଦ୍ୟାଳୟ ମହାବିଦ୍ୟାଳୟରେ ବିଶେଷ କିଛି ସ୍ପଷ୍ଟ ବୁଝାଯାଉନାହିଁ ଅଥବା ଯାହା କିଛି ଲୌକିକ ସମ୍ବନ୍ଧୀୟ ବୁଝାଯାଉଛି ସେ ଜ୍ଞାନକୁ ଧର୍ମ-ପୂଜାପାଠ କ୍ଷେତ୍ରରେ ଆମେ ଆଦୌ ବ୍ୟବହାର କରୁନାହୁଁ। କିନ୍ତୁ ମଣିଷକୁ ପୂର୍ଣ୍ଣ ସୁଖୀ ହେବା ପାଇଁ ଲୌକିକ ଓ ଆଧ୍ୟାତ୍ମିକ ଉଭୟ ପ୍ରକାର ଯଥାର୍ଥ ଜ୍ଞାନ ଆବଶ୍ୟକ। ଆଜି ଯେହେତୁ ଶିକ୍ଷାୟତନଗୁଡ଼ିକରେ ଆଧ୍ୟାତ୍ମିକ ଜ୍ଞାନ ଶିକ୍ଷାର କୌଣସି ବ୍ୟବସ୍ଥା ନାହିଁ, ତେଣୁ ଆମକୁ ବିଦ୍ୟାଳୟ ବାହାରେ ଏଥିପାଇଁ ଅନ୍ୱେଷଣ କରିବାକୁ ପଡ଼ିବ। **ପ୍ରତ୍ୟେକ ବ୍ୟକ୍ତିର ଜୀବନରେ ଯଥାର୍ଥ ଆଧ୍ୟାତ୍ମିକ ମାର୍ଗଦର୍ଶକ, ଗୁରୁ, ଆଚାର୍ଯ୍ୟ ଏକାନ୍ତ ଆବଶ୍ୟକ। ଅବିଦ୍ୟା ଦୂରୀକରଣ ପାଇଁ ଏହା ଏକାନ୍ତ ଅପରିହାର୍ଯ୍ୟ।**

ପୂର୍ବରୁ ଆମେ ଆଲୋଚନା କରିଛେ ଯେ ରୋଗ ଦୂରୀକରଣ ପାଇଁ ରୋଗକୁ ଠିକ୍ ରୂପେ ଜାଣିବା ପ୍ରଥମ ଆବଶ୍ୟକତା। ତେଣୁ ଅବିଦ୍ୟାର ବିନାଶ ପାଇଁ ଆମକୁ ଅବିଦ୍ୟାର ସ୍ୱରୂପକୁ ଭଲ ଭାବେ ବୁଝିବାକୁ ହେବ। ଯୋଗଦର୍ଶନରେ ମହର୍ଷି ପତଞ୍ଜଳି ଅବିଦ୍ୟାର ସ୍ୱରୂପକୁ ବିସ୍ତୃତ ଓ ପ୍ରାଞ୍ଜଳ ଭାବେ ବୁଝାଇଛନ୍ତି—

**ଅନିତ୍ୟାଶୁଚିଦୁଃଖାନାତ୍ମସୁ ନିତ୍ୟଶୁଚି-ସୁଖାତ୍ମଖ୍ୟାତିରବିଦ୍ୟା।** (ଯୋଗ.୨:୫)

୧. ଅନିତ୍ୟ, ୨. ଅଶୁଚି, ୩. ଦୁଃଖ ଓ ୪. ଅନାତ୍ମା- ଏ ୪ଟିକୁ ଯଥାକ୍ରମେ ୧. ନିତ୍ୟ, ୨. ଶୁଚି, ୩. ସୁଖ ଓ ୪. ଆତ୍ମା ବୋଲି ଜାଣିବାର ନାମ ହେଉଛି ଅବିଦ୍ୟା। ଅର୍ଥାତ୍ ୧. ଅନିତ୍ୟକୁ ନିତ୍ୟ ବୋଲି ଜାଣିବା, ୨. ଅପବିତ୍ରକୁ ପବିତ୍ର ମନେକରିବା, ୩. ଦୁଃଖକୁ ସୁଖ ବୋଲି ବିବେଚନା କରିବା ଏବଂ ୪. ଅଚେତନ(ଜଡ଼)କୁ ଚେତନ ବୋଲି ବିଚାର କରିବାର ନାମ ଅବିଦ୍ୟା।

**୧. ଅନିତ୍ୟକୁ ନିତ୍ୟ ବୋଲି ଜାଣିବା—** ନିତ୍ୟ ମାନେ ଚିରସ୍ଥାୟୀ। ଅନିତ୍ୟ ମାନେ ଅସ୍ଥାୟୀ, ଯାହାକି ସର୍ବଦା ରହିବ ନାହିଁ, ଚାଲିଯିବ। ଆମେ ଆମ ବ୍ୟାବହାରିକ ଜୀବନରେ କେଉଁ-କେଉଁ ଭାବରେ ଅନିତ୍ୟକୁ ନିତ୍ୟ ବୋଲି ବିଚାର କରୁ ? ଲୋକେ ଭାବନ୍ତି- ଏ ଯେଉଁ ଜମି-ବାଡ଼ି, ଘର-ଦ୍ୱାର ଅଛି ଏସବୁ ସହ ଆମ ସଂପର୍କ ନିତ୍ୟ ଅର୍ଥାତ୍ ଏସବୁ

ଆମ ସାଙ୍ଗରେ ସର୍ବଦା ରହିବ। ମୁହଁରେ କେହି-କେହି କହୁଥାଇପାରନ୍ତି ଯେ, କିଛି ସ୍ଥାୟୀ ନୁହେଁ ବୋଲି; କିନ୍ତୁ କାମରେ କଲାବେଳେ କଥାର ଓଲଟା କରିଥାନ୍ତି। ସେଇଥି ପାଇଁ ଅନ୍ୟର ଜମି, ସରକାରୀ ଜମି କେମିତି ହଡ଼ପ କରିହେବ ସେ ଫନ୍ଦି-ଫିକରରେ ଥାଆନ୍ତି। ଏଭଳି ଭାବେ ଚାଖଣ୍ଡେ-ହାତେ ଜମି ଅକ୍ତିଆର କରିଦେଲେ ସେମାନଙ୍କୁ ସ୍ୱର୍ଗସୁଖ ପାଇଗଲା ଭଳି ଲାଗେ। ସେଥିପାଇଁ ଯାହାର ଯେତେ ଅସୁବିଧା ହେଲେ ବି ସେ ଦିଗକୁ ନଜର ନାହିଁ। ହାତେ-ଚାଖଣ୍ଡେ ଜମି ପାଇଁ ଭାଇ-ଭାଇ, ପଡ଼ୋଶୀ-ପଡ଼ୋଶୀ ମାରପିଟ୍ ହୋଇ କୋର୍ଟ-କଚେରୀ ଦଉଡ଼ି ସେ ଜମିର ମୂଲ୍ୟଠାରୁ ଅଧିକ ଟଙ୍କା କୋର୍ଟକଚେରୀରେ ଖର୍ଚ୍ଚ କରନ୍ତି। ଚିରଦିନ ପାଇଁ ଶତ୍ରୁତା ତିଆରି ହୁଏ। ମଲାବେଳକୁ ଜମି ତ ସାଙ୍ଗରେ ଯାଏ ନାହିଁ, ଶତ୍ରୁତାର ସଂସ୍କାର ଅବଶ୍ୟ ସାଙ୍ଗରେ ଯାଏ।

ପ୍ରବଚନ ପାଇଁ ମୁଁ ଗୋଟିଏ ବଡ଼ ନଗରକୁ ଯାଇଥିଲି। ଜଣେ ଶ୍ରୋତା ଭୋଜନ ପାଇଁ ମୋତେ ତାଙ୍କ ଘରକୁ ନିମନ୍ତ୍ରଣ କଲେ। ମୋତେ ନେଇଯିବା ପାଇଁ ଟ୍ୟାକ୍‌ସି ନେଇ ଆସିଲେ ଏବଂ କହିଲେ— 'ଆମ ଗଳିର ରାସ୍ତା ଭାଙ୍ଗିଯାଇଛି। ତେଣୁ ମୁଁ ମୋ ଗାଡ଼ି ଆଣିପାରିଲି ନାହିଁ। ଏ ଟ୍ୟାକ୍ସିରେ ଚାଲିଯିବା।' 'କିଛି ଅସୁବିଧା ନାହିଁ' କହି ମୁଁ ତାଙ୍କ ସହ ଚାଲିଲି। ତାଙ୍କ ଗଳିର ମୋଡ଼ରୁ ଆମେ ଓହ୍ଲାଇଗଲୁ। ସେଇଠି କ'ଣ ହୋଇଥାଏ କି ଗଳିଟି ପ୍ରାୟ ୮ ଫୁଟର ହେବ। ରାସ୍ତାର ମଝି ଦେଇ ନାଳ ଯାଇଥାଏ ଓ ତା' ଉପରେ କଂକ୍ରିଟ ଘୋଡ଼ଣୀ(ସ୍ଲାବ୍)ଗୁଡ଼ିଏ ପଡ଼ି ରାସ୍ତା ହୋଇଥାଏ। ମୋଡ଼ ପାଖ ସ୍ଲାବ୍‌ଟି ଭାଙ୍ଗିଯାଇଥିବାରୁ ଗାଡ଼ିମୋଟର ଯାଇପାରୁ ନଥାଏ। ସେ ଗଳିର ନିବାସୀମାନେ କଡ଼ ଦେଇ ଚାଲିଚାଲି ଘରକୁ ଯାଉଥାନ୍ତି। ମୁଁ ପଚାରିଲି — 'ଏତେ ସଂକୀର୍ଣ୍ଣ ଗଳି ଏବଂ ରାସ୍ତା ମଝିରେ ପୁଣି ନାଳ ?' ସେ କହିଲେ— 'ସ୍ୱାମୀଜୀ ! ବିଲ୍‌ଡରମାନେ ପ୍ଲଟ୍‌ର ନକ୍‌ସା ଦେଖାଇବା ବେଳେ ୨୦ଫୁଟ୍ ରାସ୍ତା ଦେବୁ କହି ପଇସା ନେଇଗଲେ। ୪-୫ ବର୍ଷ ପରେ ଜାଗା ଦେବା ବେଳକୁ ୧୪ ଫୁଟ ରାସ୍ତା ଥାଇ ପ୍ଲଟ୍ ଦେଲେ। ଆମେ ସାଧାରଣ ଲୋକ। କେତେ କୋର୍ଟ-କଚେରୀ ଦଉଡ଼ିବୁ ? ନ ନେଲେ ସେତକ ବି ମିଳିବନି। ବାଧ ହୋଇ ନେଲୁ। ତା'ଛଡ଼ା ଆମ ଲୋକଙ୍କ ଚରିତ୍ର ତ ଆପଣ ଜାଣିଛନ୍ତି। ଏମାନଙ୍କ ଲୋଭ କ'ଣ କମ୍ କି ? ଉଭୟ ପାର୍ଶ୍ୱରୁ ଲୋକେ ହାତେ-ଦେଢ଼ ହାତ ଲେଖାଏଁ ଆଗକୁ ମାଡ଼ିଆସିଲେ। ପାର୍ଶ୍ୱରେ ବତୀଖୁଣ୍ଟ ହେବା ପରେ ଆଉ ରହିଲା ୮-୯ ଫୁଟ୍ ରାସ୍ତା। ଘର-ଦ୍ୱାର ହେବାର ବହୁ ବର୍ଷ ପରେ ବାରମ୍ବାର ଅଭିଯୋଗ ପରେ ସରକାର ଡ୍ରେନ୍ କରିବାକୁ ଚିନ୍ତା କଲେ। ସେତେବେଳକୁ ଜାଗା କମ୍। ଉଭୟ ପଟେ ଯଦି ନାଳୀ କରାଯାଏ ଗାଡ଼ି ଯିବା ସମ୍ଭବ ନାହିଁ। ତେଣୁ ମଝିରେ ନାଳ କରାଯାଇ, ତା' ଉପରେ କଂକ୍ରିଟ୍ ସ୍ଲାବ୍ ପଡ଼ି ରାସ୍ତା ହୋଇଛି। ଗୋଟିଏ ଗାଡ଼ି ଗଲେ ଆଉ ଗୋଟିଏ ବାହାରିବା ଅସମ୍ଭବ ହେଉଛି। ସମସ୍ତଙ୍କରର ୨-୩ ମହଲା କୋଠା। ପ୍ରତି ଘରେ ଗାଡ଼ି। ପ୍ରତିଦିନ ସମସ୍ୟା ହେଉଛି। ତଥାପି ଅନୈତିକ ରୂପେ ବର୍ଦ୍ଧିତ ପାଚେରୀ କେହି ପଛକୁ ହଟାଇବାକୁ ପ୍ରସ୍ତୁତ ନୁହଁନ୍ତି। ସମସ୍ତେ ଦୁଃଖ ଭୋଗୁଛୁ। ଅନେକ ମହାନଗରମାନଙ୍କରେ ବି ଆମେ ଦେଖୁଛୁ ଏତେ ସଂକୀର୍ଣ୍ଣ ଗଳି ରାସ୍ତା ଯେ ଉଭୟ ପଟେ ଦୁଇଚକିଆ ଯାନ ଠିଆ ହୋଇଥିଲେ ଅଟୋଟିଏ ବି ଯିବା ଅସମ୍ଭବ। ଇଏ ସବୁ ଅବିଦ୍ୟାର କରାମତି।

ବ୍ୟକ୍ତି ଯେତେବେଳେ ଧନ-ସମ୍ପତ୍ତି ଆଦିକୁ ନିତ୍ୟ ମନେକରେ ଲାଞ୍ଚ-ମିଛ, ଅନୀତି-ଦୁର୍ନୀତି, ଶୋଷଣ-ଲୁଣ୍ଠନ, ଅପମିଶ୍ରଣ-କଳାବଜାରୀ ଆଦି ଯେନ-ତେନ ପ୍ରକାରେ ଅର୍ଥ ଉପାର୍ଜନରେ ଲାଗିପଡ଼େ। ଚିକିତ୍ସାଳୟରେ କାମ କରୁଥିବା, ଚିକିତ୍ସା ପେଷାରେ ଥିବା ଲୋକଙ୍କର ଜୀବନରେ ଅଳୀକତା ବିଷୟରେ ବେଶୀ ଜ୍ଞାନ ରହିବା ସ୍ୱାଭାବିକ, ଯେହେତୁ କି ସେମାନେ ଆଖି ଆଗରେ ଅନେକ ଲୋକଙ୍କୁ ମରୁଥିବାର, ସବୁ କିଛି ସଂସାରରେ ଛାଡ଼ି ଖାଲିହାତରେ ଯାଉଥିବାର ଦେଖନ୍ତି। କିନ୍ତୁ ଏକଥା ବି ଖବରକାଗଜରେ କମ୍ ପଢ଼ିବାକୁ ମିଳେନି ଯେ ଉତ୍କୋଚ ଦେଇନପାରିବାରୁ ସରକାରୀ ଚିକିତ୍ସାଳୟରେ କାର୍ଯ୍ୟରତ ଚିକିତ୍ସକଙ୍କ ଅବହେଳାରୁ ବି ରୋଗୀ ଅକାଳ ମୃତ୍ୟୁବରଣ କରୁଛି।

ବ୍ୟକ୍ତି ପଦ-ପଦବୀକୁ ବି ନିତ୍ୟ ମନେକରେ। ଆମେ ଦେଖିଥିବା ଯେ ଲୋକଙ୍କ ଭିତରେ ସାଧାରଣତଃ ପ୍ରବୃତ୍ତି

ଥାଏ — 'କୌଣସି ସଂଗଠନରେ ମୋତେ କୌଣସି ପଦବୀ ନ ମିଳିବା ପର୍ଯ୍ୟନ୍ତ ପଦବୀଗୁଡ଼ିକ ନିରନ୍ତର ପରିବର୍ତ୍ତିତ ହେଉଥାଉ। କିନ୍ତୁ ମୁଁ ଥରେ ସଭାପତି/ସମ୍ପାଦକ ହୋଇଗଲେ ଆଉ ସେଥିରେ ପରିବର୍ତ୍ତନ ନ ହେଉ।' କେହି ଯଦି ସଭାପତି/ସମ୍ପାଦକ ପରିବର୍ତ୍ତନ କଥା କହେ ତେବେ କେମିତି ତାକୁ ସଂଗଠନରୁ ବାହାର କରାଯିବ ସେ ଚିନ୍ତା ଅଥୟ କରିଦିଏ। ପରିଣାମ ଏପରି ହୁଏ ଯେ ସଭାପତି/ସମ୍ପାଦକ/ ଅଧ୍ୟକ୍ଷ ଆଦି ପଦରେ ଆଜୀବନ ରହିବା ପାଇଁ ବ୍ୟକ୍ତି ଦରକାର ପଡ଼ିଲେ ଗୋଟିଏ ବଡ଼ ସଂଗଠନକୁ ଭାଙ୍ଗି-ଭାଙ୍ଗି ଏକ ବ୍ୟକ୍ତି ବିଶିଷ୍ଟ ସଂଗଠନ କରିବା ପର୍ଯ୍ୟନ୍ତ ଯାଏ। ସେ ସଂଗଠନରେ ଶେଷକୁ ସେ ଜଣେ ମାତ୍ର ସଦସ୍ୟ ରହୁ ପଛକେ, ସେ ସଭାପତି ହେବ। ଆଜି ଯେତେ ସଂଗଠନ ଖଣ୍ଡ-ଖଣ୍ଡ ହେଉଛି ତା'ର ୯୦% କାରଣ ହେଉଛି ଏଇ ଅବିଦ୍ୟା— 'ଏଇ ପଦବୀ ନିତ୍ୟ। ମୁଁ କିଛି କରେ କି ନ କରେ ଏଇ ପଦରେ ମଲା ଯାଏ ରହିବି।' ଆମ ବିଦ୍ୟାଳୟ - ମହାବିଦ୍ୟାଳୟଗୁଡ଼ିକରେ ଏତେ ପାଠ ପଢ଼ା ହେଉଛି; କିନ୍ତୁ ଏ କଥାକୁ ଯଥାର୍ଥତଃ ହୃଦୟଙ୍ଗମ କରାଯାଇପାରୁନାହିଁ। ବର୍ତ୍ତମାନ ଅବିଦ୍ୟାର ଦ୍ୱିତୀୟ ଭାଗ ବିଷୟରେ ଆଲୋଚନା କରିବା।

**୨. (ଅଶୁଚି)ଅପବିତ୍ରକୁ (ଶୁଚି)ପବିତ୍ର ମନେକରିବା —** ଏଥିରେ ଅନେକ ବିଷୟ ଅନ୍ତର୍ଗତ; ଯଥା— ଅପବିତ୍ର ସ୍ଥାନକୁ ପବିତ୍ର ସ୍ଥାନ, ଅପବିତ୍ର ବସ୍ତୁକୁ ପବିତ୍ର ବସ୍ତୁ, ଅପବିତ୍ର ଗ୍ରନ୍ଥକୁ ପବିତ୍ର ଗ୍ରନ୍ଥ, ଅପବିତ୍ର କର୍ମକୁ ପବିତ୍ର କର୍ମ ମନେକରିବା ଆଦି। ଆପଣ ଶିବମନ୍ଦିରରେ ଦେଖିଥିବେ ଯେ କେହି କ୍ଷୀର ଆଣିଲେ ସେ ଶିବଲିଙ୍ଗ ଉପରେ ଢଳାହୁଏ, ପଞ୍ଚାମୃତ ଆଣିଲେ ତା' ଉପରେ ଢାଳି ଦିଆଯାଏ, ନଡ଼ିଆ-ପଇଡ଼ ପାଣି ତା' ଉପରେ ଢଳାଯାଇଥାଏ, ବେଲପତ୍ର ତା' ଉପରେ, କନିଅର-ଦୁଦୁରା-ଅରଖ-ଚମ୍ପା-କାଠଚମ୍ପା ଆଦି ଫୁଲ ବି ତା' ଉପରେ ଢଳା ଚାଲିଥାଏ। ଏସବୁର ମିଶ୍ରଣ ଜଳକୁ ଶିବ ପାଦୁକ ନାମରେ ଭକ୍ତମାନଙ୍କୁ ଦିଆଯାଏ। ଭକ୍ତମାନେ ଭକ୍ତିରେ ସେବନ କରନ୍ତି।

ଅନେକ ସମୟରେ ମୁଁ ଭ୍ରମଣରେ କେଉଁଠିକୁ ଯାଇଥିଲେ ଅନେକ ବ୍ୟକ୍ତି ମୋତେ ଆଗ୍ରହ କରନ୍ତି ନିକଟସ୍ଥ କୌଣସି ମନ୍ଦିରକୁ ବୁଲିଯିବା ପାଇଁ। ଅଧିକାଂଶ ଲୋକ ତ ବୈଦିକ ସିଦ୍ଧାନ୍ତ ସହ ପରିଚିତ ନୁହଁନ୍ତି। ଭାବନ୍ତି ସ୍ୱାମୀଜୀଙ୍କୁ ମନ୍ଦିର-ଠାକୁର ଦର୍ଶନ କରାଇବା, ସେ ଖୁସି ହେବେ। ମୁଁ ବି ଯାଏ। ସେମାନେ ସେମାନଙ୍କ କାମ କରନ୍ତି, ମୁଁ ମୋ କାମ କରେ। ଥରେ ଏମିତି ମୁଁ ଗୋଟିଏ ଶିବମନ୍ଦିରକୁ ଯାଇଥିଲି। ମୁଁ ଦ୍ୱାର ପାଖରେ ଠିଆ ହୋଇ ମନ୍ଦିର ଦେଖୁଥାଏ। ମୋତେ ସାଙ୍ଗରେ ନେଇ ଯାଇଥିବା ଲୋକଙ୍କୁ ସେ ମନ୍ଦିରର ପୂଜାରୀ ମନ୍ତ୍ର ପଢ଼ି ଶିବ ପାଦୁକ ହାତରେ ଦେଲେ ଓ ସେ ବ୍ୟକ୍ତି ସେବନ କଲେ। ମୋତେ ଦେବାରୁ ମୁଁ ମନାକଲି। ପାଖରେ ଠିଆ ହୋଇ ସେ କାର୍ଯ୍ୟ ଦେଖୁଥାଏ ଓ ଶ୍ଳୋକ ଶୁଣୁଥାଏ। ଆମେ ଫେରିବା ରାସ୍ତାରେ ସେ ବ୍ୟକ୍ତି ମୋତେ ପଚାରିଲେ— 'ସ୍ୱାମୀଜୀ! ଆପଣ ଶିବଙ୍କ ପାଦୁକ ନେଲେ ନାହିଁ ଯେ! କ'ଣ କିଛି ବ୍ରତ ଅଛି?' ମୁଁ କହିଲି— 'ଶିବ ଶବ୍ଦର ଅର୍ଥ କଲ୍ୟାଣ। ଅଶିବ ମାନେ ଅକଲ୍ୟାଣ। ଉଦକ ମାନେ ଜଳ।' ତା' ପରେ ମୁଁ ପଚାରିଲି— 'ଆପଣ ପାଦୁକ ନାମରେ ଯେଉଁ ଜଳ ପିଇଲେ ତା' ବିଷୟରେ କେବେ ଚିନ୍ତା କରିଛନ୍ତି କି ଯେ ତାହା ପିଇବା ଯୋଗ୍ୟ ନା ନାହିଁ? ପୂଜକ ସେ ପାଦୁକ ଆପଣଙ୍କ ହାତରେ ଦେଲା ବେଳେ କ'ଣ ଶ୍ଳୋକ ପଢ଼ିଲେ ଆପଣ ଶୁଣିଛନ୍ତି?' ସେ କହିଲେ— 'ପୂଜାରୀ ତ ସଂସ୍କୃତରେ କହୁଥିଲେ। ଆମେ କ'ଣ ବୁଝିପାରୁଛୁ? ମୁଁ କହିଲି— 'ମୋ କାନରେ ଯାହା ପଡିଲା, ସମ୍ଭବତଃ ସେ କହୁଥିଲେ —

**'ଅକାଳମୃତ୍ୟୁହରଣଂ ସର୍ବବ୍ୟାଧିବିନାଶନମ୍। ଶିବପାଦୋଦକଂ ପୀତ୍ୱା ଶିରସା ଧାରଣଂ କୁର୍ଯ୍ୟାତ୍ ॥'—**

ଅକାଳମୃତ୍ୟୁ ହରଣକାରୀ ସର୍ବବ୍ୟାଧିବିନାଶକ ଶିବ(କଲ୍ୟାଣକାରୀ) ପାଦୁକ ପିଇ ମୁଣ୍ଡରେ ଧାରଣ କର। ସେ ଜଳର ବାସ୍ତବିକତା କିନ୍ତୁ ଏ ଶ୍ଳୋକର ଓଲଟା।' ସେ ପଚାରିଲେ— 'କେମିତି?' ମୁଁ କହିଲି— 'ସେ ଜଳ ହେଲା କ୍ଷୀର, ନଡ଼ିଆ ପାଣି, ପଞ୍ଚାମୃତ, କନିଅର-ଦୁଦୁରା-ଅରଖ ଆଦି ଫୁଲର ମିଶ୍ରଣ। ତା' ଛଡ଼ା ଏ ଫୁଲଗୁଡ଼ିକ ଯେଉଁ ଭକ୍ତମାନେ ଆଣନ୍ତି ସେମାନେ କ'ଣ ସେସବୁକୁ ସ୍ୱଚ୍ଛ ଜଳରେ ଧୋଇ ଆଣନ୍ତି? ତେଣୁ ଏ ପାଦୁକରେ ସେ ଧୂଳି-ମଇଳା

ବି ଅତିରିକ୍ତ ଉପାଦାନ ଭାବେ ମିଶିଥାଏ। ଏହା କେତେ ବିଷାକ୍ତ ହୋଇଥିବ ଆପଣ ଅନୁମାନ କରନ୍ତୁ। ଆପଣ ଘରେ କ'ଣ କଳର ପାଣି ସିଧା ପିଅନ୍ତି ?' ସେ କହିଲେ — 'ଆମ ଘରେ ତ ଅତ୍ୟାଧୁନିକ ଛଣାଯନ୍ତ୍ର ଲାଗିଛି।' ମୁଁ କହିଲି— 'ଘରେ ପିଇଲା ବେଳକୁ ତ ଆକ୍ୱାଗାର୍ଡ ପାଣି ପିଉଛନ୍ତି, ଆଉ  ମନ୍ଦିରରେ ଏ ପାଦୁକ ନାମରେ ସଢ଼ା, ବିଷାକ୍ତ ପାଣି ! କି ଆଶ୍ଚର୍ଯ୍ୟ ! କ'ଣ ମନ୍ଦିରରେ ବୁଦ୍ଧି କାମ କରୁନି ? ଏ ପାଣି ପିଇଲେ ଅକାଳମୃତ୍ୟୁ ହରଣ ହେବ ନା ଅକାଳ ମୃତ୍ୟୁ ବରଣ କରିବେ ? ସବୁ ବ୍ୟାଧି ଯିବ ନା ନ ଥିବା ବ୍ୟାଧି  ଆସିବ ? ଇଏ ଶିବ (କଲ୍ୟାଣକାରୀ) ଜଳ ନା ଅଶିବ (ଅକଲ୍ୟାଣକାରୀ) ? ତେଣୁ ମୋ ମତରେ ଶିବମନ୍ଦିରର ପୂଜକମାନେ ଏଣିକି ଏଭଳି ଶ୍ଳୋକ ପଢ଼ି ସେ ପାଣି ଦେଲେ ଭଲ — **'ଅକାଳମୃତ୍ୟୁବରଣଂ ନାନାବ୍ୟାଧିନିମନ୍ତ୍ରଣମ୍। ଅଶିବୋଦକଂ ତୁ ପୀତ୍ୱା ଚିକିତ୍ସାଳୟଂ ହି ବ୍ରଜେତ୍॥'**— ଅକାଳମୃତ୍ୟୁ ବରଣକାରୀ, ନାନା ବ୍ୟାଧି ନିମନ୍ତ୍ରକ ଅଶିବ (ଅକଲ୍ୟାଣକାରୀ) ଜଳ ପିଇ  ଶୀଘ୍ର ଡାକ୍ତରଖାନା ଦୌଡ଼।' ସେ ହସିଲେ। ମୁଁ ପୁଣି କହିଲି— 'ଆପଣ ପଚାରୁଥିଲେ ନା ଯେ ମୋର ଆଜି କିଛି ବ୍ରତ ଅଛି କି ବୋଲି। ମୋର ସବୁବେଳ ପାଇଁ ଗୋଟିଏ ବ୍ରତ। ତାହା ହେଲା ବିଦ୍ୟା-ବୁଦ୍ଧି ପ୍ରୟୋଗ କରି ସବୁ କାମ କରିବା।  ଭଗବାନ ପ୍ରଦତ୍ତ ବୁଦ୍ଧିର ବିରୁଦ୍ଧ କାର୍ଯ୍ୟ କରିବା ନାହିଁ।  ମୋ ବୁଦ୍ଧି ଘରେ ଯାହା ମନ୍ଦିରରେ ବି ସେଇଆ। ମନ୍ଦିର ପହଞ୍ଚିଲେ କିଛି ଲୋକଙ୍କର ବୋଧେ ବିଚାର ଶକ୍ତି ଆଉ କାମ କରେ ନାହିଁ, ଆପେ ବନ୍ଦ(Auto off) ହୋଇଯାଏ ?'

**ପ୍ର.କ. —** ଧାର୍ମିକ କାର୍ଯ୍ୟ କରିବା ସମୟରେ ଆମେ ବିଚାରଶକ୍ତି ବୋଧହୁଏ ଏଇଥି ପାଇଁ ହରାଉଛେ, ବୋଧେ ବିଚାରଶକ୍ତି ଏଇଥିପାଇଁ ପ୍ରୟୋଗ କରୁନାହେଁ ଯେ ଆମ ମନ ଭିତରେ ଗୋଟିଏ ବିଶ୍ୱାସ ବସା ବାନ୍ଧିଛି କି ଧାର୍ମିକ କୃତ୍ୟଗୁଡ଼ିକ ପରମ୍ପରାନୁସାରେ ହିଁ କରିବା ଉଚିତ। ଏହାକୁ ଅବିଶ୍ୱାସ କରିବା, ଏ ବିଷୟରେ ପ୍ରଶ୍ନ ଉତ୍‌ଥାପନ କରିବା ଆମ ପରମ୍ପରାରେ ଆମକୁ ଶିଖାଯାଇନି। ବୋଧହୁଏ ଏଇଥି ପାଇଁ ଯେତେ ପଢ଼ାଲେଖା ହେଲେ ବି ଆମେ ଯାହା ଦେଖୁଛୁ-ଶୁଣୁଛୁ ତାହା ଯନ୍ତ୍ରବତ୍ କରିଚାଲିଛୁ।

**ସ୍ୱାମୀଜୀ —** ଆମେ କଥା-କଥାକେ ସଂସ୍କୃତି-ସଂସ୍କୃତି ତ କହୁଛୁ। କିନ୍ତୁ ଆମେ ଆମ ସଂସ୍କୃତି, ପରମ୍ପରାକୁ ଠିକ୍ ରୂପେ କ'ଣ ଜାଣିପାରିଛୁ ? ସଂସ୍କୃତି, ପରମ୍ପରାର ମୂଳକୁ କ'ଣ ଜାଣିଛୁ ? କେବଳ ଉପରେ-ଉପରେ ଭାସୁଛୁ। ଅଧିକାଂଶତଃ ବିକୃତିକୁ ସଂସ୍କୃତି ବୋଲି ଧରିନେଇଛୁ। ଆମେ ଆମ ସଂସ୍କୃତିର ମୂଳ ଗ୍ରନ୍ଥ 'ବେଦ' ତ ପଢୁନାହେଁ। ବେଦାନୁକୂଳ ଗ୍ରନ୍ଥଗୁଡ଼ିକୁ ମଧ୍ୟ ପ୍ରାୟ ଅଧ୍ୟୟନ କରୁନାହେଁ। ଧର୍ମଗ୍ରନ୍ଥ ନାମରେ ଅନା-ବନା ପୁସ୍ତକ ପଢ଼ି ଭ୍ରମଜାଲରେ ପଡୁଛେ। ଯଦି ବୈଦିକ ସାହିତ୍ୟ ପଢ଼ନ୍ତେ, ତେବେ ଜାଣିପାରନ୍ତେ ଯେ  ସେଥିରେ କୁହାଯାଇଛି— "ବିନା ପରୀକ୍ଷାରେ କିଛି ମଧ୍ୟ ସ୍ୱୀକାର କରିବା ଉଚିତ ନୁହେଁ। **'ପ୍ରମାଣୈରର୍ଥପରୀକ୍ଷଣଂ ନ୍ୟାୟଃ'** (ନ୍ୟାୟ. ୧:୧:୧ ବାତ୍ସା. ଭାଷ୍ୟ)— ପ୍ରମାଣ ଦ୍ୱାରା ପରୀକ୍ଷା କରି ନିର୍ଣ୍ଣୟରେ ପହଞ୍ଚିବା ହିଁ ଉଚିତ କର୍ମ।" ମହର୍ଷି ମନୁ ମଧ୍ୟ କହନ୍ତି— **'ଯସ୍ତର୍କେଣାନୁସନ୍ଧତ୍ତେ ସ ଧର୍ମଂ ବେଦ ନେତରଃ'** (ମନୁ. ୧୨:୧୦୬)— ଯେଉଁ ବ୍ୟକ୍ତି ବେଦଶାସ୍ତ୍ରାନୁକୂଳ ତର୍କ ଦ୍ୱାରା ଅନୁସନ୍ଧାନ କରିବ ସେ ହିଁ  ଧର୍ମର ଯଥାର୍ଥ ସ୍ୱରୂପକୁ ବୁଝିପାରିବ। ଆଉ ଯିଏ ଏପରି ନ କରିବ ସିଏ ଧର୍ମର ଯଥାର୍ଥ ସ୍ୱରୂପକୁ ବୁଝିପାରିବ ନାହିଁ।

**ପ୍ର.କ.—** ଆମେ କହୁଛେ ମଧ୍ୟ, ଆମର ଧାରଣା ବି ଅଛି ଯେ ବିଶ୍ୱାସରେ ଆମେ ଯେକୌଣସି କାର୍ଯ୍ୟ କରିବା, ସେଇଟା ଆମ ପାଇଁ ଭଲ ହେବ।  ଗୋଟିଏ ବିଶ୍ୱାସବୋଧ ଆମ ଭିତରେ ରହିଛି ଯେ ବିଶ୍ୱାସରେ ବିଷ ପିଇଲେ ବି ଜଣେ ପାର ହୋଇଯାଏ; କିନ୍ତୁ ଅବିଶ୍ୱାସରେ ଅମୃତ ପିଇଲେ ବି ଜୀର୍ଣ୍ଣ ହୋଇନଥାଏ। ଏଇ ବିଶ୍ୱାସକୁ କ'ଣ ଆମେ ହଟେଇ ଦେବା ?

**ସ୍ୱାମୀଜୀ —** ଯାହା ବିଶ୍ୱାସଯୋଗ୍ୟ, ଯାହାକୁ ବିଶ୍ୱାସ କରିବା ପାଇଁ ପୂର୍ବରୁ ପରୀକ୍ଷିତ ଆଧାର ରହିଛି ତାକୁ ତ ବିଶ୍ୱାସ କରିବା ଉଚିତ। କିନ୍ତୁ ଯାହା ବିଶ୍ୱାସଯୋଗ୍ୟ ନୁହେଁ, ସାଧାରଣତଃ ପ୍ରମାଣ ଏହା ବିରୁଦ୍ଧରେ ଅଛି, ତାକୁ ବିଶ୍ୱାସ କରିବା ବୁଦ୍ଧିମତ୍ତା ନୁହେଁ। ବୁଦ୍ଧିହୀନ, ବିଦ୍ୟାହୀନ,

ପରୀକ୍ଷାରହିତ, ତର୍କବିରୁଦ୍ଧ ବିଶ୍ୱାସ ଯଥାର୍ଥରେ ବିଶ୍ୱାସ ନୁହେଁ, ଅନ୍ଧବିଶ୍ୱାସ ଅଟେ। ସମସ୍ତେ ଜାଣିଛେ ଯେ ବିଷ ଖାଇଲେ ମୃତ୍ୟୁ ହୁଏ। ଏହା ବିରୁଦ୍ଧରେ ଯଦି କେହି କହେ ଯେ ବିଶ୍ୱାସରେ ବିଷ ଖାଇଲେ ବି ହଜମ ହୋଇଯାଏ, ବର୍ତ୍ତମାନ ଏହି କଥାକୁ ପ୍ରମାଣିତ କରିବା ସେକଥା କହୁଥିବା ଲୋକର କାମ। ତେଣୁ ତାକୁ ହିଁ ପ୍ରଥମେ ବିଷୟ ପିଆଇ ଦେବା ଉଚିତ। ପଟାସିୟମ୍ ସାୟାନାଇଡ୍ ସ୍ୱାସ୍ଥ୍ୟପ୍ରଦ ବୋଲି ବିଶ୍ୱାସର ସହ ଖାଇ ତା'ର ହଜମ ହୋଇଯିବା ବିଷୟ ସେ ବ୍ୟକ୍ତି ପରୀକ୍ଷା କରି ଦେଖାଇଲେ ଆମେ ବିଶ୍ୱାସ କରିବା ଯେ ବିଶ୍ୱାସରେ ବିଷ ଖାଇଲେ ବି ହଜମ ହୋଇଯାଏ। ନଚେତ୍ ଆମେ ଏ କଥାକୁ କେମିତି ବିଶ୍ୱାସ କରିବା? ତେଣୁ ଯେଉଁମାନେ ଏଭଳି କହିବେ ସେମାନଙ୍କୁ ପଟାସିୟମ୍ ସାୟାନାଇଡ୍ ଖୁଆଇ ପରୀକ୍ଷା କରିବା ଉଚିତ। କାରଣ ଆମ ବୈଜ୍ଞାନିକମାନେ ବି ଯାହା କହନ୍ତି ପରୀକ୍ଷାଗାରରେ ପରୀକ୍ଷା କରି, ସମସ୍ତଙ୍କ ଆଗରେ ପ୍ରମାଣିତ କରି ହିଁ କହନ୍ତି। ବିନା ପ୍ରମାଣରେ ନୁହେଁ।

ମୁଁ ପୂର୍ବରୁ କହିଥିଲି ଯେ ଅପବିତ୍ର ପଦାର୍ଥକୁ ପବିତ୍ର ବୋଲି ବିଚାର କରିବା ହେଉଛି ଅବିଦ୍ୟା। ସେହିପରି ଅପବିତ୍ର ପୁସ୍ତକକୁ ପବିତ୍ର ଗ୍ରନ୍ଥ ମନେକରବା ବି ଅବିଦ୍ୟା। **ଅଜ୍ଞାନ କେଉଁଠୁ ଆସେ ଆମ ଭିତରକୁ? ଭୁଲ୍ ଶୁଣି ଗ୍ରହଣ କରିବା, ଭୁଲ୍ ଦେଖି ଗ୍ରହଣ କରିବା ଏବଂ ଭୁଲ୍ ପଢ଼ି ସ୍ୱୀକାର କରିବା କାରଣରୁ।** କିଛି ଧୂର୍ତ୍ତ ଲୋକେ ନିଜର ଦୁରଭିସନ୍ଧି ପୂରଣ ପାଇଁ, ନିଜର ଖରାପ ଲାଳସା ଚରିତାର୍ଥ କରିବା ପାଇଁ, ନିଜର ଇନ୍ଦ୍ରିୟର ଭୋକ ମେଣ୍ଟାଇବା ସକାଶେ, ନିଜର ଭିନ୍ନ-ଭିନ୍ନ ପ୍ରକାରର ଦୁର୍ବ୍ୟସନକୁ ଯଥାର୍ଥ ଓ ଉଚିତ ବୋଲି ପ୍ରତିପାଦନ କରିବା ନିମନ୍ତେ ଧର୍ମପୁସ୍ତକ ନାମରେ କିଛି (ଅ)ଧର୍ମ ପୁସ୍ତକ ଲେଖି ଦେଇଛନ୍ତି। ଗଞ୍ଜେଇ ପିଇବା ଧର୍ମବିରୁଦ୍ଧ ନୁହେଁ, ବରଂ ଧର୍ମ ଅନୁମୋଦିତ, ଯେହେତୁ ତାହା ପ୍ରସାଦ ହୋଇଯାଏ- ଏକଥା ପ୍ରତିପାଦନ କରିବା ପାଇଁ ଏଭଳି ଲୋକେ ଏକ ମେଳା ଉଦ୍‌ଭାବନ କରିଛନ୍ତି- 'ତ୍ରିନାଥ ମେଳା'। ସେଇଠି ଲେଖିଛନ୍ତି — **'ପାନ-ସୁପାରି ଯେ ଗଞ୍ଜାଇ, ତଇଳ ଦୀପ ତହିଁ ଥୋଇ। ଗଞ୍ଜାରେ ଅଗ୍ନି ଲଗାଇବ, ଆସ ହେ ତ୍ରିନାଥ ବୋଲିବ।'** ମଦକୁ ପ୍ରସାଦ କରିବା ପାଇଁ ବି ଅନେକ ଠାକୁରାଣୀ ଓ ଅନେକ ପୂଜା ଉଦ୍‌ଭାବନ କରାଯାଇଛି, ଅନେକ ପୁସ୍ତକ ଲେଖାଯାଇଛି। ତନ୍ତ୍ର ଗ୍ରନ୍ଥ ଗୁଡ଼ିକରେ ତ ସମସ୍ତ ପ୍ରକାର ନିକୃଷ୍ଟ କାର୍ଯ୍ୟକୁ ଧାର୍ମିକ କୃତ୍ୟ ବୋଲି ଲେଖିଦିଆଯାଇଛି—

**'ମଦ୍ୟଂ ମାଂସଂ ଚ ମୀନଂ ଚ ମୁଦ୍ରା ମୈଥୁନମେବ ଚ।**
**ଏତେ ପଞ୍ଚ ମକାରାଃ ସ୍ୟୁର୍ମୋକ୍ଷଦା ହି ଯୁଗେ ଯୁଗେ ॥**
(ମହାନିର୍ବାଣତନ୍ତ୍ର. ୧:୫୭)

ମଦ୍ୟ, ମାଂସ, ମୀନ, ମୁଦ୍ରା ଓ ମୈଥୁନ- ଏ ପାଞ୍ଚୋଟି 'ମ' କାର ପଦାର୍ଥ ଯୁଗେ-ଯୁଗେ ମୋକ୍ଷଦାୟକ ଅଟେ।

**ପୀତ୍ୱା ପୀତ୍ୱା ପୁନଃ ପୀତ୍ୱା ଯାବତ୍‌ପତତି ଭୂତଲେ।**
**ପୁନରୁତ୍‌ଥାୟ ବୈ ପୀତ୍ୱା ପୁନର୍ଜନ୍ମ ନ ବିଦ୍ୟତେ ॥**
(କୁଳାର୍ଣ୍ଣବତନ୍ତ୍ର. ୭:୧୦୦)

ଟଳମଳ ହୋଇ ଭୂଇଁରେ ପଡ଼ିବା ପର୍ଯ୍ୟନ୍ତ ପିଇବ। ନିଶା ଛାଡ଼ିଗଲେ ପୁଣି ପିଇ ପୁଣି ଟଳିପଡ଼ିବ। ଏମିତି ବାରମ୍ବାର କଲେ ଆଉ ପୁନର୍ଜନ୍ମ ହେବ ନାହିଁ। ମହର୍ଷି ଦୟାନନ୍ଦ ସତ୍ୟାର୍ଥ ପ୍ରକାଶରେ ଏ ସମ୍ପର୍କରେ ବଡ଼ ସୁନ୍ଦର ମନ୍ତବ୍ୟ ଦେଇଛନ୍ତି— 'ଏକଥା ତ ସତ ଯେ ଏପରି ବାରମ୍ବାର ପିଇ ଟଳିପଡୁଥିବା ବ୍ୟକ୍ତିର ପୁନଃ ମନୁଷ୍ୟ ଜନ୍ମ ହେବା କଠିନ, ସେ ବହୁ କାଳ ପର୍ଯ୍ୟନ୍ତ ନୀଚ ଯୋନିରେ ପଡ଼ି ରହେ।' (ସ.ପ୍ର. ଏକାଦଶ ସମୁଲ୍ଲାସ)

ଆମେ ଯେତେବେଳେ ଧର୍ମ ନାମରେ ଏଭଳି କଥା ଲେଖାଯାଇଥିବା ଜାଲ୍ ଗ୍ରନ୍ଥ, ଅପବିତ୍ର ପୁସ୍ତକ ପଢୁଛେ, ସେତେବେଳେ ଆମ ଭିତରେ ଅବିଦ୍ୟା ବୃଦ୍ଧିପାଉଛି ଓ ଆମେ ସେପରି କାମ କରୁଛେ।

**୩. ଅଚେତନ(ଜଡ଼)କୁ ଚେତନ ବୋଲି ବିଚାର କରିବା —** ଜଡ଼ ମାନେ ଯାହା ଭିତରେ ଚେତନା, ପ୍ରାଣ ନାହିଁ। ଚେତନ ପ୍ରାଣୀଟିଏ ବଞ୍ଚିବା ପାଇଁ ତାକୁ ଖାଦ୍ୟ ଦରକାର। ଜଡ଼ ପଦାର୍ଥ ଖାଏନି। ତାକୁ ଭୋକ ଲାଗେନି।

ଥରେ କଟକ ନିକଟସ୍ଥ ଏକ ମହାବିଦ୍ୟାଳୟରେ ମୋର କାର୍ଯ୍ୟକ୍ରମ ଥାଏ। ମୁଁ ଜଣେ ପରିଚିତ ବ୍ୟକ୍ତିଙ୍କ ଘରୁ ବାହାରିଲି ମହାବିଦ୍ୟାଳୟ ଅଭିମୁଖେ। ସେ ମୋତେ

କାର୍‌ରେ ନେଉଥାନ୍ତି। ଗଲାବେଳକୁ ରାସ୍ତା ଜାମ୍। ଆମ ଗାଡ଼ି ଆଗରେ ଆଉ କେତୋଟି କାର୍, ଜିପ୍, ଅଟୋ ବି ଅଟକି ଥାଆନ୍ତି। ମୋ ସାଙ୍ଗରେ ଥିବା ଲୋକଙ୍କୁ ପଚାରିଲି— 'ଇଏ ତ ସହରର ମୁଖ୍ୟ ମାର୍ଗ ନୁହେଁ, ସାହିର ରାସ୍ତା, ଏଇଠି ଏତେ ଜାମ୍ କାହିଁକି ?' ଘଟଣା କ'ଣ ଜାଣିବା ପାଇଁ ଗାଡ଼ିରୁ ଓହ୍ଲାଇ ଆଗକୁ ଯାଇ ଦେଖିବା ବେଳକୁ କଥା କ'ଣ କି - ଆଗ ମୋଡ଼ରେ ୫-୭ ଜଣ ଭଦ୍ରମହିଳା ରାସ୍ତା ଉପରେ ଗୋଟିଏ ଗାତ ଖୋଳି, ପାଖରେ କଦଳୀ ପତ୍ର ପକାଇ, ଘଣ୍ଟି ଟିଂ-ଟିଂ କରି କ'ଣ ପୂଜା କରୁଥାନ୍ତି। ସମ୍ଭବତଃ ସେଇଟା ଚୈତ୍ର ମାସ। ମୋଡ଼ରେ ଥିବା ଘର ସାମ୍ନାରେ ଏ କାମ ଚାଲିଥିବାରୁ ଏପଟେ-ସେପଟେ ଗାଡ଼ିଗୁଡ଼ିକ ଜାମ୍ ହୋଇ ରହିଥାନ୍ତି। ଅନେକ ଲୋକ ବିରକ୍ତ ହେଲେଣି, କାର୍-ଅଟୋ-ମୋଟରସାଇକେଲ୍ ସବୁ ପେଁ-ପେଁ କରୁଥାନ୍ତି। କିନ୍ତୁ ସେ (ଅ)ଧାର୍ମିକ ଭଦ୍ରମହିଳାମାନେ ସେମାନଙ୍କ (ଅ)ଧର୍ମ କାମରେ ଅବିଚଳିତ ଭାବେ ଲାଗିଥାଆନ୍ତି। ମୁଁ ଦେଖିଲି, ସେମାନେ ଗୋଟିଏ ପାତ୍ରରେ ୫-୭ ଗିଲାସ କ୍ଷୀରରେ କଦଳୀ ଚକଟି ପକାଇଲେ, କୋରା ହୋଇଥିବା ନଡ଼ିଆ ପକାଇଲେ, ଚିନି ମିଶାଇଲେ ଏବଂ ସେସବୁକୁ ସେ ଗାତରେ ଢାଳି ଚାଲିଲେ। ଢଳା ପରେ କିଛି ପଣା ସେ ପାତ୍ରରେ ଅବଶିଷ୍ଟ ଥାଏ। ସେଇ ପାଖରେ ଗାଈଟିଏ ଠିଆହୋଇଥାଏ। ସେ ଗାଈଟି ଯେତେବେଳେ ସେ ପଣାଥିବା ପାତ୍ର କି ଗାତରେ ଢଳାଯାଇଥିବା ପଣା ଆଡ଼କୁ ମୁହଁ ବଢ଼ାଉଥାଏ, ଏ ଧର୍ମପ୍ରେମୀ ମହିଳାମାନେ ତା' ମୁହଁ ଉପରେ ବାଡ଼ିରେ ପାହାରେ ପକାଉଥାନ୍ତି। ମୋତେ ଆଶ୍ଚର୍ଯ୍ୟ ଲାଗିଲା। ମୁଁ ଆଉ ଚୁପ୍ ହୋଇ ରହିପାରିଲି ନାହିଁ। ମୁଁ କହିଲି— 'ଆପଣମାନେ ଏ ଯେଉଁ କ୍ଷୀରରେ କଦଳୀ, ଚିନି, କୋରା ନଡ଼ିଆ ମିଶାଇଛନ୍ତି, ତାହା ଏଭଳି କୌଣସି ଗୋମାତାଙ୍କ କ୍ଷୀର। ଗୋମାତାର କ୍ଷୀର ସେ ପିଇବାକୁ ଆସିଲା ବେଳକୁ ଆପଣମାନେ ତା' ମୁହଁରେ ପାହାରେ ଦେଇ ଘଉଡ଼ାଇ ଦେଉଛନ୍ତି। ଅଥଚ ଏହାକୁ ମାଟିରେ ଢାଳୁଛନ୍ତି। ମାଟି କ'ଣ ପଣାର ସ୍ୱାଦ ବୁଝିପାରିବ ? ଇଏ କେଉଁ ପ୍ରକାର ବୁଦ୍ଧିମତ୍ତାର କାର୍ଯ୍ୟ ? କ୍ଷୀରରେ ତିଆରି ପଣା ଚୈତ୍ର ମାସରେ କୌଣସି ବ୍ୟକ୍ତିଙ୍କୁ, ଗରୀବ-ଭିକାରୀଙ୍କୁ, ପଶୁପକ୍ଷୀଙ୍କୁ ଦେଲେ ପୁଣ୍ୟ।' ମୋ କଥା ଶୁଣି ସେମାନଙ୍କ ଭିତରୁ ଜଣେ-ଦୁଇ ଜଣ ମହିଳା କ୍ରୋଧରେ ଏମିତି ବଡ଼-ବଡ଼ ଆଖି କରି ମୋ ଆଡ଼କୁ ଅନାଇଲେ, ସତେ ଯେପରି ତାଙ୍କ ଭିତରେ କୌଣସି ଠାକୁରାଣୀ ପ୍ରବେଶ କରିଯାଇଛନ୍ତି। ତାଙ୍କ ହାବଭାବରୁ ଜଣାଗଲା ଯେ— 'ମୁଁ କେମିତିଆ ବାବା, ଯା'ର କି ଆଦୌ କାଣ୍ଡ-ଜ୍ଞାନ ନାହିଁ, ସେମାନଙ୍କ ଏ ଧର୍ମକୃତ୍ୟର ପ୍ରଶଂସା ନ କରି ବରଂ ସେମାନଙ୍କ ଧର୍ମ କାମ ଉପରେ ପ୍ରଶ୍ନ ଉଠାଉଛି ?' ଯାହା ଜଣାଗଲା ସେ ପୂଜାର ଯିଏ ନେତୃତ୍ୱ ନେଉଥାନ୍ତି ସମ୍ଭବତଃ ତାଙ୍କ ଘର ସେଇ ମୋଡ଼ରେ ଥିବା ତ୍ରିତଳ ସୁଦୃଶ୍ୟ ଅଟ୍ଟାଳିକା। ସେମାନଙ୍କ ପୂଜା ସରିବା ପରେ ଧୀରେ-ଧୀରେ ଜାମ୍ ହଟିଲା, ଆମେ ବି ଆଗକୁ ଗଲୁ। ଆପଣ ଦେଖିବେ କେବଳ ଗାଁ-ଗହଳି ନୁହେଁ ବଡ଼-ବଡ଼ ନଗର-ମହାନଗରମାନଙ୍କରେ ଅଟ୍ଟାଳିକାରେ ରହୁଥିବା ଲୋକଙ୍କ ଭିତରେ ବି ଏପ୍ରକାର ଅବିଦ୍ୟା ସବୁର ଚେର ଗଭୀରକୁ ମାଡ଼ିଯାଇଛି।

ମଣିଷକୁ ଖରା, ବର୍ଷା, ଶୀତରୁ ରକ୍ଷା ପାଇବା ପାଇଁ ବସ୍ତ୍ର, ବାସଗୃହ ଆଦି ଦରକାର। ଆମେ ଦେଖୁଛେ ଯେ ବଡ଼-ବଡ଼ ନଗରମାନଙ୍କରେ ଲୋକଙ୍କ ମୁଣ୍ଡ ଉପରେ ଛାତ ନାହିଁ। ଅନେକେ ରାସ୍ତାକଡ଼ରେ ପଲିଥିନ ଟାଣି ରହୁଛନ୍ତି ତ ଅନେକେ ଖୋଲା ଆକାଶ ତଳେ ରାସ୍ତାକଡ଼ରେ ହାଡ଼ଭଙ୍ଗା ଶୀତରେ ବି ରହୁଛନ୍ତି। ସାମୂହିକ ଆଶ୍ରୟ ସ୍ଥଳ (Common Shelter Home) ବି ପର୍ଯ୍ୟାପ୍ତ ନାହିଁ। ଅଥଚ ଆମର ସେଥିପ୍ରତି ନିଘା ନାହିଁ। ଆମ ଦେଶରେ ମନ୍ଦିରର ଅଭାବ ନାହିଁ। ଅଧିକାଂଶ ମନ୍ଦିରର ଉପଯୋଗ ବି କିଛି ନାହିଁ। ନୂଆ-ନୂଆ କିଛି ଦିନ ଲୋକ ଯାଆନ୍ତି। ତା' ପରେ କେବଳ କେତେକ ଯାନିଯାତ୍ରାରେ ଗହଳି। ଅନ୍ୟ ସମୟରେ ଭୂତକୋଠୀ ଭଳି ପଡ଼ିଥାଏ। ବହୁ ପୁରୁଣା ମନ୍ଦିର ଜୀର୍ଣ୍ଣ-ଶୀର୍ଣ୍ଣ, ମନ୍ଦିର ଉପରେ ବର-ଅଶ୍ୱତ୍ଥ ଗଛ ଉଠିଲାଣି ତ ଚାରିପଟେ ଅରମା ମାଡ଼ିଲାଣି। ତଥାପି ଆମ ଭିତରେ ମନ୍ଦିର ତିଆରି କରିବାର ମାନିଆ, ଗୋଟିଏ ବିଚିତ୍ର ପାଗଳାମୀ।

ଜଡ଼ ମୂର୍ତ୍ତିଗୁଡ଼ିକୁ ଚେତନ ମନେକରି ଭୋଗ-ରାଗ

ଲଗାଯାଉଥିବା ତ ଆପଣ ଦେଖିଥିବେ। କିନ୍ତୁ ଏ ଜଡ଼ କାଠ-ପଥର-ଫୋଟୋଗୁଡ଼ିକୁ ଚେତନ ମାନି ଧୀରେ-ଧୀରେ ମୂର୍ଖତା ଏମିତି ବଢ଼ିଯାଏ ଯେ କିଛି ଗୁରୁ, ସଂଗଠନ-ସମ୍ପ୍ରଦାୟର ପ୍ରତିଷ୍ଠାତା, ବ୍ୟକ୍ତିଙ୍କ ଫଟୋକୁ ଖାଇବାକୁ ଦେବା କାମ ସହିତ ସେମାନଙ୍କ ପାଇଁ ଦାନ୍ତଘଷିବା, ଝାଡ଼ାଯିବା ପାଇଁ ଶୌଚାଳୟ କରିବା, ଶୋଇବା ପାଇଁ ଶୟନ କକ୍ଷ କରିବା ବ୍ୟବସ୍ଥା ବି ଅନେକ ସ୍ଥାନରେ ଦେଖିବାକୁ ମିଳେ। ସେ ଶୌଚାଳୟର ବାସ୍ତବିକ ଉପଯୋଗିତା କ'ଣ ? ସେତିକି ସାର୍ବଜନିକ ଶୌଚାଳୟ ତିଆରି ଓ ସେସବୁର ରକ୍ଷଣା-ବେକ୍ଷଣାରେ ସେ ଅର୍ଥ ଉପଯୋଗ କଲେ ବାସ୍ତବରେ ବହୁ ଲୋକଙ୍କ କାମରେ ଆସନ୍ତା।

ଶିକ୍ଷା ଓ ସ୍ୱାସ୍ଥ୍ୟ ମନୁଷ୍ୟର ମୌଳିକ ଆବଶ୍ୟକତା । ଆମ ଦେଶରେ ତ ବହୁତ ବଡ଼-ବଡ଼ ମନ୍ଦିର ଅଛି। କିନ୍ତୁ ଗୋଟିଏ ରିପୋର୍ଟରେ ମୁଁ ପଢ଼ିଥିଲି ଯେ ଭାରତରେ ଏମିତି କୌଣସି ଗୋଟିଏ ବି ବିଶ୍ୱବିଦ୍ୟାଳୟ ନାହିଁ ଯେଉଁଟା କି ପୃଥିବୀର ଶ୍ରେଷ୍ଠ ୧୦୦ଟି ବିଶ୍ୱବିଦ୍ୟାଳୟ ଭିତରେ ସ୍ଥାନ ପାଇବ। ଶିକ୍ଷା କ୍ଷେତ୍ରରେ ଏଭଳି ପଛରେ ଅଛି ଆମ ଦେଶ। ତେଣୁ ଆମେ ମନ୍ଦିରମାନଙ୍କରେ ଯେଉଁ ସୁନା ଛାଉଣୀ କରୁଛେ, କାଠ-ମାଟି-ପଥରର ମୂର୍ତ୍ତିଗୁଡ଼ିକୁ ସୁନା ମୁକୁଟ ପିନ୍ଧାଉଛେ, ସୁନା ସିଂହାସନରେ ବସାଉଛେ, ଏମାନଙ୍କ ପାଇଁ ଯେଉଁ ସୁନାର ମେଢ଼ ତିଆରି କରୁଛୁ ବାସ୍ତବରେ ସେସବୁର ଉପଯୋଗିତା କ'ଣ ? ସେ କାଠ-ପଥର-ମାଟିର ଜଡ଼ ମୂର୍ତ୍ତିଗୁଡ଼ିକୁ କ'ଣ ସେଥିର ସୁଖ ଅନୁଭୂତି ହେଉଛି ? ଏସବୁ କେବଳ ଜଡ଼କୁ ଚେତନ ବୋଲି ମନେ କରିବା ଅବିଦ୍ୟାର କରାମତି। ଏସବୁ ବୁଦ୍ଧିହୀନ କାର୍ଯ୍ୟ ପରିବର୍ତ୍ତେ ଚେତନ ମନୁଷ୍ୟଙ୍କ ଉନ୍ନତି ପାଇଁ ଭଲ-ଭଲ ଶିକ୍ଷାୟତନ ଓ ଚିକିତ୍ସାଳୟ ତିଆରି କରିବା ହେଉଛି ବିଦ୍ୟା। କାଠ-ପଥର ମୂର୍ତ୍ତିର ସେବାରେ ଅଯଥା ସମୟ ନଷ୍ଟ ନ କରି ଈଶ୍ୱରଙ୍କ ଶ୍ରେଷ୍ଠ ପ୍ରାଣୀ ଚେତନ ମନୁଷ୍ୟ, ଦୀନ-ଦରିଦ୍ର, ରୋଗୀ-ଦୁଃଖୀଙ୍କ ଦୁଃଖ ଲାଘବ ପାଇଁ ସମୟର ଉପଯୋଗ କରିବା ହେଉଛି ବିଦ୍ୟା।

**ପ୍ର.କ.—** ତେବେ ସ୍ୱାମୀଜୀ ! ଆମ ଭିତରୁ ଏସବୁ ଅବିଦ୍ୟା ଦୂର ହେବାର ଉପାୟ କ'ଣ ?

**ସ୍ୱାମୀଜୀ —** ସାଂଖ୍ୟ ଦର୍ଶନର ଗୋଟିଏ ସୂତ୍ରରେ କୁହାଯାଇଛି—

**ପ୍ରତିନିୟତକାରଣନଶ୍ୟତ୍ୱମସ୍ୟ ଧ୍ୱାନ୍ତବତ୍।**

(ସାଂଖ୍ୟ. ୬:୧୪)

ପ୍ରତ୍ୟେକ ଜିନିଷକୁ ବିନାଶ କରିବା ପାଇଁ ନିୟତ ବିପରୀତ କାରଣ ଅଛି। ଯଥା— ଉଷ୍ଣତା ଦ୍ୱାରା ଶୀତଳତା ଦୂର ହୋଇଯାଏ, ଆଲୋକ ଦ୍ୱାରା ଅନ୍ଧକାର ଦୂର ହୁଏ। ସେମିତି ଅଜ୍ଞାନ ଅନ୍ଧକାର ଜ୍ଞାନର ଆଲୋକ ଦ୍ୱାରା ଦୂର ହୁଏ, ଅବିଦ୍ୟା ବିଦ୍ୟା ଦ୍ୱାରା ଦୂର ହୁଏ। ମଣିଷର ସମସ୍ତ ପ୍ରକାରର (ଲୌକିକ, ଆଧ୍ୟାତ୍ମିକ ଆଦି) ଅବିଦ୍ୟା ଦୂର କରିବା ପାଇଁ ସୃଷ୍ଟି ପ୍ରାରମ୍ଭରେ ହିଁ ପରମାତ୍ମା ମଣିଷକୁ ଯେଉଁ ଜ୍ଞାନର ସୂର୍ଯ୍ୟ ପ୍ରଦାନ କରିଛନ୍ତି ତାହା ହେଲା 'ବେଦ'। ଏହି ଈଶ୍ୱରୀୟ ଜ୍ଞାନ 'ବେଦ' ଏବଂ ଆମ ସଂସ୍କୃତିର ଋଷିମାନଙ୍କ ଦ୍ୱାରା ରଚିତ ବେଦାନୁକୂଳ ଗ୍ରନ୍ଥ ଆମେ ପଢ଼ିଲେ, ତା'ଉପରେ ମନନ କଲେ, ତଦନୁଯାୟୀ ଆଚରଣ କଲେ ଆମ ଜୀବନରୁ ଅବିଦ୍ୟା ଦୂର ହେବ। ଆଉ କ୍ଷୁଦ୍ରବୁଦ୍ଧି, ଧୂର୍ତ୍ତବୁଦ୍ଧି ସଂପନ୍ନ ଲୋକଙ୍କ ଦ୍ୱାରା ବେଦବିରୁଦ୍ଧ, ବୁଦ୍ଧିବିରୁଦ୍ଧ କଥା ଲେଖାଯାଇଥିବା ପୁସ୍ତକ ପଢ଼ିଲେ ଅବିଦ୍ୟା ବଢ଼ିଚାଲିବ। ବର୍ତ୍ତମାନ ନିର୍ଣ୍ଣୟ ଆମ ହାତରେ ଯେ ଆମେ ଅବିଦ୍ୟାର ବିକାଶ କରିବା ନା ବିନାଶ କରିବା।

ଉପସ୍ଥାପନା

**ଡଃ. ଲଳିତମଞ୍ଜରୀ ଦାସ**

**ଗାୟତ୍ରୀ ପାଣିଗ୍ରାହୀ**

❖❖❖

## କିଶୋର ଜୀବନ ସୌରଭ :

# ସମୟର ସଦୁପଯୋଗ କର

ସ୍ୱାମୀ ଜଗଦୀଶ୍ୱରାନନ୍ଦ ସରସ୍ୱତୀ

ସମୟର ଶକ୍ତି ଅଦ୍ଭୁତ ଏବଂ ମହାନ୍ । ଇଂରାଜୀରେ ଗୋଟିଏ କଥା ଅଛି — "Time is money" ଅର୍ଥାତ୍ ସମୟ ହେଉଛି ସମ୍ପତ୍ତି । ହେ ଯୁବକଗଣ ! ତୁମମାନଙ୍କ ଜୀବନର ଗୋଟିଏ-ଗୋଟିଏ କ୍ଷଣରେ କୁବେରଙ୍କର ସମ୍ପଦ ଲୁଚି ରହିଛି । ଏଣୁ ନିଜର ସମୟର ଉପଯୋଗ ଅତି ସାବଧାନତା ସହକାରେ କର ।

ଚାଲିଯାଇଥିବା ଧନ, ନଷ୍ଟ ହୋଇଯାଇଥିବା ସ୍ୱାସ୍ଥ୍ୟ, ଭୁଲିହୋଇଯାଇଥିବା ବିଦ୍ୟା, ଅପହୃତ ହୋଇଥିବା ସାମ୍ରାଜ୍ୟ ପୁଣି ଆସିପାରେ; କିନ୍ତୁ ବିତିଯାଇଥିବା ସମୟ କଦାପି ଫେରିଆସିବ ନାହିଁ । ଏହି ତଥ୍ୟକୁ ଦର୍ଶାଇବା ପାଇଁ ଜଣେ ଚିତ୍ରକର ସମୟର ଏକ ବ୍ୟଙ୍ଗ ଚିତ୍ର ଆଙ୍କିଥିଲେ । ସେ ବ୍ୟଙ୍ଗଚିତ୍ରରେ ଏକ ବ୍ୟକ୍ତିର ଚେହେରା ଆଗ ପଟ ବାଳରେ ଢଙ୍କା ହୋଇଥିଲା ଏବଂ ପଛପଟ ଚନ୍ଦା ଥିଲା । ତାହାର ପାଦରେ ଡେଣା ଥିଲା ।

ଲୋକମାନେ ପଚାରିଲେ, "ଏହା କାହାର ଚିତ୍ର ?"

ଚିତ୍ରକାର କହିଲେ— "ସମୟର" ।

ଏହାର ମୁହଁ କାହିଁକି ଢଙ୍କା ହୋଇଛି ?" ଲୋକେ ପୁଣି ପଚାରିଲେ ।

'କାରଣ ଯେତେବେଳେ ଇଏ ମନୁଷ୍ୟ ସାମନାକୁ ଆସେ ସେତେବେଳେ ମନୁଷ୍ୟ ତାକୁ ଚିହ୍ନି ପାରେ ନାହିଁ ।'

– 'ଏହାର ପଛ ପାଖ ଚନ୍ଦା କାହିଁକି ହୋଇଛି ?'

– "କାରଣ ଏହାକୁ ପଛରୁ ଧରି ହୁଏ ନାହିଁ । ଏଣୁ ସମୟ ଆସିବା ମାତ୍ରେ ହିଁ ତାର ବାଳକୁ ସାମନାରୁ ଧରି ନେବା ପାଇଁ । ସମୟ ଯଦି ଚାଲିଯାଏ, ତେବେ କୋଟି-କୋଟି ଟଙ୍କା ଖର୍ଚ୍ଚ କରି ମଧ୍ୟ ବିତିଯାଇଥିବା ଗୋଟିଏ କ୍ଷଣକୁ ପ୍ରାପ୍ତ କରି ହେବ ନାହିଁ ।"

"ଏହାର ପାଦରେ ଡେଣା କାହିଁକି ଅଛି ?"

" ଏଥିପାଇଁ ଯେ ଏହା ବହୁତ ଶୀଘ୍ର ଚାଲିଯାଏ ଏବଂ ଯଦି ଚାଲିଯାଏ ତେବେ ଦେବତା ମଧ୍ୟ ଏହାକୁ ଧରି ରଖିପାରନ୍ତି ନାହିଁ ।"

କିଛି ବ୍ୟକ୍ତି ଭାବନ୍ତି ଯେ କରିବା ତ ଏତେ ତରତର କାହିଁକି ? ଧୀରେ-ସୁସ୍ଥେ କରିବା । କିନ୍ତୁ ଏହା ହେଉଛି ଭୟଙ୍କର ଭୁଲ୍ । ଯଦି ଯୌବନ ଅବସ୍ଥାରେ କିଛି କଲ ନାହିଁ ତେବେ ଆଗକୁ କ'ଣ କରିବ ? ବର୍ତ୍ତମାନଠାରୁ, ଏହି ମୁହୂର୍ତ୍ତରୁ ନିଜର ସମୟର ସଦୁପଯୋଗ କରିବା ଆରମ୍ଭ କରିଦିଅ । ଦେଖ, ଜଣେ ତୁମକୁ କିପରି ସୁନ୍ଦର ଚେତାବନୀ ଦେଉଛନ୍ତି—

ଖେଲ୍ ହୀ ମେଁ ବାଲ୍ ଜୋ ଦିନ୍ କାଟତା ୱହ ହେ ବୁରା ।

ଶୋକ ! ଅପନେ ହାଥ୍ ୱହ ହେ ମାର୍‌ତା ଉର ମେଁ ଛୁରା ॥

ବାଲ୍‌ପନ୍ ସେ ଲାଭ ପହୁଁଚାନା ଉଚିତ ହେ ଲୋକ କୋ ।

କ୍ୟା ପ୍ରକଟ୍ କର୍‌ତା ନହୀଁ ବାଲେନ୍ଦୁ ନିଜ ଆଲୋକ କୋ ॥

ଜୀବନ ବହୁତ ଛୋଟ, କାର୍ଯ୍ୟ ମହାନ୍ ପଡ଼ିଛି । ଏଣୁ ଆଜିର କାର୍ଯ୍ୟକୁ କାଲିକୁ ରଖ ନାହିଁ । ବେଦରେ ଅଛି—

**କାଲୋ ଅଶ୍ୱୋ ବହତି ।**

(ଅଥର୍ବ. ୧୯:୫୩:୧)

ସମୟରୂପୀ ଘୋଡ଼ା ଦୌଡୁଛି ।

ନିଜର ସମୟକୁ ବ୍ୟର୍ଥରେ ଯିବାକୁ ଦିଅ ନାହିଁ । ଟିକିଏ ବି ଡେରି ହେଲେ ଗାଡ଼ି ଛାଡ଼ିଦେବ । ଟିକିଏ ବିଳମ୍ବ ହେଲେ ତୁମେ ପରୀକ୍ଷା ଦେବାରୁ ବଞ୍ଚିତ ହୋଇଯିବ । ଅଳ୍ପ ଡେରି ହେତୁ ସାମ୍ରାଜ୍ୟ ନଷ୍ଟ ହୋଇଯାଇପାରେ । ହେ

ଭବିଷ୍ୟତର ଆଶା-ଭରସା ଯୁବକମାନେ ! ଯଦି ତୁମେ ମୂର୍ଖମାନଙ୍କ ପରି ନିଜର ସମୟକୁ ନଷ୍ଟ କରିଦେବ, ନିଜ ଜୀବନର ଅମୂଲ୍ୟ କ୍ଷଣ ଆଳସ୍ୟ, ପ୍ରମାଦ, ଗପସପ ଏବଂ ତୁଚ୍ଛ ମନୋରଂଜନରେ ନଷ୍ଟ କରିଦିଅ, ତେବେ ମନେ ରଖ, ତୁମର ନାଁ କେବେ ବି ମହାପୁରୁଷଙ୍କ ମଧ୍ୟରେ ରହିବ ନାହିଁ, ତୁମେ କଠିନ ପରିସ୍ଥିତିରେ ପଡ଼ି ବାରଦୁଆର ଶୁଙ୍ଘିପିଣ୍ଡା ହେବ ।

ମହାବୀର ନେପୋଲିଅନ୍‌ଙ୍କର ଆଦର୍ଶ ସର୍ବଦା ନିଜ ସାମ୍‌ନାରେ ରଖ । ସେ ସମୟର ସମ୍ପୂର୍ଣ୍ଣ ସଦୁପଯୋଗ କରୁଥିଲେ । ଯୁଦ୍ଧର ନକ୍‌ସାକୁ ଯେପରି ଅଧ୍ୟୟନ କରୁଥିଲେ ସମୟକୁ ମଧ୍ୟ ସେହିପରି କରୁଥିଲେ । ସେନାଙ୍କର କଥା କ'ଣ କହିବା ? ସେ ନିଜର ସେନାନାୟକଙ୍କର ମଧ୍ୟ କଡ଼ା ନିରୀକ୍ଷଣ କରୁଥିଲେ । ଥରେ ତାଙ୍କର ମନ୍ତ୍ରୀ ୧୦ ମିନିଟ୍ ଡେରିରେ ଆସିଲେ । ନେପୋଲିଅନ୍ କାରଣ ପଚାରିବାରୁ ସେ ନିଜର ଘଣ୍ଟା ଦେଖାଇ କହିଲେ, "ମୋର ଘଣ୍ଟା ଦଶ ମିନିଟ୍ ବିଳମ୍ବ ଅଛି ।' ନେପୋଲିଅନ୍ ପ୍ରତ୍ୟୁତ୍ତରରେ କହିଲେ, 'Either you change your watch or I shall change you'— ତୁମେ ନିଜ ଘଣ୍ଟାକୁ ବଦଳାଅ ନ ହେଲେ ମୁଁ ତୁମକୁ ବଦଳାଇ ଦେବି ।"

ପ୍ରିୟ ଯୁବକଗଣ ! ତୁମେ ନିଜ ହାତର ମଣିବନ୍ଧରେ ଘଣ୍ଟା ବାନ୍ଧୁଛ । କିନ୍ତୁ ଶୋଭା ବ୍ୟତୀତ କ'ଣ ତୁମେ ଏହାର ବାସ୍ତବିକ ଉପଯୋଗ କରୁଛ କି ? । ଟିକ୍-ଟିକ୍ ଶବ୍ଦ କରି ଏହା ତୁମକୁ ସନ୍ଦେଶ ଦେଉଛି, ସଚେତ କରିଦେଉଛି ଯେ ଉଦ୍ୟମ ଏବଂ ପୁରୁଷାର୍ଥ ହିଁ ଜୀବନ । ନିରନ୍ତର କାର୍ଯ୍ୟରେ ଲାଗି ରହ । ଏକ କ୍ଷଣକୁ ମଧ୍ୟ ବ୍ୟର୍ଥରେ ନଷ୍ଟ କରିଦିଅନି । କିନ୍ତୁ ତୁମେମାନେ କ'ଣ ତା'ର ପ୍ରେରଣା ଶୁଣୁଛ ? ନା, ବିଲ୍‌କୁଲ୍ ନୁହେଁ । ତୁମ ହାତରେ ଘଡ଼ି ଥାଇ ସୁଦ୍ଧା ତୁମେ ବିଳମ୍ବରେ ସ୍କୁଲ, କଲେଜରେ ପହଞ୍ଚୁଛ, ସଭା-ସମିତିକୁ ଠିକ୍ ସମୟରେ ପହଞ୍ଚିପାରୁନାହଁ । ତୁମ ପଢ଼ିବା-ଲେଖିବା, ଖାଇବା-ପିଇବା, ଶୋଇବା-ଉଠିବାର ସମୟ କ'ଣ ନିଶ୍ଚିତ କି ? ଯଦି ନୁହେଁ, ତେବେ ତୁମର ଘଡି ବାନ୍ଧିବା ବୃଥା । ଘଡ଼ିକୁ ଇଂରାଜୀରେ Watch କହନ୍ତି । ଏହାର ପ୍ରତ୍ୟେକ ଅକ୍ଷର ଏକ ଦିବ୍ୟସନ୍ଦେଶ ଦେଉଛି । ସେ ସନ୍ଦେଶ ହେଲା—

୧. Watch your Word — ନିଜର କହିବା କଥା, ଅନ୍ୟମାନଙ୍କ ସହିତ କରିଥିବା ପ୍ରତିଜ୍ଞା ପ୍ରତି ଧ୍ୟାନ ଦିଅ । ଅନ୍ୟମାନଙ୍କ ସହିତ ଯେଉଁ ପ୍ରତିଜ୍ଞା କରିଛ ତାକୁ ପାଳନ କର ।

୨. Watch your actions— ନିଜର କାର୍ଯ୍ୟ ପ୍ରତି ଦୃଷ୍ଟି ଦିଅ । କ'ଣ ତୁମେ ତୁମ କର୍ତ୍ତବ୍ୟକୁ ପାଳନ କରୁଛ ତ ?

୩. Watch your thoughts— ନିଜ ବିଚାର ଉପରେ ନିୟନ୍ତ୍ରଣ ରଖ । ନିଜ ବିଚାରକୁ ଶୁଦ୍ଧ ଏବଂ ପବିତ୍ର କର । ଅନ୍ୟମାନଙ୍କ ପ୍ରତି କଲ୍ୟାଣ ଭାବନା ରଖ ।

୪. Watch your Character :- ପ୍ରତିଦିନ ନିଜ ଚରିତ୍ରକୁ ଅବଲୋକନ କର ଏବଂ ନିଜ ଚରିତ୍ରକୁ ଶ୍ରେଷ୍ଠ କରିବା ପାଇଁ ପ୍ରଯତ୍ନ କର ।

୫. Watch your heart — ନିଜ ହୃଦୟକୁ ଦେଖ । ନିଜ ହୃଦୟରେ କ୍ଷୁଦ୍ରତା ଏବଂ ସଂକୀର୍ଣ୍ଣତା ନାହିଁ ତ ? ନିଜ ହୃଦୟକୁ ବିଶାଳ କର ।

ଯଦି ତୁମ ଜୀବନରେ ଉପରୋକ୍ତ ଗୁଣ ନାହିଁ, ତେବେ ତୁମ ଘଡ଼ି ବାନ୍ଧିବା ବ୍ୟର୍ଥ । ସମୟର ମୂଲ୍ୟ ବୁଝ । ତାହାର ପ୍ରତ୍ୟେକ କ୍ଷଣର ସଦୁପଯୋଗ କର । ବର୍ତ୍ତମାନଠାରୁ ସଜାଗ ହୁଅ ଏବଂ ନିଜ ଜୀବନ ନିର୍ମାଣ ଯୋଜନା ଆରମ୍ଭ କର ।

ଭାଷାନ୍ତର

**ଡଃ. ବସନ୍ତ କୁମାର ଦାସ**

❖❖❖

**ସିଦ୍ଧାନ୍ତ ଚର୍ଚ୍ଚା :**

# ଯୋଗଦର୍ଶନ ଅନୁସାରେ ଦୁଃଖ ଚାରି ପ୍ରକାର

**ସ୍ୱାମୀ ବିବେକାନନ୍ଦ ପରିବ୍ରାଜକ**

ଏହି ସଂସାରରେ ପ୍ରତ୍ୟେକ ପ୍ରାଣୀ ଦୁଃଖରୁ ମୁକ୍ତ ହୋଇ ସୁଖ ପାଇବାକୁ ଚାହାନ୍ତି । ମଣିଷ ଛଡ଼ା ସଂସାରର ଅନ୍ୟ ସମସ୍ତ ପ୍ରାଣୀଙ୍କୁ ସୁଖ ଅପେକ୍ଷା ଦୁଃଖ ଅଧିକ ମିଳେ; କେବଳ ମଣିଷକୁ ହିଁ ଦୁଃଖ ଅପେକ୍ଷା ସୁଖ ଅଧିକ ମିଳିଥାଏ । ତଥାପି କୌଣସି ପ୍ରାଣୀ (ଏପରିକି ଶ୍ରେଷ୍ଠ ଜୀବ ରୂପେ ବିବେଚିତ ମଣିଷ ମଧ୍ୟ) ତା' ଜୀବଦ୍ଦଶାରେ ଦୁଃଖରୁ ସମ୍ପୂର୍ଣ୍ଣ ରୂପେ ମୁକ୍ତ ହୋଇପାରିନଥାଏ । ମଣିଷ ବଞ୍ଚିଥିବା ଯାଏ କୌଣସି ନା କୌଣସି କାରଣରୁ ତା'କୁ କୌଣସି ନା କୌଣସି ପ୍ରକାରର କିଛି ନା କିଛି ଦୁଃଖ ଅବଶ୍ୟ ଭୋଗିବାକୁ ପଡ଼ିଥାଏ । ହଁ, ଏତିକି କଥା ଯେ ଏହି ଦୁଃଖରୁ ସଂପୂର୍ଣ୍ଣ ମୁକ୍ତ ହେବାର ଉପାୟ ମଣିଷ-ଜନ୍ମରେ ଅବଲମ୍ବନ କରାଯାଇପାରେ ଏବଂ ସେ ଉପାୟ ହେଉଛି ଯୋଗାଭ୍ୟାସ । ଯୋଗାଭ୍ୟାସ ଦ୍ୱାରା ମଣିଷ ସ୍ୱ ଜୀବଦ୍ଦଶାରେ ସମାଧି ଅବସ୍ଥାରେ ସମସ୍ତ ଦୁଃଖରୁ ମୁକ୍ତ ହୋଇ ଈଶ୍ୱରୀୟ ଆନନ୍ଦ ପ୍ରାପ୍ତ କରିପାରେ ଏବଂ ଏହି ଯୋଗାଭ୍ୟାସର ନିରନ୍ତର ଅନୁଷ୍ଠାନ ଦ୍ୱାରା ଜନ୍ମମୃତ୍ୟୁ ଚକ୍ରରୁ ଉଦ୍ଧାର ପାଇ ସମ୍ପୂର୍ଣ୍ଣ ଦୁଃଖରୁ ମୁକ୍ତ ହେବା ସହିତ ମୋକ୍ଷାନନ୍ଦ ମଧ୍ୟ ଲାଭ କରିପାରେ । ଯୋଗାଭ୍ୟାସ ଦ୍ୱାରା ଈଶ୍ୱରୀୟ ଆନନ୍ଦ ଅନୁଭବ ନ କରିବା ପର୍ଯ୍ୟନ୍ତ ସେ ସାଂସାରିକ ସୁଖ ପ୍ରତି ଆକର୍ଷିତ ହୋଇଥାଏ । ସ୍ୱଭାବତଃ ଜୀବାତ୍ମା ସୁଖ ଚାହେଁ । ତେଣୁ ଈଶ୍ୱରୀୟ ଆନନ୍ଦ ତାକୁ ନ ମିଳିବା ପର୍ଯ୍ୟନ୍ତ ସେ ସାଂସାରିକ ସୁଖ ମାଧ୍ୟମରେ ହିଁ ନିଜ ଆକାଂକ୍ଷା ପୂର୍ଣ୍ଣ କରିବାକୁ ଚେଷ୍ଟା କରେ । କିନ୍ତୁ ସେ ଚାହୁଁଥିବା ବିଶୁଦ୍ଧ ସୁଖ ତାକୁ ସଂସାରର କୌଣସି ପଦାର୍ଥରୁ ଉପଲବ୍ଧ ହୋଇପାରେ ନାହିଁ । ସେ ବିଶୁଦ୍ଧ ସୁଖ କେବଳ ଈଶ୍ୱରଙ୍କଠାରୁ ହିଁ ମିଳିପାରେ । ଏଣୁ ମଣିଷ ପାଇଁ ଯୋଗାଭ୍ୟାସ କରିବା ଅତ୍ୟନ୍ତ ଆବଶ୍ୟକ ହୋଇଥାଏ । ସଂସାର ମଧ୍ୟରେ ମଣିଷ ଯେଉଁ ସୁଖ ପାଏ, ତାହା ଅନେକ ପ୍ରକାର ଦୁଃଖମିଶ୍ରିତ ସୁଖ ଅଟେ । ମହର୍ଷି ପତଞ୍ଜଳିଙ୍କ ମତାନୁସାରେ ସାଂସାରିକ ସୁଖ ମଧ୍ୟରେ ଚାରି ପ୍ରକାର ଦୁଃଖ ମିଶ୍ରିତ ହୋଇ ରହିଛି । ଆସନ୍ତୁ, ତାହା ଜାଣିବା ପାଇଁ ଚେଷ୍ଟା କରିବା ।

**ପରିଣାମତାପସଂସ୍କାରଦୁଃଖୈର୍ଗୁଣବୃତ୍ତିବିରୋଧାଚ୍ଚ ଦୁଃଖମେବ ସର୍ବଂ ବିବେକିନଃ ।**

(ଯୋଗ. ୨:୧୫)

ପରିଣାମ, ତାପ ଓ ସଂସ୍କାର ଦୁଃଖ କାରଣରୁ ତଥା ସତ୍ତ୍ୱ ଆଦି ଗୁଣର ସ୍ୱଭାବରେ ପାରସ୍ପରିକ ବିରୋଧ ଯୋଗୁଁ ବିବେକୀ (ଯୋଗୀ) ବ୍ୟକ୍ତି ପାଇଁ ସମସ୍ତ ପଦାର୍ଥ ଦୁଃଖ ମିଶ୍ରିତ ଅଟେ । (କୌଣସି ଭୌତିକ ପଦାର୍ଥରୁ ତା'କୁ ପୂର୍ଣ୍ଣ ସୁଖ ମିଳିପାରେ ନାହିଁ ।)

**ବ୍ୟାଖ୍ୟା** — ମନରେ ପ୍ରଶ୍ନ ଉଠିପାରେ ଯେ ବୈଦିକ ସିଦ୍ଧାନ୍ତ ଅନୁସାରେ ପୁଣ୍ୟକର୍ମର ଫଳ ରୂପେ ସୁଖ ଓ ପାପକର୍ମର ଫଳ ରୂପେ ଦୁଃଖ ମିଳେ । ତେଣୁ ଭଲ କାମ କରି ଆମେ ସୁଖଦାୟକ (ମନୁଷ୍ୟ ଯୋନିର) ଜାତି, ଆୟୁ ଓ ଭୋଗ ରୂପକ ଫଳ ଲାଭ କରି ଚାଲିବା । ଏଥିରେ କ୍ଷତି କ'ଣ ? ଏ ପ୍ରଶ୍ନର ଉତ୍ତର ଉପରୋକ୍ତ ସୂତ୍ର ମାଧ୍ୟମରେ ଦିଆଯାଇଛି ଯେ ମନୁଷ୍ୟ ଶରୀର ଲାଭ କରି ସୁଖଦାୟକ ଜାତି, ଆୟୁ ଓ ଭୋଗ ପ୍ରାପ୍ତ କଲେ ମଧ୍ୟ ଏ ସବୁ ସାଂସାରିକ ସୁଖରେ ଚାରି ପ୍ରକାର ଦୁଃଖ ମିଶ୍ରିତ ହୋଇଥିବାରୁ ସମସ୍ତ ଭୌତିକ ସୁଖ ତ୍ୟାଜ୍ୟ ଅଟେ । ଏଣୁ ଏଥିରୁ ନିଜକୁ ସଂପୂର୍ଣ୍ଣ ମୁକ୍ତ କରିବା ପାଇଁ ଯୋଗାଭ୍ୟାସ ମାଧ୍ୟମରେ ମୋକ୍ଷ ପ୍ରାପ୍ତି

କରିବା ଏକାନ୍ତ ଆବଶ୍ୟକ ।

**୧. ପରିଣାମ ଦୁଃଖ** — ଯେତେବେଳେ କୌଣସି ବ୍ୟକ୍ତି ନିଜ ଇନ୍ଦ୍ରିୟ ଦ୍ୱାରା ରୂପ, ରସ ଆଦି ଭୋଗ କରି କିଛି ସମୟ ପାଇଁ ସ୍ୱଳ୍ପ ପରିତୃପ୍ତି ଭଳି ଅନୁଭବ କରେ, ତାହାକୁ ଭୌତିକ ସୁଖ କୁହାଯାଏ ଏବଂ ଇନ୍ଦ୍ରିୟଗଣଙ୍କ ଚଞ୍ଚଳତା କାରଣରୁ ଯେଉଁ ଅଶାନ୍ତି ଅନୁଭବ କରେ, ତାହାକୁ ଦୁଃଖ କୁହାଯାଏ । ବ୍ୟକ୍ତି ଭାବେ ଯେ ମୁଁ ଇନ୍ଦ୍ରିୟଗୁଡ଼ିକ ଦ୍ୱାରା ଏ ସବୁ ଭୋଗକୁ କ୍ରମାଗତ ଭାବେ ଉପଭୋଗ କରି-କରି ନିଜ ଇଚ୍ଛାକୁ ଶାନ୍ତ କରିଦେବି । କିନ୍ତୁ ଏପରି ହୋଇ ନଥାଏ । ଅପରନ୍ତୁ ଏପରି କହିବା ଉଚିତ ଯେ - 'ଭୋଗକୁ ବାରମ୍ୱାର ଉପଭୋଗ କରି ଇଚ୍ଛାକୁ ଶାନ୍ତ କରିବା' ଅସମ୍ଭବ ଅଟେ । କାରଣ ଭୋଗକୁ ବାରମ୍ୱାର ଉପଭୋଗ କରିବା ଯୋଗୁଁ ସେହି ବସ୍ତୁ ଦ୍ୱାରା ଯେଉଁ ସୁଖ ମିଳେ ତଦ୍ୱାରା ସେହି ସୁଖ ପ୍ରତି ବ୍ୟକ୍ତିର ଆସକ୍ତି ବଢ଼ିଯାଏ ତଥା ଇନ୍ଦ୍ରିୟର ଭୋଗ କରିବା ଶକ୍ତି ମଧ୍ୟ ବଢ଼ିଯାଏ । କିନ୍ତୁ ଇଚ୍ଛା କିଛି ସମୟ ପାଇଁ ତ ଶାନ୍ତ ହୋଇଯାଏ, ପରନ୍ତୁ ପୂରାପୂରି ଶାନ୍ତ ହୋଇପାରେ ନାହିଁ । ଏହାର କାରଣ ହେଉଛି ଇନ୍ଦ୍ରିୟଗୁଡ଼ିକର ଭୋଗ କରିବାର ସାମର୍ଥ୍ୟ ସୀମିତ । କିଛି ସମୟ ପାଇଁ କୌଣସି ଭୋଗକୁ ଉପଭୋଗ କରିଚାଲିଲେ ସେହି ଇନ୍ଦ୍ରିୟର ସାମର୍ଥ୍ୟ ସରିଯାଏ । କିନ୍ତୁ ମନର(ଆତ୍ମାର) ଇଚ୍ଛା ପୂର୍ଣ୍ଣ ହୋଇପାରେ ନାହିଁ । ବ୍ୟକ୍ତି ଆହୁରି ଉପଭୋଗ କରିବାକୁ ଚାହେଁ, କିନ୍ତୁ ଇନ୍ଦ୍ରିୟର ସାମର୍ଥ୍ୟ ସମାପ୍ତ ହୋଇଯିବାରୁ ସେ ଭୋଗ କରି ପାରେ ନାହିଁ । ଫଳସ୍ୱରୂପ ସେହି ବ୍ୟକ୍ତିକୁ ଦୁଃଖ ହୁଏ । ଏହି ଦୁଃଖ, ଭୋଗକୁ ଉପଭୋଗ କରିବା ପରିଣାମରୁ ହୋଇଥାଏ । ଏଥିପାଇଁ ଏହାକୁ 'ପରିଣାମ ଦୁଃଖ' କୁହାଯାଏ । ଥରେ ଏକ ବସ୍ତୁକୁ ଭୋଗ କରିବା ଦ୍ୱାରା ଇନ୍ଦ୍ରିୟର ଯେଉଁ ସାମର୍ଥ୍ୟ ସମାପ୍ତ ହୋଇଯାଏ, କିଛି ସମୟ ପରେ ଇନ୍ଦ୍ରିୟଠାରେ ସେହି ସାମର୍ଥ୍ୟ ପୁଣି ସଞ୍ଚିତ ହୋଇଯାଏ । ଏଥର ବ୍ୟକ୍ତି ଆହୁରି ଅଧିକ ବେଗରେ ସେହି ଭୋଗକୁ ଉପଭୋଗ କରେ; କିନ୍ତୁ ପରିଣାମ ପୁଣି ଯଥାପୂର୍ବ । କିଛି ସମୟ ପରେ ଇନ୍ଦ୍ରିୟ ପୁନଶ୍ଚ ଶିଥିଳ ହୋଇଯାଏ, ତଥା ଇଚ୍ଛା ହେଉଥିଲେ ମଧ୍ୟ ବ୍ୟକ୍ତି ଭୋଗ କରିପାରେ ନାହିଁ । ଏଥିପାଇଁ ତାକୁ ଦୁଃଖ ହୋଇଥାଏ । ଏହିପରି ବାରମ୍ୱାର ଏସବୁ ଭୋଗର ଅଭ୍ୟାସ କରିଚାଲିଲେ ଇନ୍ଦ୍ରିୟଗୁଡ଼ିକର ମଧ୍ୟ ଭୋଗକୁ ଉପଭୋଗ କରିବା ସାମର୍ଥ୍ୟ ବଢ଼ିଯିବା ଭଳି ହୋଇଯାଏ ଏବଂ ତା' ସହିତ ଇଚ୍ଛା ମଧ୍ୟ ବଢ଼ିଯାଏ । ଇନ୍ଦ୍ରିୟଗୁଡ଼ିକର ସାମର୍ଥ୍ୟ ଯେତେ ବଢ଼ିଲେ ମଧ୍ୟ ତାହାର ଭୋଗକୁ ଉପଭୋଗ କରିବା ଇଚ୍ଛା ଶାନ୍ତ ହୋଇପାରେ ନାହିଁ । ଫଳସ୍ୱରୂପ ଦୁଃଖ ହିଁ ହାତକୁ ଆସେ । ଏଥିପାଇଁ ଏହାକୁ 'ପରିଣାମ ଦୁଃଖ' କୁହାଯାଏ । ଅତଏବ ସୁଖର ଉପାୟ - 'ଭୋଗର ଅଭ୍ୟାସ କରିବା' ନୁହେଁ, ବରଂ 'ଯୋଗର ଅଭ୍ୟାସ କରିବା' ଅଟେ ।

**ଉଦାହରଣ** — ଜଣେ ଲୋକକୁ ରସଗୋଲା ଖାଇବାକୁ ଭଲ ଲାଗେ । ସେ ପ୍ରଥମେ ଦୁଇ-ଚାରୋଟି ରସଗୋଲା ଖାଇ ସୁଖ ଅନୁଭବ କରିଥାଏ । ସେ ଆହୁରି ଖାଇବାକୁ ଚାହିଁଲେ ମଧ୍ୟ ରସନା-ଇନ୍ଦ୍ରିୟର ସାମର୍ଥ୍ୟ ଶେଷ ହୋଇଯିବାରୁ ଆଉ ଖାଇପାରେ ନାହିଁ । ଦୁଇ-ଚାରି ଦିନ ପରେ ପୁଣି ରସଗୋଲା ଖାଇବାକୁ ଇଚ୍ଛା ହୁଏ । ଏହିଥର ସେ ୫/୬ ଟି ରସଗୋଲା ଖାଇଦିଏ । ତଥାପି ଆହୁରି ଅଧିକ ଖାଇବାକୁ ଇଚ୍ଛା ହୋଇଥାଏ । ସାମର୍ଥ୍ୟ ନ ଥିବାରୁ ଖାଇ ପାରେ ନାହିଁ । ଯଦି ଜବରଦସ୍ତ ଖାଇ ବି ଦିଏ, ତେବେ ପେଟ ଖରାପ ହୋଇଯିବାରୁ ରୋଗ ଯୋଗୁଁ ସୁଖ ବଦଳରେ ଦୁଃଖ ହିଁ ବଢ଼ିଥାଏ । ଏହିପରି ଅଭ୍ୟାସ କରିଚାଲିଲେ ୧୦-୧୦ଟି ଅଥବା ୧୨-୧୪ ଟି ରସଗୋଲା ପର୍ଯ୍ୟନ୍ତ ଖାଇବାର ସାମର୍ଥ୍ୟ ବ୍ୟକ୍ତି ବଢ଼ାଇଦିଏ । କିନ୍ତୁ ଇଚ୍ଛା ପୁଣି ସମ୍ପୂର୍ଣ୍ଣ ଶାନ୍ତ ହୋଇପାରେ ନାହିଁ । ପରିଣାମତଃ 'ଦୁଃଖ' ହିଁ ହୁଏ । ଏହିପରି ଭାବରେ ସିଗାରେଟ୍, ମଦ ଆଜି ପିଇବା ଲୋକ ତଥା ସିନେମା ଆଦି ଦେଖିବା ଲୋକଙ୍କର ବି ହୋଇଯାଏ । ଏଥିପାଇଁ ମହର୍ଷି ବ୍ୟାସ ଏହି ସୂତ୍ରର ଭାଷ୍ୟରେ କହିଛନ୍ତି— **'ତସ୍ମାଦନୁପାୟଃ ସୁଖସ୍ୟ ଭୋଗାଭ୍ୟାସ ଇତି ।'** ଅର୍ଥାତ୍ ସୁଖର ଉପାୟ ଭୋଗର ଅଭ୍ୟାସ ନୁହେଁ, (ବରଂ

ଯୋଗାଭ୍ୟାସ ଅଟେ) ।

**୨. ତାପ ଦୁଃଖ** — ଖାଦ୍ୟ, ବସ୍ତ୍ର, ବାସଗୃହ, ଯାନବାହନ ଆଦି ଜଡ଼ ପଦାର୍ଥ ତଥା ପୁତ୍ର-ପରିବାର (ଜ୍ଞାତିକୁଟୁମ୍ବ) ଆଦି ଚେତନ ପ୍ରାଣୀଙ୍କ ଦ୍ୱାରା ମଣିଷ ସୁଖ ପାଇଥାଏ । ଜଡ଼ ଓ ଚେତନ ପଦାର୍ଥ ଦ୍ୱାରା ମିଳୁଥିବା ଏହି ସୁଖରେ ଯେତେବେଳେ କୌଣସି ବ୍ୟକ୍ତି ବାଧା ଉପୁଯାଏ, ସେତେବେଳେ ସେହି ସୁଖ ଭୋଗ କରୁଥିବା ବ୍ୟକ୍ତିକୁ ଦୁଃଖ ଲାଗିଥାଏ । ଏହି ଦୁଃଖ ତ ବାଧା ଆସିବା ପରେ ହୋଇଥାଏ । କିନ୍ତୁ ଯଦି ଏଭଳି ବାଧା ଆସିବା ଆଗରୁ ଜାଣି ହୁଏ ଯେ 'ଅମୁକ ଲୋକ ମୋର ଅମୁକ ସୁଖରେ ବାଧା ଉତ୍ପନ୍ନ କରିବ', ତେବେ ସେଭଳି ବାଧା ଆସିବା ଆଗରୁ ହିଁ ଦୁଃଖ ହୋଇଥାଏ, ଯଦ୍ୟପି ସେହି ବ୍ୟକ୍ତି ପରେ ପ୍ରତିବନ୍ଧକ ସୃଷ୍ଟି କରୁ କି ନକରୁ । ଯଦି ସେପରି ପ୍ରତିବନ୍ଧକ ଆସେ ତ ଆହୁରି ଅଧିକ ଦୁଃଖ ହୋଇଥାଏ । ଏହାକୁ 'ତାପ ଦୁଃଖ' କୁହାଯାଏ ।

ଉଦାହରଣ — ମନେକରନ୍ତୁ, ଆମ ପାଖରେ ଏକ ଭଲ ଟେପ୍ ରେକର୍ଡର ଅଛି । ଆମର ପଡ଼ୋଶୀ ତାକୁ ମାଗିବାକୁ ଚାହୁଁଛନ୍ତି । ଆମେ କିନ୍ତୁ ତାହା ଦେବାକୁ ଚାହୁଁନୁ । ଯେତେବେଳେ ଆମେ ଜାଣିପାରୁ ଯେ 'କାଲି ସେ ତାହା ମାଗିବାକୁ ଆସିବେ' ତେବେ ତାହା ଜାଣିବା ପରଠୁ ଆମର ମନ ବିଷାଦଗ୍ରସ୍ତ ହୋଇଯାଏ । ଯଦି ସେ ପ୍ରକୃତରେ ତା' ପରଦିନ ତାହା ମାଗିବାକୁ ଆସିଯାଆନ୍ତି ଏବଂ ପଡ଼ୋଶୀ ହୋଇଥିବା କାରଣରୁ ଆମର ଇଚ୍ଛା ନ ଥିଲେ ମଧ୍ୟ ଯଦି ତାକୁ ସେ ଯନ୍ତ୍ର ଦେବାକୁ ହିଁ ପଡ଼େ ତେବେ ଆହୁରି ବେଶୀ ଦୁଃଖ ହୁଏ ଏବଂ ସେହି ଜିନିଷଟି ଆମେ ସୁରକ୍ଷିତ (ଠିକ୍‌ଠାକ୍) ଭାବେ ଫେରି ନ ପାଇବା ପର୍ଯ୍ୟନ୍ତ ଏଭଳି ଦୁଃଖ ଲାଗେ । ତା' ସହିତ ମନରେ ଏ ଭୟ ବି ରହେ ଯେ ପଡ଼ୋଶୀଟି ମୋର ଜିନିଷ(ଯନ୍ତ୍ର)ଟି ଖରାପ କରି ଦେବେନି ତ? ଏହାକୁ ତାପ ଦୁଃଖ କୁହାଯାଏ । ଏହିପରି ଅନ୍ୟ କୌଣସି ମୂଲ୍ୟବାନ ବସ୍ତୁ (ଲୁଗାପଟା, କ୍ୟାମେରା, କାର୍ ଆଦି ଯାନ) ମାଗିଲେ ଯେଉଁ ଦୁଃଖ ହୁଏ ତାହାକୁ ମଧ୍ୟ ଉଦାହରଣ ରୂପେ ନେଇପାରିବା । ଯଦି ଆମେ ଲୁଗା ବ୍ୟବସାୟୀ ଅଟୁ ଏବଂ ଆମର ଦୋକାନ ଥିବା ବଜାରରେ ଆଉ ଜଣଙ୍କର ଏକ ନୂଆ ଲୁଗା ଦୋକାନ ଖୋଲିଯାଏ, ତାହା ହେଲେ ଆମର ବେପାରରେ ଆଦାୟ କମିଯିବା ହେତୁ ଦୁଃଖ ହୁଏ । ତାହା ମଧ୍ୟ ତାପ ଦୁଃଖ ଅଟେ, ଇତ୍ୟାଦି ।

**୩. ସଂସ୍କାର ଦୁଃଖ** — ଯଦି କୌଣସି ବ୍ୟକ୍ତି କୌଣସି ଜିନିଷ ଦ୍ୱାରା ସୁଖ ପାଏ, ତେବେ ମନ ଉପରେ ସେହି ସୁଖର ସଂସ୍କାର ପଡ଼ିଥାଏ । ଏହି ସଂସ୍କାର ହିଁ ପରବର୍ତ୍ତୀ ସମୟରେ ସେହି ବ୍ୟକ୍ତିକୁ ପୂର୍ବରୁ ଭୋଗିଥିବା ସେହି ସୁଖ ପ୍ରତି ପୁଣି ପ୍ରେରିତ କରେ । କିନ୍ତୁ କୌଣସି କାରଣରୁ ସେହି ସୁଖ ନ ମିଳିଲେ ବ୍ୟକ୍ତି ଦୁଃଖ ଅନୁଭବ କରିଥାଏ । ଏହି ଦୁଃଖ ସଂସ୍କାର କାରଣରୁ ହୋଇଥିବାରୁ ତାହାକୁ 'ସଂସ୍କାର ଦୁଃଖ' କୁହାଯାଏ । ଏହିପରି ବ୍ୟକ୍ତି କୌଣସି ଜିନିଷରୁ ଯେବେ ଦୁଃଖ ପାଏ, ତେବେ ମନ ଉପରେ ଦୁଃଖର ସଂସ୍କାର ପଡ଼ିଥାଏ । ଯେତେବେଳେ ସେହି ଦୁଃଖଦାୟକ ଜିନିଷ ପୁଣି ସାମନାକୁ ଆସିଯାଏ କିମ୍ବା ବ୍ୟକ୍ତି ସେହି ଦୁଃଖଦାୟକ ଜିନିଷକୁ ମନେ ପକାଏ, ସେତେବେଳେ ସେହି ଦୁଃଖର ସଂସ୍କାର ପୁଣି ଦୁଃଖ ଉତ୍ପନ୍ନ କରିଥାଏ । ସେହି ଦୁଃଖ ମଧ୍ୟ ସଂସ୍କାର କାରଣରୁ ହୋଇଥାଏ । ତେଣୁ ତାହାକୁ ମଧ୍ୟ 'ସଂସ୍କାର ଦୁଃଖ' କୁହାଯାଏ ।

**ଉଦାହରଣ** — ମନେକରନ୍ତୁ, କୌଣସି ବ୍ୟକ୍ତି ପ୍ରତିଦିନ କାର୍ ଯୋଗେ ନିଜ କାର୍ଯ୍ୟାଳୟକୁ ଯାଆନ୍ତି । କାର୍‌ରେ ଯିବା ହେତୁ ସେ ସୁଖ ଅନୁଭବ କରନ୍ତି । ଯଦି କୌଣସି ଦିନ କାର୍‌ଟି ରାସ୍ତାରେ ଖରାପ ହୋଇଯାଏ ଅଥବା ଚକ ପଂକଚର୍ ହୋଇଯାଏ ଏବଂ ତାଙ୍କୁ ଭଡ଼ା ଟ୍ୟାକ୍ସିଟିଏ ବି ମିଳେ ନାହିଁ, ତାଙ୍କୁ ବସ୍‌ରେ ହିଁ ଯିବାକୁ ପଡ଼େ, ତେବେ ତାଙ୍କୁ ଦୁଃଖ ହୋଇଥାଏ । ସେ କାର୍‌ରେ ଯିବା ସୁଖର (ଅଭ୍ୟାସ) ସଂସ୍କାର ତାଙ୍କର ମନ ଉପରେ ପକାଇ ସାରିଥିଲେ । ଯେତେବେଳେ ସେହି ସୁଖ କୌଣସି ଦିନ ମିଳିଲା ନାହିଁ, ତେଣୁ ସେହି ସଂସ୍କାର କାରଣରୁ ତାଙ୍କୁ ଦୁଃଖ

ଭୋଗିବାକୁ ପଡ଼ିଲା । ଏହିପରି ଚା’, ପାନ, ବିଡ଼ି ଆଦି ସେବନ କରୁଥିବା ଲୋକଙ୍କୁ ଯାତ୍ରା ସମୟରେ ହେଉ ଅଥବା ଅନ୍ୟ କୌଣସି କାରଣରୁ ହେଉ ଯେତେବେଳେ ସେହି ଜିନିଷ ମିଳେ ନାହିଁ, ତାଙ୍କୁ ଯେଉଁ ଦୁଃଖ ହୁଏ, ତାହା ପ୍ରାୟ ସବୁ ଲୋକ ଜାଣନ୍ତି । ଏ ସବୁକୁ ‘ସଂସ୍କାର ଦୁଃଖ’ କୁହାଯାଏ । ଅନ୍ୟପକ୍ଷରେ ଜଣେ ଲୋକ ଅନ୍ୟଜଣକୁ ଅପମାନିତ କଲା । ଏହା ଦ୍ୱାରା ଅପମାନ ପାଇଥିବା ଲୋକଟିକୁ ଦୁଃଖ ହୁଏ । ଯେତେବେଳେ ଅପମାନିତ କରିଥିବା ଲୋକଟି ତା’ ଆଗକୁ ଆସିଯାଏ କିମ୍ବା ଅପମାନିତ ବ୍ୟକ୍ତି ସେହି ଅପମାନ ଦେଇଥିବା ଲୋକଟିକୁ ମନେ ପକାଏ, ସେତେବେଳେ ସେହି ସଂସ୍କାର କାରଣରୁ ତାକୁ ଦୁଃଖ ମିଳିବା ଆରମ୍ଭ ହୋଇଯାଏ, ଯେଉଁ ସଂସ୍କାର କି ଅପମାନ ପାଇବା ସମୟରେ ତା’ ମନ ଉପରେ ସେ ପକାଇଥିଲା । ଏହିପରି କାହାଠାରୁ ପ୍ରତାରିତ ହୋଇଥିବା (ଧୋକା ଖାଇଥିବା) ଲୋକ, କାହାଠାରୁ ମାଡ଼ ଖାଇଥିବା ଲୋକ, ଅନ୍ୟ କୌଣସି ପ୍ରକାର କ୍ଷତି ସହିଥିବା ଲୋକ ମଧ୍ୟ ସେହି ଧୋକା ଦେଇଥିବା ଅଥବା ମାଡ଼ ମାରିଥିବା ଲୋକକୁ ନିଜ ଆଗରେ ଦେଖିଲେ କିମ୍ବା ତାକୁ ମନେ ପକାଇଲେ ଯେଉଁ ଦୁଃଖ ହୁଏ, ତାହାକୁ ମଧ୍ୟ ‘ସଂସ୍କାର ଦୁଃଖ’ କୁହାଯାଏ ।

**୪. ଗୁଣବୃତ୍ତିବିରୋଧ ଦୁଃଖ** — ଯୋଗ-ଦର୍ଶନର ବ୍ୟାସଭାଷ୍ୟ ଅନୁସାରେ ଏହି ଦୁଃଖର ଦୁଇଟି ସ୍ୱରୂପ ଥିବା ଜଣାଯାଏ । ‘ଗୁଣ’ର ଅର୍ଥ ହେଉଛି ସତ୍ତ୍ୱ, ରଜ ଓ ତମ ନାମକ ସୂକ୍ଷ୍ମତମ କଣ ଯାହାର ସମାହାରର ନାମ ‘ପ୍ରକୃତି’ । ‘ବୃତ୍ତି’ର ଅର୍ଥ ହେଉଛି- ସ୍ୱଭାବ ।

**ଗୁଣବୃତ୍ତିବିରୋଧ ଦୁଃଖର ପ୍ରଥମ ସ୍ୱରୂପ** —

କ. ଚିତ୍ତରେ ଗୁଣର ପରିବର୍ତ୍ତନ — ପ୍ରକୃତିରୁ ଉତ୍ପନ୍ନ ସମସ୍ତ ପଦାର୍ଥ ତ୍ରିଗୁଣାତ୍ମକ । ଚିତ୍ତ (ଅଥବା ମନ) ମଧ୍ୟ ତ୍ରିଗୁଣାତ୍ମକ ଅଟେ । ଏହି ତିନି ଗୁଣ (ସତ୍ତ୍ୱ, ରଜ ଓ ତମ)ର ପ୍ରବୃତ୍ତି(ସ୍ୱଭାବ)ଗୁଡ଼ିକ ପରସ୍ପର ବିରୋଧୀ ଅଟନ୍ତି । ଯଥା- ସତ୍ତ୍ୱ ସୁଖକୁ ଉତ୍ପନ୍ନ କରେ । ରଜଃ ଦୁଃଖକୁ ଉତ୍ପନ୍ନ କରେ ଏବଂ ତମଃ ମିଥ୍ୟାଜ୍ଞାନକୁ ଉତ୍ପନ୍ନ କରିଥାଏ । ଏହିପରି ଭାବରେ ସତ୍ତ୍ୱ ଧାର୍ମିକ ପ୍ରବୃତ୍ତି; ଯଥା — ନ୍ୟାୟ, ଦୟା, ପରୋପକାର, କର୍ତ୍ତବ୍ୟ-ପାଳନ ଇତ୍ୟାଦି ଉତ୍ପନ୍ନ କରିଥାଏ । ରଜ ଅଧାର୍ମିକ ପ୍ରବୃତ୍ତି ; ଯଥା — ପକ୍ଷପାତ, ହିଂସା, ଚୋରି, ସ୍ୱାର୍ଥ ଆଦି ଉତ୍ପନ୍ନ କରେ । ଚିତ୍ତରେ ଥିବା ଏହି ଗୁଣଗୁଡ଼ିକର ପ୍ରଭାବ ଆତ୍ମା ଉପରେ ପଡ଼େ । ଏହି ଗୁଣର ବ୍ୟାପାର (କାର୍ଯ୍ୟ) ଚଞ୍ଚଳ ଅଟେ । ଏସବୁର କାର୍ଯ୍ୟ ଚଞ୍ଚଳ ହୋଇଥିବାରୁ ଚିତ୍ତରେ ଥିବା ଏହି ଗୁଣଗୁଡ଼ିକର ପ୍ରଭାବରେ ମଧ୍ୟ ପରିବର୍ତ୍ତନ ଲାଗି ରହେ । ଯେତେବେଳେ ବ୍ୟକ୍ତି ସତ୍ତ୍ୱ ଗୁଣର ପ୍ରଭାବରେ ପରୋପକାର, ନ୍ୟାୟ, ଦୟା, ଧର୍ମ ଆଦି ସହ ସଂଯୁକ୍ତ ହୋଇଥାଏ, ସେତେବେଳେ ସେ ସୁଖ ଅନୁଭବ କରେ । କିନ୍ତୁ କୌଣସି କାରଣବଶତଃ ରଜୋଗୁଣ କିମ୍ବା ତମୋଗୁଣର ପ୍ରଭାବରୁ ତାହାର ସେହି ସ୍ଥିତି ପରିବର୍ତ୍ତିତ ହୋଇଗଲେ ସେ ସ୍ୱାର୍ଥ, ପକ୍ଷପାତ, ହିଂସା, ଚୋରି ଆଦି ବିଚାର ଦ୍ୱାରା ଆକ୍ରାନ୍ତ (ପ୍ରଭାବିତ) ହୋଇଯାଏ, ସେତେବେଳେ ତା’କୁ ଦୁଃଖ ଅନୁଭବ ହେବା ଆରମ୍ଭ ହୋଇଯାଏ । ସେହି ଦୁଃଖ ଏହି ଗୁଣଗୁଡ଼ିକର ବୃତ୍ତି(ସ୍ୱଭାବ)ର ପରସ୍ପର ବିରୋଧାଭାସ ଯୋଗୁଁ ହୋଇଥାଏ । ଏଥିପାଇଁ ଏହାକୁ ‘ଗୁଣବୃତ୍ତିବିରୋଧ ଦୁଃଖ’ କୁହାଯାଏ ।

**ଉଦାହରଣ** — ସତ୍ତ୍ୱଗୁଣର ପ୍ରଭାବ ଦ୍ୱାରା ମନ (ଚିତ୍ତ)ରେ ଏହି ବିଚାର ଜାଗିଉଠେ ଯେ- ଚୋରି କରିବା ଉଚିତ ନୁହେଁ । ପରିଶ୍ରମ ଦ୍ୱାରା ଉପାର୍ଜନ କରି ଖାଇବା ଭଲ । ରଜୋଗୁଣର ପ୍ରଭାବ ହେତୁ ମନରେ ଏକ ବିରୋଧ ବିଚାର ଉତ୍ପନ୍ନ ହୋଇଥାଏ ଯେ- ‘ଥରେ ମାତ୍ର ଚୋରି କଲେ ଅସୁବିଧା କିଛି ନାହିଁ । ୨୦,୦୦୦/- ଟଙ୍କା ମିଳିଯିବ, ତା’ ପରେ ଆଉ ଚୋରି କରିବା ନାହିଁ ।’ ବର୍ତ୍ତମାନ ଏହି ଦୁଇ ପ୍ରବୃତ୍ତି ମଧ୍ୟରେ ପରସ୍ପର ବିରୋଧ ଯୋଗୁଁ ମନରେ ଯୁଦ୍ଧ ଲାଗି ରହେ । ଏହି ଯୁଦ୍ଧର ପରିଣାମସ୍ୱରୂପ ବ୍ୟକ୍ତି ବ୍ୟାକୁଳ (ଦୁଃଖୀ) ହୋଇଯାଏ । ଯେହେତୁ ଏହି ଦୁଃଖ ବୃତ୍ତିଗୁଡ଼ିକର ବିରୋଧ ଯୋଗୁଁ ହୋଇଥାଏ, ଏଣୁ ଏହାକୁ ଗୁଣବୃତ୍ତି ବିରୋଧ ଦୁଃଖ

କୁହାଯାଏ । ଏହିପରି ଭାବରେ ସତ୍ତ୍ୱଗୁଣରୁ ମନରେ ବିଚାର ଆସେ- 'ସମୟ ହୋଇଗଲା, ଏବେ ଘରକୁ ଚାଲିଯିବା ଉଚିତ ।' ରଜୋଗୁଣରୁ ପ୍ରେରଣା ଆସେ- 'ଘରକୁ ତ ପ୍ରତିଦିନ ସମୟ ଅନୁସାରେ ଯାଉଛି । ଆଜି ସିନେମା ଟିକିଏ ଦେଖିଦେବି । କିଛି ସମୟ ପରେ ଘରେ ପହଞ୍ଚିଯିବି ।' ପୁନଶ୍ଚ ଏହି ଦୁଇ ବିଚାର ମଧ୍ୟରେ ଦ୍ୱନ୍ଦ୍ୱ ଏବଂ ପୁଣି ମନରେ ବ୍ୟାକୁଳତା ଆଦି ଜାତ ହେବା - ଏସବୁ ଗୁଣବୃତ୍ତିବିରୋଧ ଦୁଃଖ । ଏହି ଭଳି ସବୁ କ୍ଷେତ୍ରରେ ବୁଝିନେବା ଉଚିତ ।

**ଗୁଣବୃତ୍ତିବିରୋଧ ଦୁଃଖର ଦ୍ୱିତୀୟ ସ୍ୱରୂପ —**

ଖ. ପ୍ରତ୍ୟେକ ଭୌତିକ ପଦାର୍ଥ ଦୁଃଖଯୁକ୍ତ ଅଟେ— ପ୍ରକୃତିରୁ ଉତ୍ପନ୍ନ ସମସ୍ତ ପଦାର୍ଥ ସତ୍ତ୍ୱ, ରଜ ଓ ତମ ଗୁଣ ଯୁକ୍ତ ଅଟନ୍ତି । ପ୍ରତ୍ୟେକ ଭୌତିକ ପଦାର୍ଥରେ ଊଣାଅଧିକେ ଏହି ତିନି ଗୁଣ (ସୂକ୍ଷ୍ମତମ ପରମାଣୁ)ର ସମାବେଶ ହୋଇଥାଏ । ପ୍ରତ୍ୟେକ ପଦାର୍ଥରେ ଏ ତିନୋଟି ଥିବା ହେତୁ ନିଜ-ନିଜ ପ୍ରକୃତିବଶତଃ ଏହି ତିନି ଗୁଣ ସୁଖ-ଦୁଃଖ ଓ ଅଜ୍ଞାନକୁ ଊଣା-ଅଧିକେ ଉତ୍ପନ୍ନ କରିଥାନ୍ତି । ଯେହେତୁ ରଜୋଗୁଣ ମଧ୍ୟ ଏହି ତିନି ଗୁଣ ମଧ୍ୟରେ ଏକ ଅଟେ, ଏଣୁ ଏହା ମଧ୍ୟ ପ୍ରତ୍ୟେକ ପଦାର୍ଥରେ ରହିଥିବାରୁ ଊଣା-ଅଧିକ ଦୁଃଖ ଜାତ କରାଏ । ଯେଉଁ ପଦାର୍ଥରେ ଯେଉଁ ଗୁଣ ଅଧିକ ଥାଏ, ତାହାକୁ ସେହି ନାମରେ ନାମିତ କରାଯାଏ ଏବଂ ତାହାର ପ୍ରଭାବ ମଧ୍ୟ ସେହି ଗୁଣ ଅନୁସାରେ ହିଁ ହୋଇଥାଏ ।

**ଉଦାହରଣ** — ଚାଉଳ, ଖୀର, ବାଦାମ, ଘିଅ ଆଦି ପଦାର୍ଥ ଯଦିଓ ଏହି ତିନି ଗୁଣର ସମ୍ମିଶ୍ରଣରେ ଉତ୍ପନ୍ନ ହୋଇଥାଏ । ତଥାପି ଏଥିରେ ସତ୍ତ୍ୱଗୁଣର ପରିମାଣ ବେଶୀ ଥିବାରୁ ଏବଂ 'ସୁଖ ଦେବା' ରୂପକ ସତ୍ତ୍ୱଗୁଣର ପ୍ରଭାବ ବେଶୀ ହୋଇ ଥିବା ଯୋଗୁଁ ତାହାକୁ ସତ୍ତ୍ୱପ୍ରଧାନ ପଦାର୍ଥ କୁହାଯାଏ । ଏହି ପ୍ରକାରେ ଲଙ୍କା, ମସଲା ଆଦି ରଜଃ ପ୍ରଧାନ ପଦାର୍ଥ ତଥା ମଦ, ମାଂସ ଆଦି ତମଃ ପ୍ରଧାନ ପଦାର୍ଥ ଅଟନ୍ତି ।

ଏସବୁ ସତ୍ତ୍ୱେ ଚାଉଳ, ଖୀର, ଘିଅ, ବାଦାମ ଆଦି ସାତ୍ତ୍ୱିକ ପଦାର୍ଥରେ ରଜୋଗୁଣ ଅଳ୍ପ ପରିମାଣରେ ରହିଥିବା ଯୋଗୁଁ ତାହା ଅଳ୍ପ ଦୁଃଖ ଅବଶ୍ୟ ଉତ୍ପନ୍ନ କରିଥାଏ । ଯଦିଓ ଏହି ସାତ୍ତ୍ୱିକ ପଦାର୍ଥ ଗ୍ରହଣ କରିବା ସମୟରେ ରଜୋଗୁଣରୁ ଉତ୍ପନ୍ନ ସେହି ସାମାନ୍ୟ ଦୁଃଖ ସାଧାରଣ ବ୍ୟକ୍ତିକୁ ସ୍ପଷ୍ଟ ଅନୁଭୂତ ହୁଏ ନାହିଁ । ତଥାପି ଉପାଦାନ-କାରଣର ନିୟମାନୁସାରେ ଯୋଗାଭ୍ୟାସୀ ବ୍ୟକ୍ତି ସେହି ଦୁଃଖକୁ ବୁଦ୍ଧି ଦ୍ୱାରା ଅନୁଭବ କରନିଏ ଯେ- (ଉତ୍ପାଦନର ନିୟମ) ଯେହେତୁ ଏଥିରେ ରଜୋଗୁଣ ରହିଅଛି, ତେଣୁ ଦୁଃଖ ଅବଶ୍ୟ ହିଁ ହେବ । ଯେହେତୁ କି ଦ୍ରବ୍ୟ ଓ ଗୁଣର ନିତ୍ୟ ସମ୍ବନ୍ଧ ରହିଛି । ଏଥିପାଇଁ ଯୋଗାଭ୍ୟାସୀ ବ୍ୟକ୍ତି ସମସ୍ତ ପଦାର୍ଥକୁ ଊଣାଅଧିକେ (କିଛି ନା କିଛି) ଦୁଃଖରେ ଯୁକ୍ତ ବୋଲି ଦେଖୁଥାଏ । ଯେହେତୁ ଏହି ପଦାର୍ଥଗୁଡ଼ିକରେ ଦୁଃଖ କମ୍ ବା ବେଶୀ ହେବା, ଗୁଣଗୁଡ଼ିକର ପରସ୍ପର ବିରୋଧଭାବ ଯୋଗୁଁ ହୋଇଥାଏ, ଏଥିପାଇଁ ଏହାକୁ 'ଗୁଣବୃତ୍ତିବିରୋଧ ଦୁଃଖ' କୁହାଯାଏ ।

ଯେତେବେଳେ ଯୋଗାଭ୍ୟାସୀ ନିଜର ବୌଦ୍ଧିକ ସ୍ତରରେ ପ୍ରତ୍ୟେକ ପଦାର୍ଥକୁ ଅଳ୍ପ-ବହୁତ ଦୁଃଖ ଯୁକ୍ତ ବୋଲି ଅନୁଭବ କରେ, ସେତେବେଳେ ସୂତ୍ରର ଶବ୍ଦ **'ଦୁଃଖମେବ ସର୍ବଂ ବିବେକିନଃ'** ଅନୁସାରେ ସମଗ୍ର ଜଗତର ଭୌତିକ ପଦାର୍ଥସବୁ ସେ ବିବେକୀ (ଯୋଗାଭ୍ୟାସୀ) ବ୍ୟକ୍ତିକୁ ଦୁଃଖମୟ ଦେଖାଯାଏ ଏବଂ ଏହି ଦୁଃଖମୟ ସଂସାର ପ୍ରତି ତା'ର ବୈରାଗ୍ୟ ଜାତ ହୁଏ । ଏହି ବୈରାଗ୍ୟ କ୍ରମଶଃ ତାକୁ ସମାଧି ଏବଂ ମୋକ୍ଷ ପର୍ଯ୍ୟନ୍ତ ପହଞ୍ଚାଇ ଦିଏ । ଏହା ବ୍ୟତୀତ ଦୁଃଖରୁ ମୁକ୍ତି ପାଇବା ନିମନ୍ତେ ଅନ୍ୟ କୌଣସି ମାର୍ଗ ନାହିଁ ।

ଯଦି ବ୍ୟକ୍ତି ଏସବୁ ଦୁଃଖରୁ ନିବୃତ୍ତି ପାଇବା ପାଇଁ ଉଲ୍ଲିଖିତ ବୈରାଗ୍ୟ ପ୍ରାପ୍ତିର ପ୍ରକ୍ରିୟାକୁ ଗ୍ରହଣ ନ କରେ ତେବେ ସେ କେବଳ ଜୀବନସାରା ଦୁଃଖ ଭୋଗିବ ତାହା ନୁହେଁ, ଅପରନ୍ତୁ ଜନ୍ମ-ଜନ୍ମାନ୍ତର ପର୍ଯ୍ୟନ୍ତ ଏହି ଦୁଃଖ-ପଙ୍କ ଭିତରକୁ ଅଧିକରୁ ଅଧିକ ଧସି ଚାଲିଥାଏ ଏବଂ ମନୁଷ୍ୟ

ଜୀବନକୁ ବ୍ୟର୍ଥ କରିଦିଏ । ଏସବୁ ଦୁଃଖର ବିସ୍ତାର ଜନ୍ମଜନ୍ମାନ୍ତର ପର୍ଯ୍ୟନ୍ତ ହୋଇଥାଏ, ଯାହାକି ବ୍ୟାସଭାଷ୍ୟରେ ଏପରି ଭାବେ ଲେଖାଯାଇଛି—

**ପରିଣାମ, ତାପ ଆଦି ଦୁଃଖର ବିସ୍ତାର** —

ଯେତେବେଳେ କୌଣସି ବ୍ୟକ୍ତି କୌଣସି ଭୌତିକ ସୁଖ ଭୋଗ କରିଥାଏ, ସେତେବେଳେ ସେ ସୁଖ ପ୍ରତି ତା' ଭିତରେ ରାଗ ଉତ୍ପନ୍ନ ହୋଇଯାଏ । ସେହି ସୁଖକୁ ସେ ଯେନ-ତେନ ପ୍ରକାରେ ପୁଣି ପାଇବାକୁ ଚାହିଁଥାଏ । ସେହି ସୁଖ ପ୍ରାପ୍ତି ନିମନ୍ତେ ତାକୁ ଅଧର୍ମ, ଅନ୍ୟାୟ, ଅତ୍ୟାଚାର, ଚୋରି, ଡକାୟତି, ଲାଞ୍ଚ, ମିଛ ଆଦି ଯେଉଁ ପାପ କରିବାକୁ ପଡୁ ପଛେ ସେ କରିଥାଏ । ଆଜିକାଲି ପ୍ରାୟ ଏପରି ହିଁ ହୋଇଥାଏ । ଲୋକମାନେ ମୋଟର-ଗାଡ଼ି, କୋଠା-ବାଡ଼ି, ମାନ-ପ୍ରତିଷ୍ଠା ଆଦିରୁ ସୁଖ ପାଇବା ନିମନ୍ତେ ଉପରୋକ୍ତ ଲାଞ୍ଚ, ଚୋରି, କଳାବଜାରୀ ଆଦି ପାପ କରିଥାଆନ୍ତି । ପରିଣାମ ଏହା ହୁଏ ଯେ ଏହି ଲୌକିକ ସୁଖ ଭୋଗ କରି-କରି ମଧ୍ୟ ଇଚ୍ଛା ତ ପୂରଣ ହୁଏ ନାହିଁ । ଏହି ଜୀବନ କାଳ ମଧ୍ୟରେ ଇଚ୍ଛା ପୂରଣ ନ ହେବାରୁ ପରିଣାମରେ ଦୁଃଖ ଭୋଗ କରିବାକୁ ପଡ଼େ ଏବଂ ଏସବୁ ପାପକର୍ମର ଫଳସ୍ୱରୂପ ଆଗାମୀ (ପର) ଜନ୍ମରେ ମଧ୍ୟ ପଶୁପକ୍ଷୀ ଆଦି ଯୋନିରେ ଜନ୍ମ ଲାଭ କରି ନାନା ଦୁଃଖ ଭୋଗିବାକୁ ପଡ଼ିଥାଏ । କାରଣ ବୈଦିକ ସିଦ୍ଧାନ୍ତ ଅନୁସାରେ 'କୃତକର୍ମ (କଦାପି) ନିଷ୍ଫଳ ହୁଏ ନାହିଁ ।' ଏହି ସୁଖ ପ୍ରାପ୍ତି ନିମନ୍ତେ ବ୍ୟକ୍ତି ସୁଖର ରାଗ ଦ୍ୱାରା ପ୍ରେରିତ ହୋଇ କର୍ମ କରିଥାଏ । ଅତଃ ରାଗଜ କର୍ମ ପରିଣାମ ଦୁଃଖର ଅନ୍ତର୍ଗତ ବୋଲି କୁହାଯାଏ ।

କିନ୍ତୁ ଯେତେବେଳେ କୌଣସି ବ୍ୟକ୍ତି ଅନ୍ୟ ବ୍ୟକ୍ତିର ସୁଖରେ ବାଧକ ହୁଏ, ସେତେବେଳେ ଦ୍ୱିତୀୟ ବ୍ୟକ୍ତିଟି ପ୍ରଥମ ବ୍ୟକ୍ତି ପ୍ରତି ଦ୍ୱେଷ ଭାବ ପୋଷଣ କରିଥାଏ ଏବଂ ଏହି ଦ୍ୱେଷ କାରଣରୁ ସେ ସେହି (ପ୍ରଥମ) ବ୍ୟକ୍ତିଟିର କ୍ଷତି (ମାରଧର କରିବା, ବିରୋଧ କରିବା, ମିଥ୍ୟାରୋପ କରିବା, ଏପରିକି ହତ୍ୟା ମଧ୍ୟ) କରିଦିଏ । ପୁଣି ଏହି ଦୁଷ୍କର୍ମର ଫଳ ମଧ୍ୟ ତାକୁ ନୀଚଯୋନିରେ ଜନ୍ମ ନେଇ ଭୋଗ କରିବାକୁ ପଡ଼େ । ଏହିପରି ଭାବରେ ଦ୍ୱେଷଜ କର୍ମ ତାପଦୁଃଖର ଅନ୍ତର୍ଗତ ହୋଇଯାଏ ।

ସଂସ୍କାର ଦୁଃଖ ଅନ୍ତର୍ଗତ ରାଗଜ (ଆସକ୍ତି-ଜନ୍ୟ) ଏବଂ ଦ୍ୱେଷଜ ଉଭୟ ପ୍ରକାର କର୍ମ ହୋଇଥାଏ । କାରଣ ସୁଖ ଭୋଗିବା ଦ୍ୱାରା ସୁଖର ସଂସ୍କାର ପଡ଼େ ଏବଂ ଦୁଃଖ ଭୋଗିବା ଦ୍ୱାରା ଦୁଃଖର ସଂସ୍କାର ପଡ଼େ । ସୁଖର ସଂସ୍କାର ରାଗ ଉତ୍ପନ୍ନ କରେ ତଥା ଦୁଃଖର ସଂସ୍କାର ଦ୍ୱେଷ ଉତ୍ପନ୍ନ କରିଥାଏ । ପୁଣି ବ୍ୟକ୍ତି ସେହି ରାଗ ଓ ଦ୍ୱେଷର ବଶବର୍ତ୍ତୀ ହୋଇ ସୁଖ ଲାଭ ଓ ଦୁଃଖ ନିବୃତ୍ତି ପାଇଁ ନୂଆ-ନୂଆ କର୍ମ କରେ । ରାଗ ଓ ଦ୍ୱେଷ କାରଣରୁ କରୁଥିବା ଏହି ସକାମ କର୍ମ (ପାପ-ପୁଣ୍ୟ)ର ଫଳ ପୁଣି ତା'କୁ ଆଗାମୀ ଜନ୍ମରେ ଭୋଗିବାକୁ ପଡ଼ିଥାଏ ଏବଂ ଏହି ଚକ୍ର ଏଠାରେ ଶେଷ ହୁଏ ନାହିଁ । ଆସନ୍ତା ଜନ୍ମରେ ବ୍ୟକ୍ତି ପୁଣି ଏହି ସଂସ୍କାର ଦ୍ୱାରା ପାପ-ପୁଣ୍ୟ କର୍ମ କରେ ଏବଂ ନୂତନ ସୁଖ-ଦୁଃଖ ଭୋଗ କରି-କରି ସଂସ୍କାରକୁ ଆହୁରି ବଢ଼ାଇ ଦିଏ । ଏହିପରି ଭାବେ ସଂସ୍କାର ଦ୍ୱାରା ନୂଆ କର୍ମ, ନୂଆ କର୍ମ ଦ୍ୱାରା ନୂଆ ଫଳ(ସୁଖ-ଦୁଃଖ) ଏବଂ ପୁଣି ଏହି ଫଳ(ସୁଖ-ଦୁଃଖ)ରୁ ନୂଆ ସଂସ୍କାର ତିଆରି ହୋଇ ଚାଲିଥାଏ ତଥା ଜନ୍ମଜନ୍ମାନ୍ତର ପର୍ଯ୍ୟନ୍ତ ବ୍ୟକ୍ତି(ଆତ୍ମା) ବିବିଧ ଯୋନିରେ ବିଭିନ୍ନ ଦୁଃଖ ଭୋଗ କରି-କରି ନିଜର ଅଶେଷ କ୍ଷତି କରିଥାଏ ।

**ପ୍ରଶ୍ନ** — ଏଭଳି ଦୁଃଖରୁ ମୁକୁଳିବା ପାଇଁ କୌଣସି ଉପାୟ ଅଛି କି ?

**ଉତ୍ତର** — ହଁ, ଅଛି । ଉପାୟ କେବଳ- 'ଯୋଗାଭ୍ୟାସ', ଯାହାର ସୂଚନା ପୂର୍ବରୁ ଦିଆଯାଇଛି । ମହର୍ଷି ପତଞ୍ଜଳିଙ୍କ ଭାଷାରେ — **'ବିବେକଖ୍ୟାତିରବିପ୍ଲବା ହାନୋପାୟଃ ।'** (ଯୋଗ. ୨:୨୬)— ସ୍ଥିର (ଦୃଢ଼) ତତ୍ତ୍ୱଜ୍ଞାନ ହିଁ ଏସବୁ ଦୁଃଖରୁ ନିବୃତ୍ତି ପାଇବାର ଉପାୟ । ଏହି ତତ୍ତ୍ୱଜ୍ଞାନ ଉପରୋକ୍ତ ପ୍ରକ୍ରିୟା ଦ୍ୱାରା ହିଁ ଅର୍ଥାତ୍ ସାଂସାରିକ ସୁଖ ମଧ୍ୟରେ ଚାରି ପ୍ରକାର ଦୁଃଖ ଅନୁଭବ

କରିବା ଦ୍ୱାରା ଏବଂ ଅଷ୍ଟାଙ୍ଗ ଯୋଗ ଆଚରଣ କରିବା ଦ୍ୱାରା ହିଁ ସମ୍ଭବ ହୋଇଥାଏ । ଏହି ବିଷୟରେ ଯୋଗଦର୍ଶନର ଏହି ସୂତ୍ର କହେ— **'ଯୋଗାଙ୍ଗାନୁଷ୍ଠାନାଦଶୁଦ୍ଧିକ୍ଷୟେ ଜ୍ଞାନଦୀପ୍ତିରାବିବେକଖ୍ୟାତେଃ ।'** (ଯୋଗ. ୨:୨୮)— ଅଷ୍ଟାଙ୍ଗ ଯୋଗର ସାଧନା (ଆଚରଣ) ଦ୍ୱାରା ଅବିଦ୍ୟାର ବିନାଶ ଓ ଜ୍ଞାନର ବିକାଶ ହେଉଥାଏ, ଯେ ପର୍ଯ୍ୟନ୍ତ ବିବେକଖ୍ୟାତି (ତତ୍ତ୍ୱଜ୍ଞାନ) ହୋଇ ନଥାଏ । ପୁଣି ଏହି ତତ୍ତ୍ୱଜ୍ଞାନର ନିଶ୍ଚିତ ପରିଣାମ ବୈରାଗ୍ୟ ପ୍ରାପ୍ତ ହୋଇଥାଏ । ବୈରାଗ୍ୟରୁ ସମାଧି ଏବଂ ସମାଧିରୁ ସଂସ୍କାରର ଦଗ୍‌ଧବୀଜ ଅବସ୍ଥା (ଭଜା ହୋଇଥିବା ଶସ୍ୟଦାନାର ଅବସ୍ଥା) । ତା' ପରେ ମୋକ୍ଷ ପ୍ରାପ୍ତି ହୋଇଥାଏ । ମୋକ୍ଷାବସ୍ଥାରେ ଜୀବାତ୍ମା ଏସବୁ ଦୁଃଖରୁ ମୁକ୍ତ ହୋଇ ଈଶ୍ୱରଙ୍କ ନିତ୍ୟ ଆନନ୍ଦ ଭୋଗ କରେ । ଏହା କେତେ ସମୟ ପର୍ଯ୍ୟନ୍ତ ? ଯେ ପର୍ଯ୍ୟନ୍ତ ଏହି ସଂସାର ୩୬,୦୦୦ ଥର ସୃଷ୍ଟି ଓ ବିଲୟ ହୋଇଥାଏ । ଥରେ ଏହି ସଂସାରର ସୃଷ୍ଟି ଓ ବିନାଶ ଉଭୟର ସମୟ ମିଶି ୮ ଅର୍ବ, ୬୪ କୋଟି x ୩୬,୦୦୦ = ୩୧ ନୀଳ ୧୦ ଖର୍ବ ଏବଂ ୪୦ ଅର୍ବ ବର୍ଷ ହୋଇଥାଏ । ଏତେ ଦୀର୍ଘ ସମୟ ଧରି ସମସ୍ତ ଦୁଃଖରୁ ମୁକ୍ତ ହୋଇ ଈଶ୍ୱରଙ୍କ ନିତ୍ୟ ଆନନ୍ଦ ଲାଭ କରିବା ନିମନ୍ତେ କାହିଁକି ତପ (ପରିଶ୍ରମ) ନ କରିବା ? ଯେଉଁ ବୁଦ୍ଧିମାନ୍ ବ୍ୟକ୍ତି ଏହି ପ୍ରକ୍ରିୟାକୁ ବୁଝିପାରିବ, ସେ ନିଶ୍ଚିତ ରୂପେ ଏଥିପାଇଁ ତପ(ସାଧନା) କରିବ । କାରଣ "ବୁଦ୍ଧିମାନ୍ ଲୋକ ପାଇଁ ତପଠାରୁ ଅଧିକ ଆଉ କିଛି ହିତକର କଥା ନାହିଁ ।" ଏହି ବିଚାରକୁ ମହାରାଜା ଭର୍ତ୍ତୃହରି ନିମ୍ନଲିଖିତ ଭାଷାରେ ପ୍ରକାଶ କରିଛନ୍ତି—

**ସଖେ ! ନାନ୍ୟଚ୍ଛ୍ରେୟୋଜଗତି ବିଦୁଷୋଽନ୍ୟତ୍ର ତପସଃ ।**

(ବୈରାଗ୍ୟ ଶତକ. ୪୮)

ଏହିପରି ଭାବରେ ମଣିଷ ଦୁଃଖରୁ ନିବୃତ୍ତି ପାଇବା ପାଇଁ ତପ କରିବା ବିଧେୟ । ବିନା ତପ (ସାଧନା/ଶ୍ରମ)ରେ ଦୁଃଖ ଦୂର ହେବ ନାହିଁ । ଏକଥା ସତ୍ୟ ଯେ ତପ କରିବା କଠିନ ଅଟେ ଏବଂ ଲୋକମାନେ କହନ୍ତି ଯେ, ଆମ ଦ୍ୱାରା କଠିନ କାର୍ଯ୍ୟ ହେବ ନାହିଁ । କିନ୍ତୁ ମୁଁ ନିବେଦନ କରିବାକୁ ଚାହେଁ ଯେ, ଯେଉଁ ବ୍ୟକ୍ତି ତପ କରିବାକୁ ଚାହେଁ ନାହିଁ ଅଥବା କରେ ନାହିଁ, ସେ ସୁଖକୁ ମଧ୍ୟ ତ ପାଇବାକୁ ଚାହେଁ ନାହିଁ କିମ୍ବା ସେ ସୁଖ ମଧ୍ୟ ପ୍ରାପ୍ତ କରି ପାରେ ନାହିଁ । **ଈଶ୍ୱରଙ୍କ ବିଧାନ ହେଉଛି କି ଯିଏ ତପ କରେ ସେ ହିଁ ସୁଖ ଲାଭ କରିପାରେ । ଏଣୁ କେତେ କଷ୍ଟକର ହେଉ ପଛକେ ଯଦି ସୁଖ ପାଇବାକୁ ଇଚ୍ଛା ଅଛି, ତେବେ ତପ ଅବଶ୍ୟ କରିବାକୁ ପଡ଼ିବ ।** ଧନ ରୋଜଗାର କରିବା ମଧ୍ୟ କଷ୍ଟସାଧ୍ୟ ହୋଇଥାଏ । ତଥାପି ଲୋକମାନେ ତା' ପାଇଁ ତପ (ଶ୍ରମ) କରିଥାଆନ୍ତି । ଏ ବିଷୟରେ ଲୋକମାନେ କାହିଁକି କହନ୍ତି ନାହିଁ ଯେ— 'ଧନ ରୋଜଗାର କରିବା କଷ୍ଟକର ଅଟେ । ତେଣୁ ଆମେ ଧନ ଅର୍ଜନ କରିବୁ ନାହିଁ ।' କାରଣ ସେମାନେ ଜାଣନ୍ତି ଯେ ଏହା ବିନା ଗୁଜରାଣ ମେଣ୍ଟି ପାରିବ ନାହିଁ । ଏଥିଯୋଗୁଁ ଧନ ରୋଜଗାର ପାଇଁ ବହୁତ ତପ (ଶ୍ରମ) କରିଥାଆନ୍ତି । ଠିକ୍ ଏହି କଥା ମୁଁ କହିବାକୁ ଚାହେଁ ଯେ- ଦୁଃଖରୁ ମୁକ୍ତ ନ ହେଲେ ଏବଂ ସୁଖଲାଭ ନ କଲେ ମଧ୍ୟ ଜୀବର ଅନ୍ୟ ଗତି ନାହିଁ । ଏଥିପାଇଁ ମଧ୍ୟ ତପ କରିବା ଆବଶ୍ୟକ ।

ବର୍ତ୍ତମାନ ଦୁଃଖରୁ ନିବୃତ୍ତି ପାଇବା ନିମନ୍ତେ ତା'ର କାରଣ ଓ ନିରାକରଣର ଉପାୟ ଜାଣିବାକୁ ହେବ । ଆସନ୍ତୁ, ଏହା ଜାଣିବାକୁ ଚେଷ୍ଟା କରିବା । ଦୁଃଖରୁ ନିବୃତ୍ତି ଓ ଈଶ୍ୱରୀୟ ଆନନ୍ଦ ପ୍ରାପ୍ତି ହିଁ ମୁକ୍ତି ଅଟେ । ଏଣୁ ଦର୍ଶନ ମାଧ୍ୟମରେ ଏହାକୁ ଏହି ଭଳି ଭାବରେ ବୁଝିବା ଉଚିତ ।

ଭାଷାନ୍ତର

**ଡଃ. ଉଷା ପାତ୍ରୀ**

❖❖❖

# ସ୍ୱରାଜ ଓ ଆର୍ଯ୍ୟସମାଜ

**ଅଭୟ ଦ୍ୱିବେଦୀ**

ଆର୍ଯ୍ୟ ସମାଜର ପ୍ରତଷ୍ଠାତା ମହର୍ଷି ଦୟାନନ୍ଦ ସରସ୍ୱତୀଙ୍କ ଜନ୍ମ ୧୮୨୪ ମସିହା ଫେବୃୟାରୀ ୧୨ ଏବଂ ମହାପ୍ରୟାଣ ୧୮୮୩ ମସିହା ଅକ୍ଟୋବର ୩୦ । ସ୍ୱରାଜ ପରଂପରାରେ ସେ ହେଉଛନ୍ତି ଜାତିର ପିତାମହ ଏବଂ ଜାତୀୟ ପରିଭାଷାରେ ବିଶୁଦ୍ଧ ଦେଶପ୍ରୀତିର ଉତ୍ତୁଙ୍ଗ ଶିଖର । ଊନବିଂଶ ଶତାବ୍ଦୀର ଆଦ୍ୟ ସୋପାନରୁ ସ୍ୱାଧୀନତା ପ୍ରାପ୍ତି ପର୍ଯ୍ୟନ୍ତ ବହୁ ଦେଶପ୍ରେମୀ, ସାମାଜିକ ଓ ଧାର୍ମିକ କ୍ଷେତ୍ରରେ ପ୍ରଚଳିତ କଳୁଷିତ ବ୍ୟବସ୍ଥାର ବିଲୋପ ନିମନ୍ତେ ପ୍ରୟାସ କରିଥିଲେ, ସ୍ୱାଧୀନତା ଆନ୍ଦୋଳନରେ ସାମିଲ ହୋଇ ତ୍ୟାଗ ବରଣ କରିଥିଲେ । ଏହି ତୁଙ୍ଗ ବ୍ୟକ୍ତିମାନେ ବହୁ ଭାବେ ପାଶ୍ଚାତ୍ୟ ଶିକ୍ଷା ଏବଂ ଜୀବନ ଶୈଳୀ ଦ୍ୱାରା ପ୍ରଭାବିତ ହୋଇଥିଲେ । ବିଦେଶର ଜାତି-ଭେଦହୀନ ସାମାଜିକ ଚଳଣୀ, ମହିଳାଙ୍କ ପ୍ରତି କୋହଳ ମନୋଭାବ, ଉଦାର ଶିକ୍ଷା ପଦ୍ଧତି, ଖ୍ରୀଷ୍ଟିଆନ ଧର୍ମର ଏକେଶ୍ୱରବାଦ ସେମାନଙ୍କୁ ବହୁ ଭାବରେ ଆକର୍ଷିତ କରିଥିଲା । ଏହି କ୍ରମରେ ମହର୍ଷି ଦୟାନନ୍ଦ ସରସ୍ୱତୀ ହେଉଛନ୍ତି ଅନନ୍ୟ, ଅସାଧାରଣ । ସେ ହିନ୍ଦୁ ସମାଜରେ ପ୍ରଚଳିତ ମୂର୍ତ୍ତିପୂଜା, ଘୃଣିତ ଜଘନ୍ୟ ଜାତିପ୍ରଥା, ବାଲ୍ୟ ବିବାହ ଆଦି ବିଭିନ୍ନ କୁସଂସ୍କାର ବିରୋଧରେ ଦୃଢ଼ ସ୍ୱର ଉତ୍ତୋଳନ କରିଥିଲେ । କିନ୍ତୁ ଏଥି ନିମନ୍ତେ ସେ ପାଶ୍ଚାତ୍ୟ ଜଗତରୁ ପ୍ରେରଣା ପାଇ ନ ଥିଲେ । ଆର୍ଯ୍ୟାବର୍ତ୍ତର ପବିତ୍ର ବେଦଗ୍ରନ୍ଥ ଅଧ୍ୟୟନ କରି ଉଦ୍‌ବୁଦ୍ଧ ହୋଇଥିଲେ । ବେଦ ଗ୍ରନ୍ଥ ଅଧ୍ୟୟନ କରିବା ପରେ ତାଙ୍କର ହୃଦ୍‌ବୋଧ ହେଲା – ଏହା ହିଁ ସକଳ ଜ୍ଞାନର ସାର ; ସତ୍ୟ, ନିତ୍ୟ ଏବଂ ସନାତନ । ପବିତ୍ର ବେଦ ଗ୍ରନ୍ଥ ଅନୁଶୀଳନ କରି ତାହାରି ଆଧାରରେ ହିନ୍ଦୁ ଧର୍ମର ଯାବତୀୟ ସାମାଜିକ ଓ ଧାର୍ମିକ କୁସଂସ୍କାରକୁ କଠୋର ଶବ୍ଦରେ ବିରୋଧ କଲେ । ତାଙ୍କର ସିଦ୍ଧାନ୍ତ ଥିଲା – ଯେଉଁ ସମୟରେ ସମଗ୍ର ରାଷ୍ଟ୍ରରେ ବୈଦିକ ବାଣୀର ପ୍ରସାର ଥିଲା, ଆର୍ଯ୍ୟମାନେ ବୈଦିକ ଧାରାରେ ଜୀବନ ନିର୍ବାହ କରୁଥିଲେ, ସେତେବେଳେ ଆର୍ଯ୍ୟାବର୍ତ୍ତ ସାରା ବିଶ୍ୱର ନେତୃତ୍ୱ ନେଉଥିଲା । କିନ୍ତୁ ବୈଦିକ ପରଂପରା କ୍ଷୟ ହେବା ମାତ୍ରେ ଦେଶ ଦୁର୍ବଳ ହୋଇପଡ଼ିଲା ଏବଂ ବିଦେଶୀ ଆକ୍ରମଣର ଶିକାର ହେଲା ।

ହୃତ ଗୌରବ ଫେରି ପାଇବା ସହିତ ବୈଦିକ ଧାରାର ପୁନଃ ପ୍ରସାର ନିମନ୍ତେ ମହର୍ଷି ଦୟାନନ୍ଦ ସରସ୍ୱତୀ ୧୮୭୫ ମସିହାରେ "ଆର୍ଯ୍ୟ ସମାଜ" ପ୍ରତିଷ୍ଠା କରି ଘୋଷଣା କଲେ – 'ରାଜନୈତିକ ପରାଧୀନତା ହେଉଛି ଧାର୍ମିକ ଓ ସାମାଜିକ ଅବକ୍ଷୟର ପ୍ରତିଫଳନ । ଧାର୍ମିକ କ୍ଷେତ୍ରରେ ସଂସ୍କାର ଆସିଲେ ସାମାଜିକ ବ୍ୟବସ୍ଥାରେ ଉନ୍ନତି ଘଟିବ । ସମାଜ ସୁସଂଗଠିତ ହେଲେ ସମସ୍ତେ ଦେଶପ୍ରେମରେ ଉଦ୍‌ବୁଦ୍ଧ ହେବେ । ଫଳରେ ସ୍ୱାଧୀନତା ପ୍ରାପ୍ତି ସମ୍ଭବ ହେବ ।' ସ୍ୱାଧୀନତାର ମାର୍ଗକୁ ମହର୍ଷି ଦୟାନନ୍ଦ ଲମ୍ବି ଯାଇଥିବା ସିଡ଼ିର ଚାରୋଟି ପାହଚ ସଦୃଶ ବର୍ଣ୍ଣନା କରିଛନ୍ତି – ସ୍ୱଧର୍ମ, ସ୍ୱଭାଷା, ସ୍ୱଦେଶୀ ଏବଂ ସ୍ୱରାଜ । ସ୍ୱଧର୍ମ ପ୍ରତିଷ୍ଠା ହେଲେ, ସ୍ୱଭାଷା ପ୍ରତି ଶ୍ରଦ୍ଧା ସୃଷ୍ଟି ହେଲେ ଏବଂ ସ୍ୱଦେଶୀ ବସ୍ତୁ ଆପଣେଇଲେ – ସ୍ୱରାଜ ସମ୍ଭବ । ଆର୍ଯ୍ୟ ସମାଜର ଏହି ଚାରୋଟି ଆଦର୍ଶ ସ୍ୱାଧୀନତା ସଂଗ୍ରାମର 'ମହାମନ୍ତ୍ର'ରେ ପରିଣତ ହୋଇ ସ୍ୱାଧୀନତାର ମାର୍ଗକୁ ପ୍ରଶସ୍ତ ଓ ଆଲୋକିତ କରିଥିଲା ।

୧୮୫୭ ମସିହା ସ୍ୱାଧୀନତା ସଂଗ୍ରାମରେ ମହର୍ଷି ଦୟାନନ୍ଦ ପ୍ରତ୍ୟକ୍ଷ ଅଂଶ ଗ୍ରହଣ କରିଥିଲେ । ଏହି ସଂଗ୍ରାମରେ ସାଧୁ, ସନ୍ଥ ଏବଂ ଫକୀରଙ୍କର ଭୂମିକା ଥିଲା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଏହି ସଂଗ୍ରାମକୁ ନ୍ୟୂନ କରି ରଖିବା ପାଇଁ ଇଂରେଜ ଏହାକୁ 'ସିପାହୀ ବିଦ୍ରୋହ' ନାମରେ ଅଭିହିତ କରିଥିଲେ । କିନ୍ତୁ ଏହା କେବଳ ସିପାହୀଙ୍କ ମଧ୍ୟରେ ସୀମିତ ନ ଥିଲା, ଯଦିଓ ସେହିମାନଙ୍କ ବନ୍ଧୁକ ମୁନରୁ

ସଂଗ୍ରାମର ପ୍ରଥମ ସ୍ଫୁଲିଙ୍ଗ ଉଦ୍‌ଗୀରଣ ହୋଇଥିଲା । ଏହି ସଂଗ୍ରାମ ଥିଲା ଇଂରେଜ ଶାସନ ପ୍ରତି ସାଧାରଣ ଜନତାର ଘନୀଭୂତ ଅସନ୍ତୋଷର ପ୍ରତିଫଳନ । ସଂଗ୍ରାମର ଦୁନ୍ଦୁଭି ଦେଶର ପ୍ରତିଟି ଅଞ୍ଚଳରେ ସୁସ୍ପଷ୍ଟ ଥିଲା । ତେଣୁ ସାରା ଦେଶରେ ଦମନଲୀଳା ଆରମ୍ଭ ହେଲା । ରକ୍ଷଣଶୀଳ ଆକଳନ ଅନୁଯାୟୀ ୧୮୫୭ ରୁ ୧୮୭୦ ମସିହା ମଧ୍ୟରେ ଏକ କୋଟି ବ୍ୟକ୍ତି ନିର୍ମମ ଗଣହତ୍ୟାର ଶିକାର ହୋଇଥିଲେ । ଯେଉଁ ଅଞ୍ଚଳରେ ଜଣେ ବ୍ରିଟିଶ କର୍ମଚାରୀଙ୍କ ଉପରେ ଆକ୍ରମଣ ହୋଇଥିଲା, ସମସ୍ତ ଜନବସତିକୁ ଧ୍ୱଂସ କରି ତାହାକୁ 'ଗୈର ଚିରାଗି' ଅର୍ଥାତ୍ ଅଣରାଜସ୍ୱ ଜମି ଭାବେ ରେକର୍ଡ କରାଗଲା । ସର୍ବ ସମ୍ମୁଖରେ ଫାଶୀ ଏବଂ ଗଣହତ୍ୟାକୁ ଇଂରେଜମାନେ ଉପଭୋଗ କରୁଥିଲେ, ତେଣୁ ଏହାର ନାମ ରଖିଥିଲେ 'ଶାସ୍ତିର ପର୍ବ'(Festival of Punishment) ।

ବ୍ରିଟିଶ ଦମନଲୀଳାର ପରିଣାମ ଥିଲା ଅତ୍ୟନ୍ତ ଭୟାବହ – ସାରା ଦେଶରୁ ସଂଗ୍ରାମୀଙ୍କ ସଂଖ୍ୟା ହ୍ରାସ ପାଇଗଲା । ସ୍ୱାଧୀନତା ଆନ୍ଦୋଳନର ମେରୁଦଣ୍ଡ ଭାଙ୍ଗିଗଲା । ୧୮୬୦ ମସିହାରୁ ସାରା ଦେଶକୁ ଯେଉଁ ନିର୍ମମ ଦୁର୍ଭିକ୍ଷର କରାଳ ଗ୍ରାସ କଲା, ଆଜି ମଧ୍ୟ ତାହା ପ୍ରାଣରେ ଶିହରଣ ସୃଷ୍ଟି କରେ । ଦୁର୍ଭିକ୍ଷରେ ଲକ୍ଷ ଲକ୍ଷ ଲୋକ ଭୋକ ଓପାସରେ ଟଳି ପଡୁଥିବା ବେଳେ, ଗୋଟିଏ ଶାସନକଳ କେତେ ଉଦାସୀନ ହୋଇପାରେ, ବ୍ରିଟିଶ ସରକାର ତାହାର ହୀନ ଦୃଷ୍ଟାନ୍ତ । ୧୮୬୦-୬୧ ଦୁର୍ଭିକ୍ଷରେ ଆଗ୍ରା, ଦିଲ୍ଲୀ, ପଞ୍ଜାବ ଏବଂ ପୂର୍ବ ରାଜପୁତନା ଅଞ୍ଚଳରେ ୨୦ ଲକ୍ଷ ବ୍ୟକ୍ତି ପ୍ରାଣ ହରାଇଥିଲେ । ୧୮୬୬-୬୭ ନଅଙ୍କ ଦୁର୍ଭିକ୍ଷ ଓଡ଼ିଶାର କଳଙ୍କିତ ଅଧ୍ୟାୟ । ଏଥିରେ ୧୦ ଲକ୍ଷ ବ୍ୟକ୍ତି ମୃତ୍ୟୁବରଣ କରିଥିଲେ । ୧୮୭୬-୭୮ ଦକ୍ଷିଣ ଭାରତ ଦୁର୍ଭିକ୍ଷରେ ୧୦ ନିୟୁତ ବ୍ୟକ୍ତି ବଳି ପଡ଼ିଥିଲେ । ମୁଖ୍ୟତଃ ଏହା ଥିଲା ବ୍ରିଟିଶ ସରକାରର ଇଚ୍ଛାକୃତ ନିର୍ଯାତନା । ଗୋଟିଏ ଜାତିକୁ ସାମାଜିକ, ଧାର୍ମିକ , ଆର୍ଥିକ ଏବଂ ରାଜନୈତିକ – ପ୍ରତିଟି କ୍ଷେତ୍ରରେ ନ୍ୟୂନ ପ୍ରତିପାଦିତ କରି ତାହାର ଅନ୍ତରାତ୍ମାକୁ ଧ୍ୱଂସ କରି ଦେବା ପାଇଁ ଏହା ଥିଲା ଭୟଙ୍କର ଷଡ଼ଯନ୍ତ୍ର ।

ଏହି ପୃଷ୍ଠଭୂମିରେ ମହର୍ଷି ଦୟାନନ୍ଦ ସରସ୍ୱତୀ ୧୮୭୫ ମସିହାରେ 'ଆର୍ଯ୍ୟ ସମାଜ' ପ୍ରତିଷ୍ଠା କରିଥିଲେ । ଆର୍ଯ୍ୟାବର୍ତ୍ତର ଗୌରବୋଜ୍ଜ୍ୱଳ ସ୍ୱର୍ଣ୍ଣିମ ଅତୀତକୁ ସ୍ମରଣ କରାଇ, ସୁପ୍ତ ପରାହତ ଜାତିକୁ ଜାଗ୍ରତ କରିବା ନିମନ୍ତେ ଏହା ଥିଲା ଦେବୋପମ ପ୍ରୟାସ । ମହର୍ଷି ଦୟାନନ୍ଦଙ୍କର ବିଶ୍ୱାସ ଥିଲା, ବୈଦିକ ଯୁଗର ମହାନ ପରଂପରା ଆଧାରରେ ଦେଶ ଅଗ୍ରସର ହେଲେ, ଦେଶବାସୀଙ୍କ ମନରୁ ହୀନମନ୍ୟତା ଅପସରି ଯିବ । ଫଳରେ ବିଦେଶୀ ଶାସନର ଅବସାନ ଘଟିବ ଏବଂ ଆର୍ଯ୍ୟାବର୍ତ୍ତ ପୁନଶ୍ଚ ବିଶ୍ୱର ନେତୃତ୍ୱ ନେବାକୁ ସକ୍ଷମ ହେବ । ସୁଦୀର୍ଘ ଅତୀତର ପରଂପରାରେ ଜଣେ ଋଷି ଦେଶବାସୀଙ୍କ ପ୍ରାଣରେ ଜ୍ଞାନର ପ୍ରଦୀପ ପ୍ରଜ୍ୱଳନ କରିବା ପାଇଁ ଆଗଭର ହୋଇଥିଲେ । ଦେଶର ଶିକ୍ଷିତ ମଧ୍ୟବିତ୍ତବର୍ଗ ଧୀରେ-ଧୀରେ ଆର୍ଯ୍ୟ ସମାଜ ପ୍ରତି ଆକୃଷ୍ଟ ହେବା ଫଳରେ ବ୍ରିଟିଶ ସରକାର ପ୍ରତି ହୀନ ମନୋଭାବ ପୋଷଣ କରିବାକୁ ଲାଗିଲେ । ସେମାନଙ୍କର ବିଶ୍ୱାସ ଆହୁରି ଦୃଢ଼ୀଭୂତ ହେଲା – ଭାରତ ବର୍ଷର ବିପର୍ଯ୍ୟୟ ନିମନ୍ତେ ବ୍ରିଟିଶ ସରକାର ହିଁ ଦାୟୀ । ତେଣୁ ସରକାର ବିରୋଧରେ ସଂଗ୍ରାମ ନିମନ୍ତେ ସେମାନେ ପ୍ରସ୍ତୁତ ହେଲେ । ବ୍ରିଟିଶ ସରକାରଙ୍କର ଜଣେ ପଦସ୍ଥ ଅଧିକାରୀ ଆଲାନ୍ ଅକ୍ଟୋଭିଆନ୍ ହ୍ୟୁମ୍ ଅତି ଚତୁରତାର ସହିତ ଏହା ହୃଦୟଙ୍ଗମ କରି ଆର୍ଯ୍ୟ ସମାଜର ଶକ୍ତିକୁ ପ୍ରତିହତ କରିବା ନିମନ୍ତେ ୧୮୮୫ ମସିହାରେ ଏକ ଅନୁଷ୍ଠାନ ପ୍ରତିଷ୍ଠା କଲେ – 'ଭାରତୀୟ ଜାତୀୟ କଂଗ୍ରେସ ।' ଏହି ଅନୁଷ୍ଠାନର ଆଭିମୁଖ୍ୟ ସଂପର୍କରେ ହ୍ୟୁମ୍ ଉଲ୍ଲେଖ କରିଛନ୍ତି – "ଭାରତ ବର୍ଷର ମଙ୍ଗଳ ନିମନ୍ତେ ବ୍ରିଟିଶ ସରକାର କାର୍ଯ୍ୟ କରୁଥିଲା । କିନ୍ତୁ ବ୍ରିଟିଶ ଅଫିସରଙ୍କ ଭିନ୍ନ ଜୀବନଶୈଳୀ ଏବଂ ଭାଷାଗତ ପାର୍ଥକ୍ୟ ଯୋଗୁଁ ସୁଶାସନର ପ୍ରଭାବ ଲୋକଙ୍କ ନିକଟରେ ପହଞ୍ଚି ପାରୁ ନ ଥିଲା । ଭାରତୀୟ ଜାତୀୟ କଂଗ୍ରେସ , ବ୍ରିଟିଶ ସୁଶାସନର ବାର୍ତ୍ତା ସାରା ଦେଶରେ ପ୍ରଚାର କରିବ ।" କିନ୍ତୁ ପ୍ରଶ୍ନ ଉଠୁଛି – ବ୍ରିଟିଶ ସରକାର ଭାରତର ମଙ୍ଗଳ ନିମନ୍ତେ କାର୍ଯ୍ୟ କରୁଥିଲା କି ? ଭାରତବାସୀଙ୍କ ନିମନ୍ତେ ଏହାର ଉତ୍ତର କେବେହେଲେ ବ୍ରିଟିଶ ସମର୍ଥନରେ ଯିବ ନାହିଁ । ପରେ ଅବଶ୍ୟ କଂଗ୍ରେସର ଆଦର୍ଶରେ ବ୍ୟାପକ ପରିବର୍ତ୍ତନ ଆସିଲା ।

୧୮୭୬ ମସିହାରେ ବ୍ରିଟିଶ ରାଣୀ ଆଲେକ୍‌ଜାଣ୍ଡ୍ରିନା ଭିକ୍ଟୋରିଆ (ସଂକ୍ଷେପରେ ଭିକ୍ଟୋରିଆ) ପାର୍ଲାମେଣ୍ଟର ଆଇନ ବଳରେ ଭାରତର ସାମ୍ରାଜ୍ଞୀ ଉପାଧିରେ ଭୂଷିତ ହେଲେ । ଭାରତ ବର୍ଷ ବ୍ରିଟିଶ ସାମ୍ରାଜ୍ୟର ପ୍ରମୁଖ ଅଂଶ ଭାବେ ସ୍ୱୀକୃତି ପାଇଲା । ଏହି ଘୋଷଣାନାମା ସମ୍ମାନାର୍ଥେ ଭାରତର ଭାଇସରୟ ଲର୍ଡ ଲିଟନ୍ ୧୮୭୭ ଜାନୁୟାରୀ ୧ ତାରିଖରେ ଦିଲ୍ଲୀରେ ଚାକଚକ୍ୟଭରା ରାଜକୀୟ ଭବ୍ୟ ସମାରୋହର ଆୟୋଜନ କରିଥିଲେ - ଦିଲ୍ଲୀ ଦରବାର । ୧୮୭୬ ଡିସେମ୍ବର ୨୩ ତାରିଖରୁ ୧୮୭୭ ଜାନୁୟାରୀ ୫ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ଏହି ସମାରୋହରେ ୭୫ ଜଣ ସାମନ୍ତ ରାଜା, ୧୨୦୦ ଅଧିକାରୀ, ୧୪,୦୦୦ ସେନା ସମେତ ୬୮,୦୦୦ ବ୍ୟକ୍ତି ଯୋଗ ଦେଇଥିଲେ । ପ୍ରଥମ ସ୍ୱାଧୀନତା ସଂଗ୍ରାମର ଦୁଇ ଦଶନ୍ଧି ପରେ ଏହା ଥିଲା ବ୍ରିଟିଶ ସାମ୍ରାଜ୍ୟର ଅଭୂତପୂର୍ବ ଶକ୍ତି ପ୍ରଦର୍ଶନ ।

ସେହି ସମୟରେ, ୧୮୭୬-୭୮ ମଧ୍ୟରେ , ଦକ୍ଷିଣ ଭାରତ (ମାଡ୍ରାସ, ମହୀଶୂର, ହାଇଦ୍ରାବାଦ ଏବଂ ବମ୍ବେ)ରେ ଦୁର୍ଭିକ୍ଷରେ ପ୍ରାୟ ୫୫ ଲକ୍ଷ ବ୍ୟକ୍ତି ପ୍ରାଣ ହରାଇଥିଲେ । ୬,୭୦,୦୦୦ ବର୍ଗ କି.ମି. ଅଞ୍ଚଳରେ ବାସ କରୁଥିବା ପ୍ରାୟ ୬ କୋଟି ବ୍ୟକ୍ତି ଏହି ଦୁର୍ବିପାକ ଦ୍ୱାରା ପ୍ରଭାବିତ ହୋଇଥିଲେ । ଦିଲ୍ଲୀ ଦରବାରରେ ଯେତିକି ଅର୍ଥ ଖର୍ଚ୍ଚ ହୋଇଥିଲା, ସେହି ଅର୍ଥରେ ବହୁ ଲକ୍ଷ ଲୋକଙ୍କର ଜୀବନ ରକ୍ଷା ହୋଇ ପାରିଥାନ୍ତା । ୧୯୦୩ ମସିହାରେ ଏହିଭଳି ଏକ ଦରବାର ସପ୍ତମ ଏର୍ଡୱାର୍ଡ ଏବଂ ଦ୍ୱିତୀୟ ଏଲିଜାବେଥଙ୍କ ଅଭିଷେକ ଉପଲକ୍ଷେ ଭାଇସରାୟ ଲର୍ଡ କର୍ଜନ ଆୟୋଜନ କରିଥିଲେ । ସେହି ଉତ୍ସବରେ ସପ୍ତମ ଏର୍ଡୱାର୍ଡଙ୍କ ପୁତ୍ର ପଞ୍ଚମ ଜର୍ଜ ଉପସ୍ଥିତ ଥିଲେ । ପରେ ପଞ୍ଚମ ଜର୍ଜ, ଗୋପାଳ କୃଷ୍ଣ ଗୋଖଲେଙ୍କୁ କହିଥିଲେ - 'ଆମ ସାମ୍ରାଜ୍ୟରେ ପ୍ରଜାମାନେ ଏତେ ଖୁସିରେ ଅଛନ୍ତି , ଆଗରୁ କଳ୍ପନା କରି ନ ଥିଲି ।' ମହୋତ୍ସବର ଜାକଜମକରେ ପ୍ରଜାଙ୍କର କରୁଣ ଆର୍ତ୍ତନାଦ ହଜି ଯାଇଥିଲା । ସେହି ସମୟରେ ସାରା ଦେଶରେ ବ୍ରିଟିଶ ବିରୋଧୀ ଆନ୍ଦୋଳନ କ୍ରମଶଃ ତୀବ୍ର ହେଉଥାଏ । ସେହି ପଞ୍ଚମ ଜର୍ଜଙ୍କ ଅଭିଷେକ ଉପଲକ୍ଷେ ୧୯୧୧ ମସିହାରେ ଆଉ ଏକ ଦିଲ୍ଲୀ ଦରବାର ଅନୁଷ୍ଠିତ ହୋଇଥିଲା । ସେତେବେଳେ ବଙ୍ଗ ଭଙ୍ଗ ଆନ୍ଦୋଳନ ଏବଂ ପ୍ରଥମ ସ୍ୱାଧୀନତାର ଅର୍ଦ୍ଧ ଶତାବ୍ଦୀ ଉପଲକ୍ଷେ ସାରା ଦେଶରେ ସ୍ୱାଧୀନତା ସଂଗ୍ରାମର ବହ୍ନି ପ୍ରଜ୍ଜଳିତ ହୋଇଥାଏ । ୧୯୧୨ ମସିହାରେ ଭାଇସରୟ ଲର୍ଡ ହାର୍ଡିଞ୍ଜଙ୍କ ଉପରେ ଆକ୍ରମଣ ଏହାର ପ୍ରତ୍ୟକ୍ଷ ପ୍ରମାଣ ।

୧୮୭୭ ମସିହା ଦିଲ୍ଲୀ ଦରବାରକୁ ବହୁ ଖ୍ୟାତନାମା ବ୍ୟକ୍ତିଙ୍କୁ ଆମନ୍ତ୍ରଣ କରାଯାଇଥିଲା । ଏହିଭଳି ଜଣେ ବ୍ୟକ୍ତି ଥିଲେ ଗଣେଶ ବାସୁଦେବ ଯୋଶୀ । ଧୋବ ଫରଫର ଖଦୀ ପିନ୍ଧି ସେ ଭାଇସରାୟଙ୍କୁ ସମ୍ମାନ ଜଣାଇବା ସହିତ ନିବେଦନ କରିଥିଲେ - 'ସାମ୍ରାଜ୍ଞୀ ତାଙ୍କ ବ୍ରିଟିଶ ପ୍ରଜାମାନଙ୍କୁ ଯେଉଁ ସମସ୍ତ ରାଜନୈତିକ ଏବଂ ସାମାଜିକ ଅଧିକାର ପ୍ରଦାନ କରିଛନ୍ତି, ଭାରତକୁ ତାହା ପ୍ରଦାନ କରନ୍ତୁ ।' ସରକାରଙ୍କ ସମ୍ମୁଖରେ ଏହା ଥିଲା ଦେଶ ତରଫରୁ ପ୍ରଥମ ରାଜନୈତିକ ଦାବୀ । ଗଣେଶ ବାସୁଦେବ ଯୋଶୀ ଥିଲେ ପୁନେ ସାର୍ବଜନିକ ସଭାର ଅନ୍ୟତମ ପ୍ରତିଷ୍ଠାତା । ୧୮୭୦ ମସିହାରେ ପ୍ରତିଷ୍ଠିତ ଏହି ଅନୁଷ୍ଠାନ ସାଧାରଣ ଜନତାଙ୍କ ସମସ୍ୟା ସରକାରଙ୍କ ନିକଟରେ ଉପସ୍ଥାପନା କରୁଥିଲା । ବାଲ ଗଙ୍ଗାଧର ତିଳକ, ମହାଦେବ ଗୋବିନ୍ଦ ରାନାଡ଼େ ଆଦି ସ୍ୱାଧୀନଚେତା ବ୍ୟକ୍ତି ଏହି ଅନୁଷ୍ଠାନ ସହିତ ସଂପୃକ୍ତ ଥିଲେ । ପରବର୍ତ୍ତୀ ସମୟରେ ଅନ୍ୟତମ ସ୍ୱାଧୀନତା ସେନାନୀ ଗୋପାଳ କୃଷ୍ଣ ଗୋଖଲେ, ଗଣେଶ ବାସୁଦେବ ଯୋଶୀଙ୍କ କନ୍ୟାଙ୍କୁ ବିବାହ କରିଥିଲେ । ୧୮୭୫ ମସିହା ଜୁନ୍ ମାସରେ ମହର୍ଷି ଦୟାନନ୍ଦ ପୁନେରେ ୧୫ଟି ଉଦ୍‌ବୋଧନ ଦେଇଥିଲେ । ପ୍ରଥମ ୭ଟିରେ ବୈଦିକ ବିଚାର ବ୍ୟାଖ୍ୟା କରିଥିବାବେଳେ, ଅନ୍ୟ ୮ଟି ପ୍ରବଚନରେ ପ୍ରାଚୀନ ଆର୍ଯ୍ୟାବର୍ତ୍ତର ଗୌରବୋଜ୍ଜ୍ୱଳ ଅଧ୍ୟାୟ ବର୍ଣ୍ଣନା କରିଥିଲେ । ଗଣେଶ ବାସୁଦେବ ଯୋଶୀ ମହର୍ଷିଙ୍କ ଦ୍ୱାରା ଅନୁପ୍ରାଣିତ ହୋଇଥିଲେ ।

୧୮୭୭ ମସିହା ଦିଲ୍ଲୀ ଦରବାର ସମୟରେ ଭାରତ ବର୍ଷର ପ୍ରାୟ ସମସ୍ତ ରାଜା ମହାରାଜା ଏଥିରେ ଅଂଶଗ୍ରହଣ କରିଥିଲେ । ଇନ୍ଦୋରର ମହାରାଜା ତୁକୋଜୀ ରାଓ ହୋଲକର ଦ୍ୱିତୀୟ ଥିଲେ ମହର୍ଷି ଦୟାନନ୍ଦଙ୍କର ପ୍ରିୟ ଶିଷ୍ୟ । ସେହି ସମୟରେ ସେ ମହର୍ଷିଙ୍କୁ ଦିଲ୍ଲୀରେ ଉପସ୍ଥିତ

ରହିବା ନିମନ୍ତେ ଆମନ୍ତ୍ରଣ କରିଥିଲେ । ଉଦ୍ଦେଶ୍ୟ ଥିଲା – ସମସ୍ତ ରାଜା, ମହାରାଜା ମହର୍ଷିଙ୍କ ଉଦ୍‌ବୋଧନ ଶୁଣି ବୈଦିକ ବିଚାର ପ୍ରତି ଆକର୍ଷିତ ହେବେ । ଏମାନଙ୍କ ମଧ୍ୟରୁ ଅନେକ ରାଜାଙ୍କ ସହିତ ମହର୍ଷିଙ୍କର ସୁସଂପର୍କ ଥିଲା । କିନ୍ତୁ ସେହି ସମୟରେ ବ୍ରିଟିଶ ସରକାର ସମସ୍ତ ରାଜାଙ୍କ ଉପରେ ତୀକ୍ଷ୍ଣ ନଜର ରଖିଥିବାରୁ ମହର୍ଷିଙ୍କ ସହିତ ସେମାନଙ୍କର ଏକତ୍ର ଯୋଗାଯୋଗ ସମ୍ଭବ ହେଲା ନାହିଁ । କିନ୍ତୁ ବ୍ୟକ୍ତିଗତ ଭାବେ ବହୁ ରାଜା ମହର୍ଷିଙ୍କୁ ସାକ୍ଷାତ କରିଥିଲେ ।

ସେହି ସମୟରେ ଦେଶର ବହୁ ବିଦ୍ୱାନ ବ୍ୟକ୍ତି ଦିଲ୍ଲୀରେ ଉପସ୍ଥିତ ଥିଲେ । ବିଭିନ୍ନ ବର୍ଗର ସାତ ଜଣଙ୍କ ସହିତ ଆଳାପ ଆଲୋଚନା ନିମନ୍ତେ ମହର୍ଷି ସେମାନଙ୍କୁ ଆମନ୍ତ୍ରଣ କରିଥିଲେ । ମୁସଲମାନ ସଂପ୍ରଦାୟର ସାର୍ ସୟଦ ଅହମଦ୍ଦ ଖାଁ, ବ୍ରାହ୍ମସମାଜର କେଶବ ଚନ୍ଦ୍ର ସେନ୍, ପ୍ରୋଟେଷ୍ଟାଣ୍ଟ ଚର୍ଚ୍ଚର ଫାଦର ସ୍କଟ୍, ମୁନସୀ କହ୍ନେୟାଲାଲ ଅଲଖଧାରୀ, ବାବୁ ନବୀନ ଚନ୍ଦ୍ର ରାୟ, ମୁନସୀ ଇନ୍ଦ୍ରମଣି ମହୋଦୟ, ବାବୁ ହରିଶ୍ଚନ୍ଦ୍ର ଚିନ୍ତାମଣି । ଉଦ୍ଦେଶ୍ୟ ଥିଲା – ସାରା ପ୍ରାନ୍ତରେ ଗୋଟିଏ ଧାର୍ମିକ ପରଂପରା ପ୍ରଚଳିତ ହେଲେ, ଦେଶର ଉନ୍ନତି ସମ୍ଭବ ହେବ । ବର୍ତ୍ତମାନ ପରିପ୍ରେକ୍ଷୀରେ ଏହାକୁ ଏକକ ଆଚରଣ ସଂହିତା (Uniform Civil Code) ଭାବେ ଅଭିହିତ କରିହେବ । ସେ ସଂପର୍କରେ ବିସ୍ତୃତ ଆଲୋଚନା ଚାଲିଲା । କିନ୍ତୁ ସମସ୍ତେ ଗୋଟିଏ ନିଷ୍ପତ୍ତିରେ ଉପନୀତ ହୋଇ ପାରିଲେ ନାହିଁ ।

ଉପରୋକ୍ତ ଦୁଇଟି ଖବର ଗଣମାଧ୍ୟମରୁ ଅଛପା ରହିଲା ନାହିଁ । ସେତେବେଳେ କଲିକତାରୁ ପ୍ରକାଶ ପାଉଥିଲା ସମ୍ଭ୍ରାନ୍ତ ଖବରକାଗଜ Indian Mirror । ଏହାର ପ୍ରତିଷ୍ଠାତା ଥିଲେ ଦେବେନ୍ଦ୍ର ନାଥ ଟାଗୋର । ସେ ମଧ୍ୟ ବ୍ରାହ୍ମ ସମାଜର ପ୍ରତିଷ୍ଠାତା ଥିଲେ । ୧୮୭୧ ମସିହାରୁ ଏହାର ଦୈନିକ ସଂସ୍କରଣ ପ୍ରକାଶ ପାଇଲା । ଏଥିରେ ଉଲ୍ଲେଖ ଥିଲା – ସ୍ୱାମୀ ଦୟାନନ୍ଦ ସରସ୍ୱତୀ ଦିଲ୍ଲୀରେ ଅବସ୍ଥାନ କରୁଥିବାବେଳେ, ତାଙ୍କ ବାସଭବନରେ ଏକ ସର୍ବ ଧର୍ମ ସମ୍ମିଳନୀର ଆୟୋଜନ କରାଯାଇଥିଲା । ସାରା ଦେଶରେ ବ୍ୟାବହାରିକ ସୂତ୍ରରେ ଗୋଟିଏ ଧାର୍ମିକ ପରଂପରା ପ୍ରଚଳନ ନିମନ୍ତେ ମହର୍ଷିଙ୍କ ନେତୃତ୍ୱରେ ଆଲୋଚନା ହୋଇଥିଲା । ଆଶା କରୁଛୁ, ଦେଶବାସୀଙ୍କୁ ଏହାର ସୁଫଳ ମିଳିବ । (ରବିବାର ସଂସ୍କରଣ, ୧୪ ଜାନୁୟାରୀ, ୧୮୭୭) ରାଜାମାନେ ବ୍ୟକ୍ତିଗତ ସ୍ତରରେ ମହର୍ଷିଙ୍କୁ ସାକ୍ଷାତ କରିଥିବାରୁ ତାହା ଗଣମାଧ୍ୟମରେ ବିଶେଷ ପ୍ରସାର ପାଇ ନ ଥିଲା ।

କିନ୍ତୁ ବ୍ରିଟିଶ ସରକାର ଏହି ସାକ୍ଷାତ ଆଲୋଚନାର ଭୟାବହ ପରିଣାମ ସଂପର୍କରେ ଅବଗତ ଥିଲେ । ୧୮୫୭ ମସିହାରେ ସାଧୁ-ସନ୍ଥମାନେ ହିଁ ଦେଶବ୍ୟାପୀ ସଂଗ୍ରାମର ଯୋଜନା ପ୍ରସ୍ତୁତ କରିଥିଲେ । ତେଣୁ ଏ ସାକ୍ଷାତ ଆଲୋଚନା ଥିଲା ସତେ ଯେମିତି ଆଉ ଏକ ସଂଗ୍ରାମର ପୂର୍ବାଭାସ । ତେଣୁ ଆଞ୍ଚଳିକ ଭାଷାର ଗଣମାଧ୍ୟମକୁ ନିୟନ୍ତ୍ରଣରେ ରଖିବା ନିମନ୍ତେ ଓ ମାରଣାସ୍ତ୍ର ଉପରେ କଟକଣା ଆଣିବା ପାଇଁ ୧୮୭୮ ମସିହାରେ ସରକାର ଭର୍ଣ୍ଣାକୁଲାର ପ୍ରେସ୍ ଆକ୍ଟ ଏବଂ ଇଣ୍ଡିଆନ୍ ଆର୍ମସ୍ ଆକ୍ଟ ପ୍ରଣୟନ କଲେ ।

ଆର୍ଯ୍ୟ ସମାଜ ପ୍ରତିଷ୍ଠା ପର ଠାରୁ ସମାଜର ପ୍ରତିଟି ବର୍ଗରେ ଅସ୍ଥିରତା ସୃଷ୍ଟି ହେଲା । ବିଶେଷ କରି ଶିକ୍ଷିତ ବର୍ଗରେ ଏହାର ପ୍ରଭାବ ଥିଲା ବହୁ ଅଧିକ । ମହର୍ଷି ଦୟାନନ୍ଦଙ୍କ ଆଭିମୁଖ୍ୟ ଏବଂ ଆର୍ଯ୍ୟ ସମାଜର ସାମଗ୍ରିକ କାର୍ଯ୍ୟାବଳୀକୁ ମହର୍ଷିଙ୍କର ସୁଯୋଗ୍ୟ ଶିଷ୍ୟ ତଥା ସ୍ୱାଧୀନତା ସଂଗ୍ରାମର ଅଗ୍ରଣୀ ସେନାନୀ ଲାଲା ଲାଜପତ ରାୟ ୧୯୧୫ ମସିହାରେ ପ୍ରକାଶିତ The Arya Samaj ପୁସ୍ତକରେ ଅତି ଚମତ୍କାର ଶବ୍ଦରେ ପରିବେଷଣ କରିଛନ୍ତି- "୧୯୦୭ ମସିହାରେ ପଞ୍ଜାବର ଲେଫଟନାଣ୍ଟ ଗଭର୍ଣ୍ଣରର ସରକାରୀ ତଥ୍ୟ ଆଧାରରେ ମନ୍ତବ୍ୟ ଦେଇଥିଲେ, ଯେଉଁ ସମସ୍ତ ସ୍ଥାନରେ ଆର୍ଯ୍ୟ ସମାଜର ଶାଖା ରହିଛି, ସେହି ସ୍ଥାନ ସମୂହ ଦେଶରେ ଅସ୍ଥିରତାର କେନ୍ଦ୍ରବିନ୍ଦୁ । ଏହି ମନ୍ତବ୍ୟ, ଆର୍ଯ୍ୟ ସମାଜ ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ।" ପ୍ରତିଟି ଭାରତୀୟ ପ୍ରାଣରେ ଏହି ଅସ୍ଥିରତା ସୃଷ୍ଟି କରିବା ପାଇଁ ମହର୍ଷି ଦୟାନନ୍ଦ "Back to Vedas" ଏବଂ 'Aryavarta for Aryans' ଆହ୍ୱାନ ଦେଇଥିଲେ । ଏହି ଅସ୍ଥିରତାରୁ ଜାତୀୟ ଚରିତ୍ର ସୃଷ୍ଟି ହୋଇଥିଲା ।

୧୯୦୮ ମସିହା ଲାହୋର ଆର୍ଯ୍ୟ ସମାଜର ବାର୍ଷିକ ଅଧିବେଶନରେ ମହାତ୍ମା ମୁନସିରାମ (ପରେ ସ୍ୱାମୀ

ଶ୍ରଦ୍ଧାନନ୍ଦ)ଙ୍କ ଉଦ୍‌ବୋଧନର ଶୀର୍ଷକ ଥିଲା – 'ଆର୍ଯ୍ୟ ସମାଜ ଓ ରାଜନୀତି' । ଏହି ଅବସରରେ ସେ କହିଥିଲେ – 'ଆର୍ଯ୍ୟ ସମାଜର ଆଭିମୁଖ୍ୟ ହେଉଛି, ପ୍ରତ୍ୟେକ ଆର୍ଯ୍ୟ ଏକ ସୁସ୍ଥ ସାମାଜିକ, ଆର୍ଥିକ, ଆଧ୍ୟାତ୍ମିକ ଏବଂ ରାଜନୈତିକ ଜୀବନ ଅତିବାହିତ କରିବ । କିନ୍ତୁ ପ୍ରତିଟି କ୍ଷେତ୍ରରେ ବ୍ରିଟିଶ ସରକାର ଆମକୁ ସେହି ନାଯ୍ୟ ଅଧିକାରରୁ ବଞ୍ଚିତ ରଖୁଛି । ଆର୍ଯ୍ୟ ସମାଜୀ ସେହି ପ୍ରସଙ୍ଗରେ ପ୍ରଶ୍ନ କଲେ ତାଙ୍କୁ ଦେଶଦ୍ରୋହୀ ଏବଂ ତାଙ୍କର କାର୍ଯ୍ୟଧାରାକୁ ରାଜନୈତିକ ଆଖ୍ୟା ଦିଆଯାଉଛି । ଯଦି ଏହା ହିଁ ସରକାରୀ ପରିଭାଷା ହୁଏ, ତେବେ ଆର୍ଯ୍ୟ ସମାଜକୁ 'ରାଜନୈତିକ ସଂଗଠନ' ଅଭିହିତ କରିବାରେ ଆମର କୌଣସି ଆପତ୍ତି ନାହିଁ । ମହର୍ଷି ଦୟାନନ୍ଦ 'ସତ୍ୟାର୍ଥ ପ୍ରକାଶ' ପୁସ୍ତକର ଷଷ୍ଠ ଅଧ୍ୟାୟରେ ଶାସକର ଯୋଗ୍ୟତା ଓ କର୍ତ୍ତବ୍ୟ ସଂପର୍କରେ ବ୍ୟାଖ୍ୟା କରିଛନ୍ତି । ଜଣେ ବ୍ୟକ୍ତି ଅଧର୍ମ ପଥରେ ଗଲେ, ତାଙ୍କୁ ସୁପଥକୁ ଆଣିବା ନିମନ୍ତେ ଯେମିତି ଭର୍ତ୍ସନା କରାଯାଏ, ଶାସକ ନିଜ ମାର୍ଗରୁ ବିଚ୍ୟୁତ ହେଲେ ତାଙ୍କୁ ମଧ୍ୟ ଚେତାବନୀ ଦେବାକୁ ପଡ଼ିଥାଏ । ସେହି କ୍ରମରେ ଆର୍ଯ୍ୟ ସମାଜ ବ୍ରିଟିଶ ସରକାରକୁ ନ୍ୟାୟଯୁକ୍ତ ଶାସନ ପ୍ରଦାନ କରିବା ନିମନ୍ତେ ଚେତାବନୀ ଦେଉଛି ।'

୧୯୩୦ ଦଶକରେ ବ୍ରିଟିଶ ସରକାର ତଥ୍ୟ ଅନୁଯାୟୀ – "ସ୍ୱାଧୀନତା ଆନ୍ଦୋଳନରେ ଲିପ୍ତ ଥିବା ୮୫% ସଂଗ୍ରାମୀ, ଆର୍ଯ୍ୟ ସମାଜର ସଦସ୍ୟ ଥିଲେ ।" ଏମାନଙ୍କ ମଧ୍ୟରେ ପ୍ରମୁଖ ହେଉଛନ୍ତି ଲାଲା ଲାଜପତ ରାୟ, ସହିଦ ଭଗତ ସିଂହ, ସ୍ୱାମୀ ଶ୍ରଦ୍ଧାନନ୍ଦ, ଭାଇ ପରମାନନ୍ଦ, ଦାମୋଦର ବିନାୟକ ସତ୍ୱାରକର, ଶ୍ୟାମଜୀ କୃଷ୍ଣ ବର୍ମା, ରାମ ପ୍ରସାଦ ବିସ୍‌ମିଲ, ଚନ୍ଦ୍ର ଶେଖର ଆଜାଦ, ସୁଖଦେବ, ମଦନଲାଲ ଢ଼ିଙ୍ଗାରା, ଲାଲା ହରଦୟାଲ ଇତ୍ୟାଦି । ଆଜି ଏମାନଙ୍କ ନାମ ସ୍ମରଣ କରିବା ମାତ୍ରେ ଅନ୍ତରରେ ଦେଶପ୍ରେମର ସ୍ଫୁଲିଙ୍ଗ ସ୍ୱତଃ ଜାଗରୁକ ହୁଏ । ମହର୍ଷି ଦୟାନନ୍ଦଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ ଅବସରରେ ଲୋକସଭାର ପ୍ରଥମ ଉପବାଚସ୍ପତି ଏମ.ଏ.ଆୟାଙ୍ଗର କହିଥିଲେ – "ମହାତ୍ମା ଗାନ୍ଧି ହେଉଛନ୍ତି ଜାତିର ପିତା । ସେହି ପରିପ୍ରେକ୍ଷୀରେ ମହର୍ଷି ଦୟାନନ୍ଦ ସରସ୍ୱତୀ ହେଉଛନ୍ତି ଜାତିର ପିତାମହ ।" ୧୯୩୫ ମସିହାରେ କଂଗ୍ରେସ ପ୍ରତିଷ୍ଠାର ପଚାଶ ବର୍ଷ ପୂର୍ତ୍ତି ଅବସରରେ ବିଶିଷ୍ଟ କଂଗ୍ରେସ ନେତା ପଟ୍ଟାଭି ସୀତାରାମେୟା "ଭାରତୀୟ ଜାତୀୟ କଂଗ୍ରେସର ଇତିହାସ" ଶୀର୍ଷକ ପୁସ୍ତକ ରଚନା କରିଥିଲେ । ସେଥିରେ ସେ ଉଲ୍ଲେଖ କରିଛନ୍ତି – "ଭାରତୀୟ ଜାତୀୟ କଂଗ୍ରେସ ପ୍ରତିଷ୍ଠାରେ ଆର୍ଯ୍ୟ ସମାଜର ପ୍ରମୁଖ ଅବଦାନ ରହିଛି ।"

**ସାଳନ୍ଦୀ ନଗର,ଭଦ୍ରକ-୭୫୬୧୦୦**
**ସେଲ୍-୯୪୩୭୧୯୧୩୫୦**
email-abhaysai@yahoo.com

❖❖❖

**ଆମ ଘର ଆମ ଚିକିତ୍ସାଳୟ :**

# ତୁଳସୀ

**ଦ୍ୱିଜେନ୍ଦ୍ର କୁମାର ସାହୁ**

ବୈଜ୍ଞାନିକ ନାମ :- Ocimum Sanctum.

ସଂସ୍କୃତ ନାମ :- ବୃନ୍ଦା, ସୁଗନ୍ଧା, ଅମୃତା, ସୁରସା।

ଓଡ଼ିଆ ନାମ :- ତୁଳସୀ।

ପ୍ରଜାତି :- ୨ ପ୍ରକାର—୧. ଶ୍ୱେତ ତୁଳସୀ (ରାମ ତୁଳସୀ), ୨. କଳା ତୁଳସୀ (କୃଷ୍ଣ ତୁଳସୀ)।

ଆୟୁର୍ବେଦିକ ଗୁଣ-ଧର୍ମ :- କଫବାତ ନାଶକ, ଦୁର୍ଗନ୍ଧ ନାଶକ, ପାଚକ, ହୃଦୟ ଉତ୍ତେଜକ, ରକ୍ତ ଶୋଧକ, ଶରୀର ଶୁଦ୍ଧତା ରକ୍ଷକ, କୀଟାଣୁନାଶକ ଏବଂ ତୁଳସୀ ଗଛ ମଧ୍ୟ ଦେଇ ପ୍ରବାହିତ ବାୟୁ ସଂକ୍ରମିତ ରୋଗକୁ ନାଶ କରେ।

**ଔଷଧୀୟ ପ୍ରୟୋଗ —**

ମସ୍ତିଷ୍କ ସମ୍ବନ୍ଧୀୟ :- ୧. ୫ଟି ତୁଳସୀପତ୍ର ପ୍ରତିଦିନ ସକାଳୁ ଖାଇଲେ ମେଧା, ବୁଦ୍ଧି ଓ ମସ୍ତିଷ୍କର ଶକ୍ତି ବୃଦ୍ଧି ହୋଇଥାଏ।

୨. ତୁଳସୀ ପତ୍ରର ରସକୁ ନାକରେ ପକାଇଲେ ପୁରୁଣା ମୁଣ୍ଡବ୍ୟଥା ଏବଂ ଅନ୍ୟ ଶିରପୀଡ଼ା ଭଲ ହୋଇଥାଏ।

ଶକ୍ତିବୃଦ୍ଧି :- ୨୦ ଗ୍ରାମ ତୁଳସୀ ମଞ୍ଜି ପୂର୍ଣ୍ଣ ସହିତ ୪୦ ଗ୍ରାମ୍ ମିଶ୍ରି ମିଶାଇ ଚୂର୍ଣ୍ଣ କରି ୧-୧ ଗ୍ରାମ୍ ମାତ୍ରାରେ ଶୀତରତୁରେ କିଛି ଦିନ ସେବନ କଲେ ବାତ, କଫ ରୋଗରୁ ମୁକ୍ତି ମିଳେ ଏବଂ ଦୁର୍ବଳତା ଦୂର ହୋଇଥାଏ। ରୋଗ ପ୍ରତିରୋଧକ ଶକ୍ତି ମଧ୍ୟ ବଢ଼ିଥାଏ।

ଜ୍ୱର :- ୧. ତୁଳସୀ, ଅଦା, ଗୋଲମରିଚ ଏବଂ ପତାସାର କ୍ୱାଥ ତିଆରି କରି ପିଇବେ।

୨. ୬ଟି ତୁଳସୀ ଏବଂ ଲବଙ୍ଗ ୫ଟି ଛେଚି ୧ ଗ୍ଲାସ୍ ପାଣିରେ ଫୁଟାଇବେ। ପାଣି ଫୁଟି-ଫୁଟି ଚାରିଭାଗରୁ ଭାଗେ ରହିଲା ପରେ ସେଥିରେ ସୈନ୍ଧବ ଲବଣ ମିଶାଇ ସେ କ୍ୱାଥ ଗରମ-ଗରମ ପିଇ ଘୋଡ଼ି ହୋଇ କିଛି ସମୟ ଶୋଇ ପଡ଼ିଲେ ଝାଳ ବାହାରିବ ଓ ଜ୍ୱର ଓହ୍ଲାଇ ଯିବ। ଦିନକୁ ୩ଥର ଏମିତି ୩ ଦିନ ପର୍ଯ୍ୟନ୍ତ କରିବେ ଏବଂ ଉପଯୁକ୍ତ ପଥ୍ୟରେ ରହିବେ। ଏହାଦ୍ୱାରା ଯେ କୌଣସି ଜ୍ୱର ଛାଡ଼ିଯାଇଥାଏ।

ନିମୋନିଆ :- କଳା ତୁଳସୀ ପତ୍ରର ରସ ୫/୧୦ ଗ୍ରାମ ଗୁଆ ଘିଅ ସହିତ ମିଶାଇ ଗରମ କରି ଚାଟିଲେ ୨/୩ ଦିନରେ ଠିକ୍ ହୋଇଯାଏ।

କର୍ଣ୍ଣଶୂଳ :- ୧. ତୁଳସୀ ପତ୍ରର ରସକୁ ଗରମ କରି ୨-୨ ବୁନ୍ଦା କାନରେ ପକାଇଲେ କର୍ଣ୍ଣଶୂଳ ବନ୍ଦ ହୋଇଯାଏ।

୨. ତୁଳସୀ ପତ୍ର, ଜଡ଼ା ଗଛର କଅଁଳ ପିଲକୁ ପେଷି କିଛି ଲୁଣ ମିଶାଇ କାନର ଚାରିପଟେ

ଲଗାଇଲେ ଗାଲ ଫୁଲା, ଗାଲୁଆ ଭଲ ହୋଇଯାଏ।

ଯକୃତ :- ୧୦୦ଟି ତୁଳସୀ ପତ୍ରକୁ ୧ଗ୍ଲାସ୍ ପାଣିରେ ଶିଝାଇବେ ତାହା ୩ ଭାଗରୁ ୧ ଭାଗ ରହିବା ଯାଏ। ତା' ପରେ ସେଥିରେ ମହୁ ମିଶାଇ ପିଇଲେ ଯକୃତ ରୋଗ ଠିକ୍ ହୁଏ।

ଟିବି(ଯକ୍ଷ୍ମା) :- ୧୦୦ଟି ତୁଳସୀ ପତ୍ର ଓ ୫ଟି ଗୋଲମରିଚକୁ ପେଷି ମହୁ ସହିତ ନିୟମିତ ଚାଟିବେ।

ଦାଗ :- ୧.୧୦୦ଟି ତୁଳସୀ ପତ୍ର, ୧ ଚାମଚ ଲୁଣ ଏବଂ ଫାଳେ ଲେମ୍ବୁରସ ମିଶାଇ ଦାଗ ଉପରେ ଲଗାଇଲେ ଦାଗ ଦୂର ହୋଇଯାଏ।
୨.୧୦୦ଟି ତୁଳସୀ ପତ୍ର, ୫ଟି ରସୁଣ କୋଳକୁ ପେଷି ଦାଗ ଉପରେ ଲଗାଇବେ।

କ୍ୟାନ୍ସର :- ୧. ୪୦ଟି ତୁଳସୀ ପତ୍ର ୧ କପ୍ ଘୋଳ ଦହିରେ ମିଶାଇ ପ୍ରତିଦିନ ପିଇବେ। ଦୁଧ, ଦହି ବେଶୀ ଖାଇବେ ନାହିଁ ଏବଂ ଶୁଖିଲା ଲଙ୍କା ଖାଇବେ ନାହିଁ।
୨. ତୁଳସୀ ପତ୍ରର ରସ ସହିତ ଗୋମୁତ୍ର ମିଶାଇ ଖାଲି ପେଟରେ ପିଇଲେ କ୍ୟାନ୍ସର୍ ଉପଶମରେ ସହାୟକ ହୋଇଥାଏ।

ସର୍ପ ବିଷ :- ୫-୧୦ ଗ୍ରାମ୍ ତୁଳସୀ ରସ ପିଆଇବେ। ତୁଳସୀ ମଞ୍ଜରୀ ଏବଂ ତୁଳସୀ ମୂଳକୁ ବାଟି ଦଂଶନ କରିଥିବା ଜାଗାରେ ବାରମ୍ବାର ଲେପ ଦେବେ। ଯଦି ରୋଗୀ ବେହୋଶ ହୋଇଥିବେ ତୁଳସୀ ରସକୁ ନାକରେ ବାରମ୍ବାର ପକାଇବେ।

କୁଷ୍ଠ ରୋଗ :- ୧. ତୁଳସୀ ପତ୍ରର ରସ ୧୦-୨୦ ମିଲି ଗ୍ରାମ ପ୍ରତିଦିନ ସକାଳେ ଖାଲି ପେଟରେ ନେବେ।
୨. ତୁଳସୀ ପତ୍ରର ରସ, ପଥର ଚୁନ ଏବଂ ଗାଈ ଘିଅ ମିଶାଇ କୁଷ୍ଠରେ ଲେପ ଦେଲେ ଭଲ ହୋଇଯାଏ।

ମୂର୍ଚ୍ଛା ରୋଗ :- ତୁଳସୀ ପତ୍ର ରସରେ ଲୁଣ ମିଶାଇ ନାକରେ ପକାଇଲେ ମୂର୍ଚ୍ଛାରୋଗ ଦୂର ହୋଇଥାଏ।

ବସନ୍ତ :- ତୁଳସୀ ପତ୍ରର ରସ ୧ ଚାମଚ ଏବଂ ୧ ଚାମଚ ପାଣି ମିଶାଇ ନିୟମିତ ନେଲେ ବସନ୍ତ ଆଉ ବଢ଼ିବ ନାହିଁ

ପ୍ରଦର ସମସ୍ୟା :- ୧.୧୦୦ ତୁଳସୀପତ୍ରକୁ ପକ୍ଷେ ୨ ଚାମଚ ମହୁ ସହିତ ଦିନକୁ ୨ ଥର ୨୫ ଦିନ ସେବନ କଲେ ଶ୍ୱେତ ପ୍ରଦର ସମସ୍ୟା ଠିକ୍ ହୋଇଥାଏ।
୨. ତୁଳସୀ ପତ୍ରର ରସ ସହିତ ମିଶ୍ରି ମିଶାଇ ଚାଟିଲେ ରକ୍ତ ପ୍ରଦର ସମସ୍ୟା ଠିକ୍ ହୋଇଥାଏ।

❖❖❖

# ପ୍ରଗତି ପଥେ ଶ୍ରୁତିସୌରଭ

ପରମପିତା ପରମାତ୍ମାଙ୍କ ଆଦେଶ **– 'ସଂ ଶ୍ରୁତେନ ଗମେମହି ମା ଶ୍ରୁତେନ ବି ରାଧିଷି'** (ଅଥର୍ବ.୧:୧:୪) ଅନୁସାରେ ଈଶ୍ୱରୀୟ ବାଣୀ 'ବେଦ' ବା 'ଶ୍ରୁତି'ର ସୁରଭିରେ ଓଡ଼ିଶାର ପ୍ରତିଟି ଗୃହର ପ୍ରାଙ୍ଗଣକୁ ସୁରଭିତ କରିବା ଉଦ୍ଦେଶ୍ୟରେ ଶ୍ରୁତିନ୍ୟାସ ପକ୍ଷରୁ 'ଶ୍ରୁତିସୌରଭ'ର ପ୍ରକାଶନ ଆରମ୍ଭ ହୋଇଛି । ଏହି ଈଶ୍ୱରୀୟ କର୍ମରେ ସମସ୍ତେ ସହଯୋଗୀ ହେବା, ବେଦାଧାରିତ ସୁନ୍ଦର ସମାଜ ନିର୍ମାଣ କରିବା ଦିଗରେ ଅଗ୍ରସର ହେବା ନିମିତ୍ତ ଶ୍ରୁତିସୌରଭ ସଦସ୍ୟଙ୍କ ଏକ ଲମ୍ବା ଶୃଙ୍ଖଳ ତିଆରି କରିବା ସକାଶେ ଆମେ ପାଠକଙ୍କୁ ନିବେଦନ କରିଥିଲୁ । ଆମର ଆତ୍ମୀୟ ନିବେଦନକୁ ଆନ୍ତରିକତାର ସହ ସ୍ୱୀକାର କରି ଅଧିକରୁ ଅଧିକ ସଂଖ୍ୟକ ପାଠକ ଏହାର ସଦସ୍ୟ ହେଉଛନ୍ତି । ଏହା ଆମକୁ ଅଭିଭୂତ କରିଛି । ଆମେ ସମସ୍ତ ସଦସ୍ୟ, ସହଯୋଗୀଙ୍କୁ ହାର୍ଦ୍ଦିକ କୃତଜ୍ଞତା ଜ୍ଞାପନ କରୁଛୁ । ଅଦ୍ୟାବଧି ପତ୍ରିକାର ସଦସ୍ୟ ସଂଖ୍ୟା ହେଲା—

| କ୍ର.ସଂ. | ଜିଲ୍ଲା | ଆଜୀବନ | ବାର୍ଷିକ | ମୋଟ | କ୍ର.ସଂ. | ଜିଲ୍ଲା | ଆଜୀବନ | ବାର୍ଷିକ | ମୋଟ |
|---|---|---|---|---|---|---|---|---|---|
| ୦୧. | ଗଞ୍ଜାମ | ୩୩୦ | ୬୦୫ | ୯୩୫ | ୧୭. | ବୌଦ୍ଧ | ୧୫ | ୯୯ | ୧୧୪ |
| ୦୨. | ଖୋର୍ଦ୍ଧା | ୧୭୯ | ୨୭୦ | ୪୪୯ | ୧୮. | ନୟାଗଡ଼ | ୧୪ | ୩୦ | ୪୪ |
| ୦୩. | ସୁନ୍ଦରଗଡ଼ | ୧୪୨ | ୫୦୯୦ | ୬୫୧ | ୧୯. | ଭଦ୍ରକ | ୧୫ | ୧୫ | ୩୦ |
| ୦୪. | ବରଗଡ଼ | ୧୩୪ | ୨୦୧ | ୩୩୫ | ୨୦. | ଜଗତସିଂହପୁର | ୦୯ | ୬୫ | ୭୪ |
| ୦୫. | କଟକ | ୬୮ | ୧୯୭ | ୨୬୫ | ୨୧. | ଢେଙ୍କାନାଳ | ୦୮ | ୩୭ | ୪୫ |
| ୦୬. | କୋରାପୁଟ | ୬୮ | ୧୨୬ | ୧୯୪ | ୨୨. | ଯାଜପୁର | ୦୪ | ୫୩ | ୫୭ |
| ୦୭. | ବଲାଙ୍ଗିର | ୫୬ | ୧୯୦ | ୨୪୬ | ୨୩. | କଳାହାଣ୍ଡି | ୦୭ | ୧୩ | ୨୦ |
| ୦୮. | ସୁବର୍ଣ୍ଣପୁର | ୩୬ | ୧୩୬ | ୧୭୨ | ୨୪. | କେନ୍ଦ୍ରାପଡ଼ା | ୦୪ | ୨୫ | ୨୯ |
| ୦୯. | ରାୟଗଡ଼ା | ୪୦ | ୮୬ | ୧୨୬ | ୨୫. | କେନ୍ଦୁଝର | ୦୫ | ୦୮ | ୧୩ |
| ୧୦. | ସମ୍ବଲପୁର | ୩୩ | ୧୧୩ | ୧୪୬ | ୨୬. | ଗଜପତି | ୦୪ | ୧୭ | ୨୧ |
| ୧୧. | ବାଲେଶ୍ୱର | ୩୬ | ୫୫ | ୯୧ | ୨୭. | ଝାରସୁଗୁଡ଼ା | ୦୫ | ୦୪ | ୦୯ |
| ୧୨. | କନ୍ଧମାଳ | ୨୫ | ୧୬୭ | ୧୯୨ | ୨୮. | ନୂଆପଡ଼ା | ୦୨ | ୦୪ | ୦୬ |
| ୧୩. | ମାଲକାନଗିରି | ୨୩ | ୮୭ | ୧୧୦ | ୨୯. | ଦେବଗଡ଼ | ୦୧ | ୧୨ | ୧୩ |
| ୧୪. | ମୟୂରଭଞ୍ଜ | ୨୧ | ୬୮ | ୮୯ | ୩୦. | ନବରଙ୍ଗପୁର | ୦୦ | ୦୫ | ୦୫ |
| ୧୫. | ପୁରୀ | ୨୪ | ୨୫ | ୪୯ | ୩୧. | ଅନ୍ୟାନ୍ୟ | ୩୨ | ୯୭ | ୧୨୯ |
| ୧୬. | ଅନୁଗୁଳ | ୨୧ | ୪୪ | ୬୫ | | **ମୋଟ** | **୧୩୬୧** | **୩୩୨୬** | **୪୬୯୩** |

'ଶ୍ରୁତିସୌରଭ' ସଦସ୍ୟ ସଂଖ୍ୟା କ୍ଷେତ୍ରରେ ଏଭଳି ଉପଲବ୍ଧି ପ୍ରାପ୍ତ କରିବା ପଛରେ ଓଡ଼ିଶାରେ ବେଦର ପ୍ରଚାର-ପ୍ରସାର ପାଇଁ କାୟମନୋବାକ୍ୟରେ ପ୍ରୟାସରତ ଆମ ସହଯୋଗୀମାନଙ୍କ ପ୍ରଶଂସୀନୟ ଯୋଗଦାନ ରହିଛି । ଆମେ ସମସ୍ତ

ସହଯୋଗୀଙ୍କୁ ଗଭୀର କୃତଜ୍ଞତା ଜ୍ଞାପନ କରୁଛୁ ତଥା ପ୍ରତ୍ୟେକ ସଦସ୍ୟଙ୍କୁ ବିନମ୍ର ଅନୁରୋଧ କରୁଛୁ ଯେ ପ୍ରତ୍ୟେକେ ବେଦ-ପ୍ରଚାର କାର୍ଯ୍ୟକ୍ରମର ଏହି ମହତ୍ତ୍ୱପୂର୍ଣ୍ଣ ଅଭିଯାନରେ ଈଶ୍ୱରୀୟ କାର୍ଯ୍ୟର ଏକ ଦିବ୍ୟ ସୈନିକ ରୂପେ ନିଜକୁ ବିବେଚନା କରି ନିଜେ ଆଜୀବନ ସଦସ୍ୟ ହେବା ସହ ଅନ୍ୟୂନ ଆଉ ୨/୩ଟି ଆଜୀବନ ସଦସ୍ୟ କରିବା ପାଇଁ ପ୍ରଚେଷ୍ଟା କରନ୍ତୁ, ଯଦ୍ଦ୍ୱାରା ପତ୍ରିକାଟି ଆର୍ଥିକ ସମସ୍ୟାର ସମ୍ମୁଖୀନ ନ ହୋଇ ନିର୍ବାଧ ରୂପେ ପ୍ରକାଶିତ ହୋଇଚାଲିବ ଏବଂ ଈଶ୍ୱରୀୟ ଜ୍ଞାନର ପବିତ୍ର ମନ୍ଦାକିନୀରେ ନିରନ୍ତର ଅବଗାହନ କରି ଅଶାନ୍ତିର ଜ୍ୱାଳାରେ ସନ୍ତପ୍ତ ସାମ୍ପ୍ରତିକ ସମାଜ ଦିବ୍ୟ ଶାନ୍ତି ଲାଭ କରିପାରିବ। ବେଦପ୍ରଚାରର ଏହି ଦିବ୍ୟ କାର୍ଯ୍ୟରେ ନିଜର ସହଯୋଗ ପ୍ରଦାନ କରିବା ପ୍ରତ୍ୟେକ ବ୍ୟକ୍ତି ପରମାତ୍ମାଙ୍କ ଅମୃତ ଆଶିଷ ଲାଭର ଅଧିକାରୀ ଅବଶ୍ୟ ହୋଇପାରିବେ। ବର୍ତ୍ତମାନ ସୁଦ୍ଧା ସଦସ୍ୟ ସଂଗ୍ରହ ଅଭିଯାନରେ ପ୍ରମୁଖ ଅଂଶଗ୍ରହଣକାରୀ ସହଯୋଗୀଙ୍କ ନାମ କୃତଜ୍ଞତା ପୂର୍ବକ କ୍ରମାନ୍ୱୟରେ ପ୍ରକାଶ କରାଯାଉଛି—

| ନାମ | ଜିଲ୍ଲା | ଆଜୀବନ | ବାର୍ଷିକ | ନାମ | ଜିଲ୍ଲା | ଆଜୀବନ | ବାର୍ଷିକ |
|---|---|---|---|---|---|---|---|
| ଇଂ. ଦୟାସାଗର ସାହୁ | ଗଞ୍ଜାମ | ୩୯ | ୧୫ | ଇଂ. ପ୍ରିୟଦର୍ଶୀ ଦାସ | ଗଞ୍ଜାମ | ୧୧ | ୨୯ |
| ଶ୍ରୀମାନ୍ ରୁକ୍ମଣ ମହାପାତ୍ର | ବରଗଡ଼ | ୩୫ | ୨୯ | ଡକ୍ଟର ଲଳିତ ମଞ୍ଜରୀ ଦାସ | ଖୋର୍ଦ୍ଧା | ୧୩ | ୦୭ |
| ଶ୍ରୀମାନ୍ ନିମାଇଁ ଚରଣ ସ୍ୱାଇଁ | ଖୋର୍ଦ୍ଧା | ୩୪ | ୨୫ | ଶ୍ରୀମାନ୍ ଖଗେଶ୍ୱର ଗୌଡ଼ | ସୁନ୍ଦରଗଡ଼ | ୧୪ | ୦୦ |
| ଶ୍ରୀମାନ୍ ସୁନୀଲ କୁମାର ଗରିଆ | କନ୍ଧମାଳ | ୨୩ | ୧୨୪ | ଶ୍ରୀମାନ୍ ସୋମଦତ୍ତ ଶାସ୍ତ୍ରୀ | ସମ୍ବଲପୁର | ୧୦ | ୩୪ |
| ବେଦ ପ୍ରଚାର ସମିତି, ବ୍ରହ୍ମପୁର | | ୨୬ | ୯୧ | ଶ୍ରୀମାନ୍ ହୃଷିକେଶ ନାଥ | ବଲାଙ୍ଗିର | ୧୨ | ୦୯ |
| ଶ୍ରୀମାନ୍ ଦୁଷ୍ମନ୍ତ କିଶୋର ସ୍ୱାଇଁ | କଟକ | ୩୦ | ୬୦ | ଶ୍ରୀମତୀ ପୁଷ୍ପାଞ୍ଜଳି ପାତ୍ର | ଖୋର୍ଦ୍ଧା | ୧୨ | ୦୬ |
| ଶ୍ରୀମାନ୍ ପରୀକ୍ଷିତ ଶାସ୍ତ୍ରୀ | ବରଗଡ଼ | ୨୭ | ୪୪ | ଶ୍ରୀମାନ୍ ଶ୍ରୀକାନ୍ତ ଷଡ଼ଙ୍ଗୀ | ସୁନ୍ଦରଗଡ଼ | ୦୮ | ୪୪ |
| ସୁଶ୍ରୀ ଶୁଭଶ୍ରୀ ମହାପାତ୍ର | ବାଲେଶ୍ୱର | ୨୭ | ୧୬ | ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ଛତ୍ରପୁର | | ୧୧ | ୧୦ |
| ଶ୍ରୀମତୀ ରାସେଶ୍ୱରୀ ଦେଈ | ସୁନ୍ଦରଗଡ଼ | ୨୫ | ୩୬ | ଶ୍ରୀମାନ୍ ସଞ୍ଜୟ କୁମାର ଷଡ଼ଙ୍ଗୀ | ସମ୍ବଲପୁର | ୦୭ | ୪୮ |
| ବେଦ ପ୍ରଚାର ସମିତି, କଟକ | | ୧୩ | ୧୩୦ | ଶ୍ରୀମାନ୍ ଯୋଗେଶ୍ୱର ପଣ୍ଡା | ବୌଦ୍ଧ | ୦୮ | ୩୬ |
| ଶ୍ରୀମାନ୍ ଆର୍. ମୋହନ ରେଡ୍ଡି | ଗଞ୍ଜାମ | ୨୧ | ୪୬ | ଶ୍ରୀମାନ୍ ଗୌରଚନ୍ଦ୍ର ଦାସ | ଖୋର୍ଦ୍ଧା | ୦୮ | ୨୯ |
| ଶ୍ରୀମାନ୍ ରାଜେନ୍ଦ୍ର ଭୂୟାଁ | ଗଞ୍ଜାମ | ୧୯ | ୪୬ | ଶ୍ରୀମାନ୍ କାହ୍ନୁ ବାଳକୃଷ୍ଣ ବିହାରୀ | ଗଞ୍ଜାମ | ୧୧ | ୦୨ |
| ଶ୍ରୀମାନ୍ ସଂଗ୍ରାମ କେଶରୀ ମହାନ୍ତି | ଗଞ୍ଜାମ | ୨୨ | ୦୪ | ଶ୍ରୀମାନ୍ ଗୋପାଳକୃଷ୍ଣ ପାଟଖଣ୍ଡୋଳ | ରାୟଗଡ଼ା | ୧୧ | ୦୦ |
| ଶ୍ରୀମତୀ ସୁରେଶ୍ୱରୀ ପଣ୍ଡା | ବରଗଡ଼ | ୨୧ | ୧୧ | ଶ୍ରୀମାନ୍ ପୀତବାସ ଦଳେଇ | ସୁନ୍ଦରଗଡ଼ | ୦୯ | ୧୯ |
| ଶ୍ରୀମାନ୍ ପଙ୍କଜ ମେହେର | ସୁବର୍ଣ୍ଣପୁର | ୧୭ | ୪୦ | ଶ୍ରୀମାନ୍ ପ୍ରକାଶ କୁମାର ନାୟକ | କୋରାପୁଟ | ୧୦ | ୦୬ |
| ଶ୍ରୀମାନ୍ ପୂର୍ଣ୍ଣଚନ୍ଦ୍ର ନାୟକ | ମାଲକାନଗିରି | ୧୫ | ୫୭ | ଶ୍ରୀମାନ୍ ହରମୋହନ ସାହୁ | କଟକ | ୧୦ | ୦୨ |
| ଇଂ. ନାରାୟଣ ପଣ୍ଡା | ଗଞ୍ଜାମ | ୧୭ | ୨୮ | ଶ୍ରୀମାନ୍ ଇ. ବାବୁଲା | ଗଞ୍ଜାମ | ୧୦ | ୦୦ |
| ବେଦ ପ୍ରଚାର ସମିତି, ଜୟପୁର | | ୧୪ | ୪୪ | ଆର୍ଯ୍ୟସମାଜ, ସିମିଳିଗୁଡ଼ା | | ୧୦ | ୦୦ |
| ଶ୍ରୀମାନ୍ ରାଜକିଶୋର ସାହୁ | ରାୟଗଡ଼ା | ୧୪ | ୩୪ | ଶ୍ରୀମାନ୍ ଗୋପବନ୍ଧୁ ସାହୁ | ଗଞ୍ଜାମ | ୦୫ | ୦୮ |
| ଶ୍ରୀମାନ୍ ପବିତ୍ର କୁମାର ଘଡ଼ାଇ | ଅନୁଗୁଳ | ୧୬ | ୧୪ | ଇଂ. ଇ. କୁମାର ସ୍ୱାମୀ | ଖୋର୍ଦ୍ଧା | ୦୮ | ୧୧ |
| ଶ୍ରୀମାନ୍ କୃଷ୍ଣଚନ୍ଦ୍ର ପ୍ରଧାନ | ଖୋର୍ଦ୍ଧା | ୧୪ | ୩୨ | ଶ୍ରୀମାନ୍ ରାଜେନ୍ଦ୍ରନାଥ ପରିଡ଼ା | ଗଞ୍ଜାମ | ୦୯ | ୦୦ |
| ଶ୍ରୀମାନ୍ ରବିନାରାୟଣ ପ୍ରଧାନ | ପୁରୀ | ୧୭ | ୦୦ | ଶ୍ରୀମାନ୍ ରମେଶ ଚନ୍ଦ୍ର ସେଠୀ | ସୁନ୍ଦରଗଡ଼ | ୦୯ | ୦୦ |
| ଶ୍ରୀମାନ୍ ଆନନ୍ଦ ସାମନ୍ତରାୟ | ବଲାଙ୍ଗିର | ୧୧ | ୫୦ | ଶ୍ରୀମାନ୍ ବିଜୟ କୁମାର ବେହେରା | ସୁନ୍ଦରଗଡ଼ | ୦୫ | ୩୮ |
| ଶ୍ରୀମାନ୍ ସନ୍ତୋଷ କୁମାର ପଣ୍ଡା | ସୁନ୍ଦରଗଡ଼ | ୧୦ | ୫୪ | ଶ୍ରୀମାନ୍ ଭାସ୍କର ପ୍ରଧାନ | ସୁରତ | ୦୫ | ୨୭ |
| ଶ୍ରୀମାନ୍ ଅନାମ ଚରଣ ନାୟକ | କୋରାପୁଟ | ୧୫ | ୦୦ | ଶ୍ରୀମାନ୍ ସୁବୋଧ କୁମାର ବେହେରା | ରାୟଗଡ଼ା | ୦୬ | ୨୦ |
| ଶ୍ରୀମାନ୍ ବିଷ୍ଣୁ ପ୍ରସାଦ ମୁନି | ଗଞ୍ଜାମ | ୦୭ | ୭୩ | ଶ୍ରୀମାନ୍ ଦିବାକର ବାରିକ | ସୁନ୍ଦରଗଡ଼ | ୦୨ | ୬୦ |

| ନାମ | ଜିଲ୍ଲା | ଆଜୀବନ | ବାର୍ଷିକ |
|---|---|---|---|
| ଶ୍ରୀମାନ୍ ଅରୁଣ ନାୟକ | ସୁନ୍ଦରଗଡ଼ | ୦୩ | ୪୬ |
| ବେଦ ପ୍ରଚାର ସମିତି, ବରଗଡ଼ | | ୦୪ | ୩୪ |
| ଶ୍ରୀମାନ୍ କଂଗ୍ରେସ ସାହୁ | ବରଗଡ଼ | ୦୬ | ୧୪ |
| ଶ୍ରୀମାନ୍ ଦାମୋଦର ପଣ୍ଡା | ମାଲକାନଗିରି | ୦୫ | ୨୨ |
| ଡାକ୍ତର ସୁକାନ୍ତି ଦାସ | ବାଲେଶ୍ୱର | ୦୭ | ୦୦ |
| ଡକ୍ଟର ରୁଦ୍ର ପ୍ରସନ୍ନ ମହାପାତ୍ର | ଗଞ୍ଜାମ | ୦୬ | ୦୯ |
| ଶ୍ରୀମାନ୍ ଗଣେଶ ବାରିକ | ସୁନ୍ଦରଗଡ଼ | ୦୩ | ୩୬ |
| ଶ୍ରୀମାନ୍ ନୃସିଂହ ଚରଣ ସ୍ୱାଇଁ | ଖୋର୍ଦ୍ଧା | ୦୫ | ୧୭ |
| ଶ୍ରୀମତୀ ରଶ୍ମିରେଖା ନାୟକ | ବରଗଡ଼ | ୦୬ | ୦୬ |
| ଇଂ. ଅଭିମନ୍ୟୁ ମହାରଣା | କୋରାପୁଟ | ୦୬ | ୦୬ |
| ଶ୍ରୀମାନ୍ ଟି. ଭେଙ୍କଟ ରାଓ | ଗଞ୍ଜାମ | ୦୬ | ୦୩ |
| ଶ୍ରୀମାନ୍ ବାଲ୍ମୀକି ପଟ୍ଟନାୟକ | ଖୋର୍ଦ୍ଧା | ୦୬ | ୦୧ |
| ଶ୍ରୀମତୀ ମମତା ଦାସ | ଗଞ୍ଜାମ | ୦୫ | ୧୨ |
| ଶ୍ରୀମାନ୍ ପ୍ରମୋଦ କୁମାର ମହାନ୍ତି | ଗଞ୍ଜାମ | ୦୬ | ୦୧ |
| ଶ୍ରୀମତୀ ବୀଣାପାଣି ପଣ୍ଡା | ଭଦ୍ରକ | ୦୬ | ୦୧ |
| ଶ୍ରୀମତୀ ଭି. କମଳା ଦେବୀ | ଗଞ୍ଜାମ | ୦୬ | ୦୦ |
| ଇଂ. ପ୍ରଦୀପ କୁମାର ତ୍ରିପାଠୀ | ଗଞ୍ଜାମ | ୦୬ | ୦୦ |
| ଶ୍ରୀମାନ୍ ଅଜିତ୍ କୁମାର ପଣ୍ଡା | ଗଞ୍ଜାମ | ୦୫ | ୧୦ |
| ଡକ୍ଟର ଉଷା ପାଢ଼ୀ | ଗଞ୍ଜାମ | ୦୫ | ୦୮ |
| ଶ୍ରୀମାନ୍ ଅମୂଲ୍ୟ ଦୋରା | ଗଞ୍ଜାମ | ୦୫ | ୦୭ |
| ଶ୍ରୀମାନ୍ ଅରୂପାନନ୍ଦ ପାଣିଗ୍ରାହୀ | ଗଞ୍ଜାମ | ୦୫ | ୦୭ |
| ଶ୍ରୀମାନ୍ ରବୀନ୍ଦ୍ର କୁମାର ମହାପାତ୍ର | କଟକ | ୦୪ | ୧୬ |
| ଶ୍ରୀମତୀ ମମତା ଶତପଥି | ଗଞ୍ଜାମ | ୦୫ | ୦୫ |
| ସୁଶ୍ରୀ ରାଜଲକ୍ଷ୍ମୀ ସାହୁ | ଗଞ୍ଜାମ | ୦୪ | ୧୫ |
| ଶ୍ରୀମାନ୍ ଦୁଷ୍ମନ୍ତ କୁମାର ସାହୁ | ବଲାଙ୍ଗିର | ୦୫ | ୦୨ |
| ଶ୍ରୀମାନ୍ ଅଶୋକ କୁମାର ମେହେର | ବରଗଡ଼ | ୦୫ | ୦୧ |
| ଶ୍ରୀମତୀ ଲକ୍ଷ୍ମୀ ପଣ୍ଡା | ଖୋର୍ଦ୍ଧା | ୦୫ | ୦୦ |
| ଇଂ. ବିପିନ ବିହାରୀ ଦୀକ୍ଷିତ | ଗଞ୍ଜାମ | ୦୫ | ୦୦ |
| ଶ୍ରୀମାନ୍ ନିରଞ୍ଜନ ମଲ୍ଲିକ | ଝାରସୁଗୁଡ଼ା | ୦୫ | ୦୦ |
| ଶ୍ରୀମତୀ ପ୍ରତିମା ପଟ୍ଟନାୟକ | ସୁନ୍ଦରଗଡ଼ | ୦୫ | ୦୦ |
| ଶ୍ରୀମାନ୍ ଦିଲ୍ଲୀପ କୁମାର ପଟ୍ଟନାୟକ | ସୁନ୍ଦରଗଡ଼ | ୦୫ | ୦୦ |
| ଶ୍ରୀମତୀ ଆରତୀବାଳା ପ୍ରଧାନ | ଗଞ୍ଜାମ | ୦୫ | ୦୦ |
| ଶ୍ରୀମାନ୍ ବୈଦ୍ୟନାଥ ଜାଲ | ବୌଦ୍ଧ | ୦୩ | ୨୦ |
| ଶ୍ରୀମାନ୍ ମନୋରଂଜନ ଖମାରି | ବରଗଡ଼ | ୦୪ | ୧୦ |
| ଡାକ୍ତର ଯଦୁମଣି ନାୟକ | ବରଗଡ଼ | ୦୪ | ୦୭ |
| ଶ୍ରୀମାନ୍ ପ୍ରଦୀପ କୁମାର ପାଣିଗ୍ରାହୀ | ସୁନ୍ଦରଗଡ଼ | ୦୨ | ୨୬ |
| ଶ୍ରୀମାନ୍ ରବି ନାରାୟଣ ପ୍ରଧାନ | ଢେଙ୍କାନାଳ | ୦୨ | ୨୬ |
| ଶ୍ରୀମାନ୍ ସଙ୍କର୍ଷଣ ସାହୁ | ରାୟଗଡ଼ା | ୦୪ | ୦୪ |
| ଶ୍ରୀମାନ୍ ଅରୁଣ କୁମାର ସେଠୀ | ଖୋର୍ଦ୍ଧା | ୦୪ | ୦୪ |
| ଇଂ. କାଳୁଚରଣ ବେହେରା | କଟକ | ୦୪ | ୦୩ |
| ବେଦ ପ୍ରଚାର ସମିତି, ଚିକିଟି | | ୦୪ | ୦୩ |
| ଶ୍ରୀମାନ୍ ନୃସିଂହ ଚରଣ ମହାପାତ୍ର | | ୦୪ | ୦୨ |
| ଶ୍ରୀମାନ୍ ଗୋବିନ୍ଦ ଚନ୍ଦ୍ର ମହାରଣା | ଗଞ୍ଜାମ | ୦୪ | ୦୨ |
| ଡାକ୍ତର ସୁବଳ କୁମାର ନାୟକ | ସମ୍ବଲପୁର | ୦୪ | ୦୦ |
| ଶ୍ରୀମାନ୍ ଦ୍ୱିଜେନ୍ଦ୍ର କୁମାର ସାହୁ | ବଲାଙ୍ଗିର | ୦୪ | ୦୦ |
| ଇଂ. ସୁଧାକର ପତ୍ରୀ | ଖୋର୍ଦ୍ଧା | ୦୪ | ୦୦ |
| ଡକ୍ଟର ନୃପରାଜ ସାହୁ | ଖୋର୍ଦ୍ଧା | ୦୪ | ୦୦ |
| ଶ୍ରୀମାନ୍ ନବୀନ କୁମାର ପଟେଲ | ସମ୍ବଲପୁର | ୦୪ | ୦୦ |
| ଶ୍ରୀମାନ୍ ବିଜୟ କୁମାର ପରିଡ଼ା | ରାଉରକେଲା | ୦୪ | ୦୦ |
| ଶ୍ରୀମାନ୍ ବିରଞ୍ଚି ନାରାୟଣ ଆର୍ଯ୍ୟ | ସୁବର୍ଣ୍ଣପୁର | ୦୩ | ୦୫ |
| ଶ୍ରୀମତୀ ପୁଷ୍ପାଞ୍ଜଳି ମେହେର | ସୁବର୍ଣ୍ଣପୁର | ୦୩ | ୦୪ |
| ଶ୍ରୀମାନ୍ ଲକ୍ଷ୍ମଣ ମହାନ୍ତି | କୋରାପୁଟ | ୦୧ | ୨୪ |
| ଶ୍ରୀମାନ୍ ରଞ୍ଜିତ କୁମାର ନାୟକ | ସୁନ୍ଦରଗଡ଼ | ୦୨ | ୧୫ |
| ବେଦ ପ୍ରଚାର ସମିତି, ସୁବର୍ଣ୍ଣପୁର | | ୦୨ | ୦୯ |
| ଶ୍ରୀମତୀ ନର୍ମଦା ପାତ୍ର | ଖୋର୍ଦ୍ଧା | ୦୩ | ୧୩ |
| ଡାକ୍ତର ଆଦିତ୍ୟ କୁମାର ପଣ୍ଡା | ମୟୂରଭଞ୍ଜ | ୦୦ | ୩୨ |
| ଶ୍ରୀମାନ୍ ଅମୂଲ୍ୟ କୁମାର ମଲ୍ଲିକ | କେନ୍ଦ୍ରାପଡ଼ା | ୦୩ | ୦୧ |
| ଶ୍ରୀମାନ୍ ରବିନାରାୟଣ ଲେଙ୍କା | ଭଦ୍ରକ | ୦୩ | ୦୩ |
| ଶ୍ରୀମତୀ ଦୀପ୍ତିରାଣୀ ମହାନ୍ତି | ଗଞ୍ଜାମ | ୦୩ | ୦୩ |
| ଶ୍ରୀମତୀ ଟି. ବବିତା | ଗଞ୍ଜାମ | ୦୩ | ୦୩ |
| ଶ୍ରୀମତୀ ସୁଜାତା ମହାପାତ୍ର | ବରଗଡ଼ | ୦୩ | ୦୨ |
| ଶ୍ରୀମତୀ ଲକ୍ଷ୍ମୀପ୍ରିୟା ସାମନ୍ତରାୟ | ପୁରୀ | ୦୩ | ୦୦ |
| ଶ୍ରୀମାନ୍ ପ୍ରତାପ କୁମାର ବେହେରା | ବଲାଙ୍ଗିର | ୦୩ | ୦୦ |
| ଶ୍ରୀମାନ୍ ରୁଦ୍ରନାରାୟଣ ସାହୁ | ସମ୍ବଲପୁର | ୦୩ | ୦୦ |
| ଶ୍ରୀମାନ୍ କେ. ଉମେଶ ରାଓପାତ୍ର | ବଲାଙ୍ଗିର | ୦୩ | ୦୦ |
| ଶ୍ରୀମାନ୍ ଗୌରଚନ୍ଦ୍ର ପାତ୍ର | ଗଞ୍ଜାମ | ୦୨ | ୧୫ |
| ଶ୍ରୀମତୀ ସରିତା ବେହେରା | ସମ୍ବଲପୁର | ୦୨ | ୧୨ |
| ଶ୍ରୀମାନ୍ ହେମନ୍ତ କୁମାର ଜେନା | ସୁନ୍ଦରଗଡ଼ | ୦୨ | ୧୨ |

*କ୍ରମଶଃ...*

# ସମାଚାର ସଂସାର

## ଶ୍ରୁତିନ୍ୟାସର ସଦସ୍ୟ ହୁଅନ୍ତୁ-ବେଦ ପ୍ରଚାରରେ ସହଯୋଗ କରନ୍ତୁ

ଓଡ଼ିଶାରେ ବେଦ ପ୍ରଚାର କାର୍ଯ୍ୟକୁ ବ୍ୟବସ୍ଥିତ ଓ ଯୋଜନାବଦ୍ଧ ରୂପେ ଗତିଶୀଳ କରିବା ପାଇଁ ଶ୍ରୁତିନ୍ୟାସର ଟ୍ରଷ୍ଟି, ସଦସ୍ୟ ଓ ସହଯୋଗୀମାନଙ୍କୁ ନେଇ ବ୍ରହ୍ମପୁରରେ ଜୀବନ ନିର୍ମାଣ ଶିବିର ଅବସରରେ ଅକ୍ଟୋବର ୨୦୧୬ରେ ନ୍ୟାସର ଅଧ୍ୟକ୍ଷ ପୂଜ୍ୟ ସ୍ୱାମୀ ସୁଧାନନ୍ଦ ସରସ୍ୱତୀଙ୍କ ଅଧ୍ୟକ୍ଷତାରେ ଏକ ବିଶେଷ ବୈଠକ ସମ୍ପନ୍ନ ହୋଇଯାଇଛି। ବୈଠକରେ ଗତ ବର୍ଷର ନ୍ୟାସର କାର୍ଯ୍ୟ ସମୀକ୍ଷା କରାଯିବା ସହ ଆସନ୍ତା ବର୍ଷ ପାଇଁ କାର୍ଯ୍ୟ ଯୋଜନା ଗ୍ରହଣ କରାଯାଇଛି।

ବେଦ ପ୍ରଚାରକୁ ଅଧିକ ଗତିବାନ୍ କରିବା ପାଇଁ ଏକ 'ବୈଦିକ ଧର୍ମ ପ୍ରସାର ନିଧି' ସ୍ଥାପନ ପାଇଁ ନିଷ୍ପତ୍ତି ନିଆଗଲା। ଶ୍ରୁତିନ୍ୟାସର ବେଦ ପ୍ରଚାର କାର୍ଯ୍ୟରେ ପ୍ରଭାବିତ ହୋଇ ବହୁ ବ୍ୟକ୍ତି ଶ୍ରୁତିନ୍ୟାସ ସହ ସହଯୋଗ କରି ଓଡ଼ିଶାରେ ବେଦ ପ୍ରଚାର କାର୍ଯ୍ୟକୁ ପ୍ରଗତି ପଥରେ ଆଗେଇ ନେବା ପାଇଁ ଆଗ୍ରହ ପ୍ରକାଶ କରିଛନ୍ତି। ସେମାନେ ଅନେକ ସମୟରେ ଏ ଦିଗରେ କ'ଣ ସହଯୋଗ କରିପାରିବେ ସେ ଉପାୟ ଉପାୟ ବିଷୟରେ ଜିଜ୍ଞାସା ଉପସ୍ଥାପନ କରୁଛନ୍ତି। ଏଣୁ ସେଭଳି ଶ୍ରଦ୍ଧାଳୁ ବେଦପ୍ରେମୀମାନଙ୍କୁ ଶ୍ରୁତିନ୍ୟାସର ବିବିଧ ସଦସ୍ୟତା ଯୋଜନାରେ ନ୍ୟାସର ଅନ୍ତର୍ଭୁକ୍ତ କରି ବେଦ ପ୍ରଚାର କାର୍ଯ୍ୟକୁ ଆହୁରି ବ୍ୟାପକ କରାଯିବା ପାଇଁ ସଦସ୍ୟତା ଯୋଜନା ବ୍ୟାପକ କରିବାକୁ ସ୍ଥିର କରାଗଲା। ଏଣୁ ଶ୍ରଦ୍ଧାଳୁ ବେଦ ପ୍ରେମୀମାନଙ୍କୁ ବିନମ୍ର ନିବେଦନ ସେମାନେ କୌଣସି ଏକ ସଦସ୍ୟତା ଗ୍ରହଣ କରି ବେଦ ପ୍ରଚାର ପୁଣ୍ୟର ଭାଗୀ ହୁଅନ୍ତୁ। ଶାସ୍ତ୍ରରେ କୁହାଯାଇଛି- **'ସର୍ବେଷାମେବଦାନାନଂ ବ୍ରହ୍ମଦାନଂ ବିଶିଷ୍ୟତେ'**(ମନୁ)- ବେଦ ପ୍ରଚାର ପାଇଁ ଦାନ ଦେବା ସବୁଠୁ ପବିତ୍ର ଦାନ। ନିମ୍ନମତେ ଆର୍ଥିକ ସହଯୋଗ ପ୍ରଦାନ ପୂର୍ବକ ବେଦ ପ୍ରେମୀମାନେ ଶ୍ରୁତିନ୍ୟାସର ସଦସ୍ୟ ହୋଇପାରିବେ।

**ସଦସ୍ୟତା ଯୋଜନା**

ବୈଦିକ ଧର୍ମ ପ୍ରସାରକ - ମାସିକ ୧୦୦/- ବା ତଦୁର୍ଦ୍ଧ୍ୱ

ସହଯୋଗୀ ସଦସ୍ୟ - ୫,୦୦୦/- ବା ତଦୁର୍ଦ୍ଧ୍ୱ

ସକ୍ରିୟ ସଦସ୍ୟ - ୧୫,୦୦୦/- ବା ତଦୁର୍ଦ୍ଧ୍ୱ

ପ୍ରତିଷ୍ଠିତ ସଦସ୍ୟ - ୫୦,୦୦୦/- ବା ତଦୁର୍ଦ୍ଧ୍ୱ

ଆଜୀବନ ସଦସ୍ୟ - ୧,୦୦୦,୦୦ ବା ତଦୁର୍ଦ୍ଧ୍ୱ

୧. ଯେଉଁମାନେ କୌଣସି ଏକ ସଦସ୍ୟ ରୂପେ ବେଦ ପ୍ରଚାର କାର୍ଯ୍ୟରେ ସହଯୋଗ ପ୍ରଦାନ କରିବାକୁ ଚାହାଁନ୍ତି ସେମାନେ ସମ୍ପାଦକଙ୍କ ସହ ଯୋଗାଯୋଗ କରନ୍ତୁ।

**ସମ୍ପାଦକ**

ମୋ : ୯୮୬୧୩୩୫୩୨୧, ୮୯୦୮୦୦୫୧୦୫

### ଅଦ୍ୟାବଧି ନିମ୍ନ ବ୍ୟକ୍ତିମାନେ ଶ୍ରୁତିନ୍ୟାସର ସଦସ୍ୟତା ଗ୍ରହଣ କରିଛନ୍ତି-

| କ୍ର. | ନାମ | ଠିକଣା | କ୍ର. | ନାମ | ଠିକଣା |
|---|---|---|---|---|---|
| **ଆଜୀବନ ସଦସ୍ୟ ସୂଚୀ** | | | ୨. | ସୁଶ୍ରୀ ଶୁଭଶ୍ରୀ ମହାପାତ୍ର | ବାଲେଶ୍ୱର |
| ୧. | ଡି. ନାଗେଶ୍ୱର ପାତ୍ର | ଭୁବନେଶ୍ୱର | ୩. | ଶ୍ରୀମାନ୍ ଅରୁଣ କୁମାର ସେଠୀ | ରାଉରକେଲା |
| **ପ୍ରତିଷ୍ଠିତ ସଦସ୍ୟ** | | | ୪. | ନବଚେତନା ସ୍ୱାଭିମାନ ଫାଉଣ୍ଡେସନ୍ | ଅହ୍ମଦାବାଦ |
| ୧. | ଶ୍ରୀମାନ୍ ତ୍ରିନାଥ ପଣ୍ଡା | ବ୍ରହ୍ମପୁର | ୫. | ଶ୍ରୀମାନ୍ ଗୁରୁନାଥ ନାୟକ | ବ୍ରହ୍ମପୁର |

| କ୍ର. | ନାମ | ଠିକଣା | କ୍ର. | ନାମ | ଠିକଣା |
|---|---|---|---|---|---|

**ସକ୍ରିୟ ସଦସ୍ୟ**

| | | | | | |
|---|---|---|---|---|---|
| ୧. | ଶ୍ରୀମାନ୍ ବିଜୟ କୁମାର ବେହେରା | ରାଉରକେଲା | ୧୫. | ଶ୍ରୀମତୀ ବାସନ୍ତୀ ମିଶ୍ର | ଭୁବନେଶ୍ୱର |
| ୨. | ଶ୍ରୀମତୀ ସ୍ନେହଲତା ବେହେରା | ରାଉରକେଲା | ୧୬. | ଶ୍ରୀମତୀ ନର୍ମଦା ପାତ୍ର | ଭୁବନେଶ୍ୱର |
| ୩. | ଶ୍ରୀମାନ୍ ରଞ୍ଜିତ କୁମାର ନାୟକ | ରାଉରକେଲା | ୧୭. | ଶ୍ରୀମତୀ ପ୍ରତିଭା ଦାସ | ଭୁବନେଶ୍ୱର |
| ୪. | ଶ୍ରୀମାନ୍ ପ୍ରଦୀପ କୁମାର ପାଣିଗ୍ରାହୀ | ରାଉରକେଲା | ୧୮. | ଶ୍ରୀମାନ୍ ନିମାଇଁ ଚରଣ ସ୍ୱାଇଁ | ଭୁବନେଶ୍ୱର |
| ୫. | ଶ୍ରୀମତୀ ଗାୟତ୍ରୀ ପାଣିଗ୍ରାହୀ | ରାଉରକେଲା | ୧୯. | ଶ୍ରୀମତୀ ପୁଷ୍ପାଞ୍ଜଳି ଦେବୀ | ଭୁବନେଶ୍ୱର |
| ୬. | ଶ୍ରୀମାନ୍ ପୀତବାସ ଦଳେଇ | ରାଉରକେଲା | ୨୦. | ଶ୍ରୀମାନ୍ କୃଷ୍ଣଚନ୍ଦ୍ର ପ୍ରଧାନ | ଜଟଣୀ |
| ୭. | ଶ୍ରୀମାନ୍ ପ୍ରଫୁଲ୍ଲ ଚନ୍ଦ୍ର ବାଡ଼ତ୍ୟା | ରାଉରକେଲା | ୨୧. | ଶ୍ରୀମାନ୍ ପଙ୍କଜ ମେହେର | ସୋନପୁର |
| ୮. | ଶ୍ରୀମତୀ ସୁନୀତା ସ୍ୱାଇଁ | ରାଉରକେଲା | ୨୨. | ଶ୍ରୀମାନ୍ ଆନନ୍ଦ ସାମନ୍ତରାୟ | ଟିଟିଲାଗଡ |
| ୯. | ଶ୍ରୀମାନ୍ ରମେଶ ଚନ୍ଦ୍ର ପାତ୍ର | ରାଉରକେଲା | ୨୩. | ଡାକ୍ତର ସୁକାନ୍ତି ଦାସ | ବାଲେଶ୍ୱର |
| ୧୦. | ଶ୍ରୀମତୀ ରାସେଶ୍ୱରୀ ଦେଇ | ରାଉରକେଲା | ୨୪. | ଶ୍ରୀମାନ୍ ଦୁଷ୍ମନ୍ତ କିଶୋର ସ୍ୱାଇଁ | କଟକ |
| ୧୧. | ଶ୍ରୀମାନ୍ ଶ୍ରୀକାନ୍ତ ଷଡ଼ଙ୍ଗୀ | ରାଉରକେଲା | ୨୫. | ଶ୍ରୀମତୀ ଟି. ସବିତା ପାତ୍ର | ମୁମ୍ବାଇ |
| ୧୨. | ଶ୍ରୀମାନ୍ ନବଘନ ପ୍ରଧାନ | ରାଉରକେଲା | ୨୬. | ଶ୍ରୀମାନ୍ ମହେନ୍ଦ୍ର ଦାସ | ଅହମ୍ମଦାବାଦ |
| ୧୩. | ଶ୍ରୀମତୀ ସାବିତ୍ରୀ ପଣ୍ଡା | ରାଉରକେଲା | ୨୭. | ଶ୍ରୀମାନ୍ ରାଜକିଶୋର ବେହୁରା | ତିର୍ତ୍ତୋଲ |
| ୧୪. | ଶ୍ରୀମାନ୍ ଦିବାକର ବାରିକ | ରାଉରକେଲା | ୨୮. | ଶ୍ରୀମାନ୍ ସୁନୀଳ କୁମାର ଗରିଆ | ସୋନପୁର |
| | | | ୨୯. | ଶ୍ରୀମାନ୍ ନୀହାର ରଞ୍ଜନ ଭୂୟାଁ | ଜାମସେଦପୁର |

ପ୍ରତି ଜିଲ୍ଲାରେ ଅନ୍ୟୂନ ପକ୍ଷେ ଗୋଟିଏ ଜିଲ୍ଲାସ୍ତରୀୟ ବେଦ ପ୍ରଚାର ସମିତି ଗଠନ କରାଯିବା ପାଇଁ ସ୍ଥିର କରାଗଲା। ଶ୍ରୁତିନ୍ୟାସର ମାର୍ଗଦର୍ଶନରେ ବେଦ ପ୍ରଚାର କାର୍ଯ୍ୟକୁ ଓଡ଼ିଶା ପ୍ରଦେଶର ସବୁଆଡ଼େ ବ୍ୟବସ୍ଥିତ ରୂପେ କରାଯିବା ପାଇଁ ନିମ୍ନମତେ ଦାୟିତ୍ୱ ବଣ୍ଟନ କରାଗଲା —

### ବେଦ ପ୍ରଚାର ସମିତି, ଖୋର୍ଦ୍ଧା ଜିଲ୍ଲା

ସଭାପତି : ଶ୍ରୀମାନ୍ ଦଣ୍ଡପାଣି ମିଶ୍ର
ଉପସଭାପତି : ଶ୍ରୀମାନ୍ ନିମାଇଁ ଚରଣ ସ୍ୱାଇଁ
ସଂପାଦକ : ଇଂ. ଇ. କୁମାର ସ୍ୱାମୀ
ସହ ସମ୍ପାଦକ : ଶ୍ରୀମାନ୍ ଗୌରଚନ୍ଦ୍ର ଦାସ
ପ୍ରଚାର ବିଭାଗ : ଶ୍ରୀମାନ୍ ଅଜୟ କିଶୋର ମହାପାତ୍ର
ଶ୍ରୀମାନ୍ କୃଷ୍ଣଚନ୍ଦ୍ର ପ୍ରଧାନ
ଶ୍ରୀମାନ୍ ଅନୀଲ କୁମାର ମହାପାତ୍ର
ଶ୍ରୀମାନ୍ ନୃସିଂହ ଚରଣ ସ୍ୱାଇଁ
ଶ୍ରୀମତୀ ନର୍ମଦା ପାତ୍ର
ଡଃ. ଲଳିତ ମଞ୍ଜରୀ ଦାସ

### ବେଦ ପ୍ରଚାର ସମିତି, ଗଞ୍ଜାମ ଜିଲ୍ଲା

ସଭାପତି : ଇଂ. ନାରାୟଣ ପଣ୍ଡା
ଉପସଭାପତି : ଶ୍ରୀମାନ୍ ସଂଗ୍ରାମ କେଶରୀ ମହାନ୍ତି
ସଂପାଦକ : ଶ୍ରୀମାନ୍. ଆର୍. ମୋହନ ରେଡ୍ଡି
ସହ ସମ୍ପାଦକ : ଶ୍ରୀମାନ୍ ବିଷ୍ଣୁ ପ୍ରସାଦ ମୁନି
ପ୍ରଚାର ବିଭାଗ : ଶ୍ରୀମାନ୍ ଅରୂପାନନ୍ଦ ପାଣିଗ୍ରାହୀ
ଶ୍ରୀମାନ୍ ପ୍ରମୋଦ କୁମାର ମହାନ୍ତି
ଶ୍ରୀମାନ୍ ରାଜେନ୍ଦ୍ର ଭୂୟାଁ
ଶ୍ରୀମାନ୍ ଗୋପବନ୍ଧୁ ସାହୁ
ଶ୍ରୀମାନ୍ ଅଜିତ କୁମାର ପଣ୍ଡା
ଶ୍ରୀମାନ୍ ନୃସିଂହ ଚରଣ ମହାପାତ୍ର
ଶ୍ରୀମତୀ ନମିତା ତ୍ରିପାଠୀ
ଶ୍ରୀମତୀ ମମତା ଦାସ







ବୌଦ୍ଧ ଜିଲ୍ଲାର ଶିବିରାର୍ଥୀଗଣ

କନ୍ଧମାଳ ଜିଲ୍ଲାର ଶିବିରାର୍ଥୀଗଣ






ବେଦ ପ୍ରଚାର ସମିତି, କଟକ ପକ୍ଷରୁ ସାରଳା ଭବନଠାରେ ସ୍ୱାମୀ ସୁଧାନନ୍ଦ ସରସ୍ୱତୀଙ୍କ ବେଦ ପ୍ରବଚନ





ଲୋକସେବକ ମଣ୍ଡଳର ସମ୍ପାଦକ ନିରଞ୍ଜନ ରଥ, ଡଃ. ସତ୍ୟ ରାୟ ଓ ସ୍ୱାମୀଜୀ

ବେଦ ପ୍ରଚାର ସମିତି, କଟକର ସଦସ୍ୟବୃନ୍ଦ






ବେଦ ପ୍ରଚାର ସମିତି, ଜଗତସିଂହପୁର ପକ୍ଷରୁ ଜଗତସିଂହପୁରରେ ସ୍ୱାମୀଜୀଙ୍କ ବେଦ ପ୍ରବଚନ

With Best Compliments From:

**SVM BORE WELL / SHREERAM BORE WELL**

**2nd Line Extn., Gandhi Nagar, Brahmapur-760002**

**Deals with all types of drilling of bore wells (5", 6", 8") dia with DTH Method in Modern Technology**

***Contact No. 0680-2223448, 9439130820, 8763629521***

RNI Regn. No. : ODIODI/2015/65938

₹ 20/- Shruti Sourabha Vol. 2 Issue 1 Nov.-Dec. 2016



ଶିବିରରେ ଉପାସନା ପ୍ରଶିକ୍ଷଣ ଦେଉଛନ୍ତି ପୂଜ୍ୟ ସ୍ୱାମୀ ଅମୃତାନନ୍ଦ ସରସ୍ୱତୀ


ପ୍ରଶିକ୍ଷଣରତ ଶିବିରାର୍ଥୀଗଣ



ପୂଜ୍ୟ ସ୍ୱାମୀ ଅମୃତାନନ୍ଦ ସରସ୍ୱତୀଙ୍କ ଜନ୍ମଦିନ ଅବସରରେ କିଶୋରମାନଙ୍କ ଦ୍ୱାରା ସ୍ୱାମୀଜୀଙ୍କୁ ଜନ୍ମଦିନର ଅଭିନନ୍ଦନ



ଶିବିରରେ କିଶୋରମାନଙ୍କ ଯଜ୍ଞ ପରିଚାଳନାରେ ଯଜମାନ ଆସନରେ ସ୍ୱାମୀ ଅମୃତାନନ୍ଦ ସରସ୍ୱତୀ

## Shruti Sourabha

**Spiritual Social Vedic Magazine**
**Bi-Monthly**

**Editor**
**Shruti Sourabha**
Qrs. No. - F/22, Sector - 18
Rourkela - 3, Sundargarh
Odisha - 769003
Mob. : 9861335321

Printed and Published by Swami Sudhananda Saraswati on behalf of "Shrutinyasa"
Printed at : Global Printers, A/19, Rasulgarh Industrial Estate, Bhubaneswar-751010
Published at : Shrutinyasa, HIG-VII-152, PO - Sailashree Vihar, Bhubaneswar - 751021
**Editor : Padmanabha Swain**